

ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
30 YEARS

# ସମ୍ବାଦ କଳିକା

The Sambad Kalika
TM
E-mail : sambadkalikanews@gmail.com
e-paper www.sambadkalika.in
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008
କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ
ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages,₹ 2.00

● ବର୍ଷ–୩୧ ● ସଂଖ୍ୟା–୨୧୧ ● ୨୮ ଅଗଷ୍ଟ ୨୦୨୪, ବୁଧବାର ● ଭୁବନେଶ୍ୱର ● Vol -31 ● Issue-211 ● 28th August 2024, Wednesday ● Bhubaneswar | Licensed to post without pre-payment of postage No- BN-60/22-24

DSPL-87

ଓଡ଼ିଶା ଶାସନ
ସୁଭଦ୍ରା

## ମହିଳା ସଶକ୍ତିକରଣ ପାଇଁ ଯୁଗାନ୍ତକାରୀ ପଦକ୍ଷେପ



ମାନ୍ୟବର ପ୍ରଧାନମନ୍ତ୍ରୀ
ଶ୍ରୀ ନରେନ୍ଦ୍ର ମୋଦୀ

## ସୁଭଦ୍ରା

ଏହି ଯୋଜନା ଅଧୀନରେ ସମସ୍ତ ଯୋଗ୍ୟ ମହିଳାମାନଙ୍କୁ ପ୍ରତି ବର୍ଷ ୧୦ ହଜାର ଟଙ୍କାର ସହାୟତା ରାଶି

**୫ ବର୍ଷରେ ପାଇବେ ମୋଟ ୫୦ ହଜାର ଟଙ୍କା**

**ଧନ୍ୟବାଦ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜୀ**



ମାନ୍ୟବର ମୁଖ୍ୟମନ୍ତ୍ରୀ
ଶ୍ରୀ ମୋହନ ଚରଣ ମାଝୀ

- ଉପକୃତ ହେବେ ୧ କୋଟିରୁ ଊର୍ଦ୍ଧ୍ୱ ମହିଳା
- ପାଞ୍ଚ ବର୍ଷରେ ବ୍ୟୟ ହେବ ୫୫ ହଜାର ୮୨୫ କୋଟି ଟଙ୍କା

### ପ୍ରମୁଖ ବିଶେଷତା

୨୧ ବର୍ଷ କିମ୍ବା ତଦୁର୍ଦ୍ଧ୍ୱ ଏବଂ ୬୦ ବର୍ଷରୁ କମ୍ ବୟସର ସମସ୍ତ ଯୋଗ୍ୟ ମହିଳା ହେବେ ଉପକୃତ

ପ୍ରତ୍ୟେକ ଗ୍ରାମ ପଞ୍ଚାୟତ ଓ ସହରାଞ୍ଚଳରେ ସର୍ବାଧିକ ପରିମାଣର ଡିଜିଟାଲ କାରବାର କରୁଥିବା ୧୦୦ ଜଣ ହିତାଧିକାରୀଙ୍କୁ ଅତିରିକ୍ତ ୫୦୦ ଟଙ୍କା ପ୍ରୋତ୍ସାହନ ରାଶି

ବାର୍ଷିକ ଦୁଇଟି କିସ୍ତିରେ ୧୦,୦୦୦ ଟଙ୍କା ଅର୍ଥରାଶି ପ୍ରଦାନ

ରାକ୍ଷୀ ପୂର୍ଣ୍ଣିମା ଏବଂ ଅନ୍ତର୍ଜାତୀୟ ମହିଳା ଦିବସ (ମାର୍ଚ୍ଚ ୮ ତାରିଖ)ରେ ୫,୦୦୦ ଟଙ୍କା ଲେଖାଏଁ ପ୍ରଦାନ

ଆଧାର ପେମେଣ୍ଟ ବ୍ରିଜ୍ ସିଷ୍ଟମ୍ (APBS) ମାଧ୍ୟମରେ ହିତାଧିକାରୀଙ୍କ ଆଧାର ସଂଯୋଜିତ ବ୍ୟାଙ୍କ୍ ଖାତାକୁ ସିଧାସଳଖ ଅର୍ଥରାଶି ପ୍ରଦାନ



OIPR : 46005/13/0004/2425

**ମହିଳା ଓ ଶିଶୁ ବିକାଶ ବିଭାଗ, ଓଡ଼ିଶା ସରକାର**





# ବେଲୁଚିସ୍ଥାନରେ ୨୩ ଜଣଙ୍କୁ ହତ୍ୟା କଲେ ଆତଙ୍କବାଦୀ

**ନୂଆଦିଲ୍ଲୀ, ନ୍ୟୁଜ୍ ବ୍ୟୁରୋ**

ରବିବାର ରାତିରେ ପାକିସ୍ଥାନର ବେଲୁଚିସ୍ଥାନରେ ଆତଙ୍କବାଦୀ ମାନେ ବସ୍‌ରୁ ଓହ୍ଲାଇ ୨୩ ଜଣ ଲୋକଙ୍କୁ ଗୁଳି ମାରିଦେଇଛନ୍ତି । ଆତଙ୍କବାଦୀମାନେ ସେଠାରୁ ପଳାଇଯିବା ପୂର୍ବରୁ ଅନେକ ଗାଡିରେ ନିଆଁ ଲଗାଇ ଦେଇଥିଲେ । ପାକିସ୍ଥାନ ଖବର କାଗଜ ଡନ୍ ଅନୁଯାୟୀ ଏହି ଘଟଣା ବେଲୁଚିସ୍ଥାନର ମୁସାଖେଲରେ ଘଟିଛି । ମୁସାଖେଲର ପୋଲିସ ଅଧିକାରୀ ନଜୀବ କାକର କହିଛନ୍ତି ଆତଙ୍କବାଦୀମାନେ ପ୍ରଥମେ ରର୍ଶାମ ଅଞ୍ଚଳର ରାଜପଥ ଅବରୋଧ କରିଥିଲେ । ତାପରେ ପଞ୍ଜାବରୁ ଆସୁଥିବା ଏବଂ ଯାଉଥିବା ଗାଡିକୁ ଅଟକାଇ ପଚରାଉଚରା କରିଥିଲେ । ବନ୍ଧୁକଧାରୀ ଆକ୍ରମଣକାରୀ ପ୍ରଥମେ ଆଇଡି କାର୍ଡ ଯାଞ୍ଚ କରୁଥିଲେ ତାପରେ ଗୁଳି ମାରି ଦେଉଥିଲେ । କାକର କହିଛନ୍ତି ପଞ୍ଜାବ ଲୋକଙ୍କୁ ଚିହ୍ନଟ କରାଯାଇ ଗୁଳି କରାଯାଇଛି । ଏବେ ପର୍ଯ୍ୟନ୍ତ କୌଣସି ସଂସ୍ଥାକୁ ଦାୟୀ କରାଯାଇନାହିଁ । ତେବେ ମୃତକଙ୍କ ମଧ୍ୟରେ ବେଲୁଚିସ୍ଥାନର ତିନି ଜଣ ଅଛନ୍ତି । ଏହା ବ୍ୟତୀତ ସମସ୍ତ ୨୦ ଜଣ ନାଗରିକ ପଞ୍ଜାବର ବାସିନ୍ଦା । ବରିଷ୍ଠ ଏସପି ଆୟୁବ ଖୋସୋ କହିଛନ୍ତି ଯେ ଆତଙ୍କବାଦୀମାନେ ଯିବା ପୂର୍ବରୁ ୧୨ଟି ଗାଡିରେ ନିଆଁ ଲଗାଇ ଦେଇ ପାହାଡିଆ ରାସ୍ତାରେ ପଳାଇଛନ୍ତି । ସେ କହିଛନ୍ତି ଏ ସମ୍ପର୍କରେ ସୂଚନା ପାଇବା ପରେ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଲୋକଙ୍କୁ ହସ୍ପିଟାଲ ପଠାଇଥିଲା । ନିଷିଦ୍ଧ ଆତଙ୍କବାଦୀ ସଂଗଠନର ଆକ୍ରମଣକାରୀମାନେ ଏହି ଆକ୍ରମଣ କରିଥିଲେ । ତେବେ ସେ ସେହି ସଂଗଠନର ପରିଚୟ ଦେଇନାହାଁନ୍ତି । ରାଷ୍ଟ୍ରପତି ଆସିକ ଅଲ୍ଲୀ ଜରଦାରୀ ଏହି ଆକ୍ରମଣକୁ ନିନ୍ଦା କରିବା ସହ ମୃତ୍ୟୁବରଣ କରିଥିବା ଲୋକଙ୍କ ପରିବାରକୁ ସମବେଦନା ଜଣାଇଛନ୍ତି । ଆତଙ୍କବାଦ ଘଟଣାକୁ ବେଲୁଚିସ୍ଥାନ ମୁଖ୍ୟମନ୍ତ୍ରୀ ସରଫରାଜ ବୁଗତୀ ମଧ୍ୟ ନିନ୍ଦା କରିଛନ୍ତି । ପଞ୍ଜାବରେ ଅପ୍ରେଲରେ ଏହିଭଳି ସମାନ ଭାବରେ ଆକ୍ରମଣ ହୋଇଥିଲା ଯେଉଁଥିରେ ୯ ଜଣଙ୍କୁ ଗୁଳି ମାରିଥିଲେ । ଅକ୍ଟୋବର ୨୩ରେ କେଚ ଜିଲ୍ଲାର ତୁର୍ବାଟରେ ପଞ୍ଜାବରେ ଅଜ୍ଞାତ ଆକ୍ରମଣକାରୀମାନେ ୬ ଜଣ ଶ୍ରମିକଙ୍କୁ ହତ୍ୟା କରିଥିଲେ ।

# ପାଣିଘେରରେ ବସ୍ତିବାସିନ୍ଦା:ଯାତାୟାତରେ ବାଧା



**ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ**

ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ କୃଷ୍ଣାନନ୍ଦପୁର ପଞ୍ଚାୟତର ଅର୍ଦ୍ଧାଧିକ ବସ୍ତିବାସିନ୍ଦା ପାଣି ଘେରରେ ଥିବା ଦେଖିବାକୁ ମିଳିଛି । ଜଇପୁର - କଟିକଟା ମହାନଦୀ ଉପରେ କୃଷ୍ଣାନନ୍ଦପୁର ଠାରେ ସେତୁ ନିର୍ମାଣ କରାଯାଇଛି । ପୋଲ ଠାରୁ ଆଖୁନମହଲା ଛକ ପର୍ଯ୍ୟନ୍ତ ନିର୍ମାଣ କରାଯାଇଥିବା ପିଚୁ ରାସ୍ତା ଓ ଦୁଇ ପାର୍ଶ୍ୱରେ ଡ୍ରେନ୍ ନିର୍ମାଣ କରାଯାଇଛି । ରାସ୍ତାର ଦୁଇ ପାର୍ଶ୍ୱରେ ଥିବା ବସ୍ତି ଗୁଡିକ ଜଳାର୍ଣ୍ଣବ ହୋଇଯାଇଛି । ପାଣି ନିଷ୍କାସନ ପାଇଁ ପଞ୍ଚାୟତ କିମ୍ବା ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉନାହିଁ । ଯାହାଫଳରେ ଏହି ବସ୍ତିମାନଙ୍କରେ ଥିବା ଲୋକମାନେ ନାନା ପ୍ରକାର ଅଜଣା ରୋଗର ଶିକାର ହେଉଛନ୍ତି । ଏହି ବସ୍ତି ଭିତରେ ଜଳ ନିଷ୍କାସନ ହୋଇପାରୁନଥିବାରୁ ଆଣ୍ଠୁଏ ଉପରକୁ ପାଣି ଜମି ରହି ଯାତାୟାତରେ ବାଧା ଉପୁଯୁଛି । ସ୍ଥାନୀୟ ସରପଞ୍ଚଙ୍କ ନିଘା ନଥିବା ବସ୍ତିବାସିନ୍ଦା କହିଛନ୍ତି । ସରପଞ୍ଚ ହୁଅନ୍ତୁ ବା ସମିତି ସଭ୍ୟ ହୁଅନ୍ତୁ ଅଥବା ରାଜନେତା ମାନେ ହୁଅନ୍ତୁ ନିର୍ବାଚନ ସମୟରେ ଆସି ବିଭିନ୍ନ ପ୍ରକାର ପ୍ରଲୋଭନ ଦେଖାଇ ଭୋଟ୍ ନେଇ ବିଜୟ ଲାଭ ପରେ ଲୋକମାନଙ୍କୁ ଭୁଲିଯାଇଥାନ୍ତି । କୃଷ୍ଣାନନ୍ଦପୁର ପଞ୍ଚାୟତର ଆଖୁନମହଲା, ଇଟାଟିକିରି, ନଦାମହଲା, କାଜିମହଲା, ବାରେଘର, ତାଳବରୋଇ ବସ୍ତି ପ୍ରମୁଖ ସ୍ଥାନରେ ମାତ୍ରାଧିକ ପାଣି ଜମିରହିଥିବାରୁ ନାନା ସମସ୍ୟା ସୃଷ୍ଟି ହେଉଛି । ଏଥିପ୍ରତି ସ୍ଥାନୀୟ ୱାର୍ଡ ସଭ୍ୟସଭ୍ୟା, ସରପଞ୍ଚ, ସମିତି ସଭ୍ୟ, ବିଧାୟକ, ବ୍ଲକ ପ୍ରଶାସନ, ଜିଲ୍ଲାପ୍ରଶାସନ ଦୃଷ୍ଟି ଦେଇ ପଦକ୍ଷେପ ନେବାପାଇଁ ବସ୍ତିବାସିନ୍ଦା ଦାବି କରିଛନ୍ତି ।

## ଲଦାଖରେ ୫ଟି ନୂଆ ଜିଲ୍ଲା କରିବାକୁ କେନ୍ଦ୍ରର ନିଷ୍ପତ୍ତି

**ନୂଆଦିଲ୍ଲୀ, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ର ସରକାର ଲଦାଖରେ ୫ଟି ନୂଆ ଜିଲ୍ଲା କରିବାକୁ ନିଷ୍ପତ୍ତି ନେଇଛି । ଏହି ନୂଆ ଜିଲ୍ଲା ଜାଂସ୍କର, ଦ୍ରାସ, ଶାମ, ନୁବରା ଓ ଚାଙ୍ଗଥାଙ୍ଗ ଅଟେ । କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ସୋମବାର ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମରେ ଏହି ସୂଚନା ଦେଇଛନ୍ତି । କେନ୍ଦ୍ରମନ୍ତ୍ରୀ ଅମିତ ଶାହ ଲେଖିଛନ୍ତି ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିକଶିତ ଓ ସମୃଦ୍ଧ ଲଦାଖ ନିର୍ମାଣର ଦୃଷ୍ଟିକୋଣକୁ ଆଗକୁ ବଢାଇ, ଗୃହ ମନ୍ତ୍ରାଳୟ କେନ୍ଦ୍ର ଶାସିତ ଅଞ୍ଚଳରେ ୫ ନୂଆ ଜିଲ୍ଲା କରିବାକୁ ନିଷ୍ପତି ନେଇଛି । ନୂଆ ଜିଲ୍ଲା ଅର୍ଥାତ ଜାଂସ୍କର, ଦ୍ରାସ, ଶାମ, ନୁବରା ଓ ଚାଙ୍ଗଥାଙ୍ଗ ପ୍ରତି ଗଳି ଓ ମହଲାରେ ଶାସକୁ ମଜ୍‌ବୁତ୍ କରି ଲୋକ କବାଟ ନିକଟରେ ଲାଭ ପହଞ୍ଚାଇବୁ । ମୋଦି ସରକାର ଲଦାଖର ଲୋକଙ୍କ ପାଇଁ ବ୍ୟାପକ ସୁଯୋଗ ସୃଷ୍ଟି କରିବା ପାଇଁ ପ୍ରତିବଦ୍ଧ ।

# ଅନ୍ଧ ବିଶ୍ୱାସର ବଶବର୍ତ୍ତୀ ହୋଇ ୨୨ ବର୍ଷର ପୁଅକୁ ହରାଇଲା ମା'

**ପୁରୀ, ନ୍ୟୁଜ୍ ବ୍ୟୁରୋ**

ଏବେବି କିଛି ଅଞ୍ଚଳର ଲୋକେ ରୋଗ ହେଲେ ଡାକ୍ତରଖାନା ନଯାଇ ଗୁଣିଗାରେଡ଼ି ଉପରେ ନିର୍ଭର କରୁଛନ୍ତି । ଫଳରେ ରୋଗୀ ଭଲହେବା ପରିବର୍ତ୍ତେ ଅକାଳରେ ଜୀବନ ହାରୁଛନ୍ତି । ଏହିପରି ଅନ୍ଧ ବିଶ୍ୱାସର କରୁଣ ପରିଣତି ଭୋଗିବାକୁ ପଡ଼ିଛି ଗୋଟିଏ ପରିବାରକୁ । ଫଳରେ ଉକ୍ତ ପରିବାର ୨୨ ବର୍ଷର ପୁଅକୁ ହରାଇଛି । ଏଭଳି ଏକ ଘଟଣା ଦେଖିବାକୁ ମିଳିଛି । ଚନ୍ଦନପୁର ଥାନା ଅଧିନ ଗଙ୍ଗାନାରାୟଣପୁର ପଞ୍ଚାୟତର ଗୋଟିଏ ଆଶ୍ରମରେ । ବ୍ରହ୍ମପୁର ସୁବାସ ନଗରର ଭାରତୀ ନାୟକଙ୍କ ଏକମାତ୍ର ପୁଅ ହେଉଛନ୍ତି ମଧୁସୂଦନ ନାୟକ (୨୨) ଉଚ୍ଚ ଶିକ୍ଷିତ ହୋଇବି ସେ ଅନ୍ଧ ବିଶ୍ୱାସରୁ ବର୍ତ୍ତି ପାରିନାହାନ୍ତି । ଠିକ୍ ୮ ଦିନ ପୂର୍ବେ ରବିବାର ଦିନ ତାଙ୍କର ଜ୍ୱର ହୋଇଥିଲା । ତାଙ୍କ ମା' ଭାରତୀ ନାୟକ ପୁଅକୁ ଭଲ କରିବା ପାଇଁ ଗଙ୍ଗାନାରାୟଣପୁରରେ ଥିବା ଆଶ୍ରମର ବାବାଙ୍କ ସହ କଥା ହୋଇଥିଲେ । ପୁଅକୁ ଏଠାକୁ ଆଣି ହୁକୁମ୍ ଖାଇଲେ ଭଲ ହୋଇଯିବ ବୋଲି ବାବା କହିଥିଲେ ବୋଲି ମୃତକଙ୍କ ମା' କହିଛନ୍ତି । ସେହି ଅନୁସାରେ ରବିବାର ଭାରତୀ ପୁଅକୁ ଆଣି ଗଙ୍ଗାନାରାୟଣପୁର ଆଶ୍ରମରେ ପହଞ୍ଚିଥିଲେ । ସେଠାରେ ସେ ୮ ଦିନ ହେଲା ବାବାଙ୍କ ଆଜ୍ଞା ଅନୁଯାୟୀ ନୀତି ନିୟମରେ ହୁକୁମ୍ ଖାଇ ରହିଥିଲେ । ଶନିବାର ତାଙ୍କ ପୁଅ ଜ୍ୱରରୁ ଭଲ ହୋଇଯାଇଥିଲା । ରବିବାର ରାତି ୩ଟାରେ ମଧୁସୂଦନଙ୍କ ନିଦ ଭାଙ୍ଗିଥିଲା । ପରେ ତାଙ୍କ ମା' ତାଙ୍କୁ ଶୋଇବାକୁ କହିଥିଲେ, ହେଲେ ଭୋର୍ ୫ଟାରେ ତାଙ୍କ ପୁଅର ସ୍ୱାସ୍ଥ୍ୟବସ୍ଥା ହଠାତ୍ ଖରାପ ହୋଇଯାଇଥିଲା । ପୁଅ କିଛି କହିବାକୁ ଚାହୁଁଥିଲେ ମଧ କଥା ହୋଇପାରିନଥିଲେ । ଶେଷର ଆଖି ବୁଜିଥିଲେ । ଦିନ ୧୧ଟାରେ ମା' ମଧୁସୂଦନଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଚନ୍ଦନପୁର ଥାନାରେ ମାମଲା ରୁଜୁ କରାଯାଇଛି । ମଧୁସୂଦନଙ୍କ ମା' ଗଙ୍ଗାନାରାୟଣପୁର ଆଶ୍ରମକୁ ପ୍ରାୟ ୨୦ ବର୍ଷ ହେଲା ଆସୁଥିବା କହିଛନ୍ତି । ବାବା ତାଙ୍କ ପୁଅକୁ ଭଲ କରିଦେଇଥିଲେ, କିନ୍ତୁ ରବିବାର କେହି ଗୁଣି କରିଦେବାରୁ ପୁଅ ମରିଗଲା ବୋଲି ସେ କହିଛନ୍ତି । ଜିଲା ମୁଖ୍ୟ ଚିକିତ୍ସାଳୟର ଡ. ସତ୍ୟଜିତ ମହାନ୍ତି କହିଛନ୍ତି, କେବଳ ଜ୍ୱର ନୁହେଁ, କୌଣସି ପ୍ରକାର ଶରୀର ଅସୁସ୍ଥ ହେଲେ ଗୁଣିଗାରେଡ଼ି ଉପରେ ନିର୍ଭର ନକରି ତୁରନ୍ତ ଡାକ୍ତରଖାନାକୁ ଯାଇ ଚିକିତ୍ସା କରାନ୍ତୁ ।

## ଅବକାରୀ ବିଭାଗର ଚଢଉ:ବିପୁଳ ମଦ ଓ ପୋଚ ନଷ୍ଟ

**କନ୍ଧମାଳ, ନ୍ୟୁଜ୍ ବ୍ୟୁରୋ**

ଅବକାରୀ ଅଧୀକ୍ଷକ ଝସ କେତନ ବରିହାଙ୍କ ନିର୍ଦ୍ଦେଶରେ କନ୍ଧମାଳ ଜିଲ୍ଲା ଖଜୁରୀପଡା ବ୍ଲକ ଗୁଡାରି ଗାଁ ପାଖରେ ଥିବା ଏକ ଜଙ୍ଗଲରେ ଅବକାରୀ ବିଭାଗର ମିଳିତ ଭାବରେ ଚଢ଼ଉ କରି ଜଙ୍ଗଲ ମଧ୍ୟରେ ବେଆଇନ୍ ଭାବରେ ରନ୍ଧା ଯାଉଥିବା ଦେଶୀ ମଦ ଭାଟିକୁ ସମ୍ପୂର୍ଣ୍ଣ ନଷ୍ଟ କରିଦେଇଥିବା ବେଳେ ସେହିଯାଗାରୁ ବିପୁଳ ପରିମାଣରେ ମହୁଲ ପୋଚ ୩୨୦୦ କେଜି ସହ ୨୨୦ ଲିଟର ହାତ ରନ୍ଧା ଦେଶୀ ମଦ ଜବତ କରାଯାଇ ନଷ୍ଟ କରାଯାଇଛି । ତେବେ ଜବତ ମଦ ଓ ପୋଚର ଆନୁମାନିକ ମୂଲ୍ୟ ୪ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ହେବ ବୋଲି ସୂଚନା ଦିଆଯାଇଛି । ସେହିପରି ଉକ୍ତ ଦିନ ଫିରିଙ୍ଗିଆ ଥାନା ଅନ୍ତର୍ଗତ ଗେରୁପଡା ପାହାଡ଼ ପାଖ ଅଞ୍ଚଳରେ ଅବକାରୀ ବିଭାଗ ପକ୍ଷରୁ ଚଢଉ କରି ମହୁଲ ପୋଚ ୧୫୨୦ କେଜି ହାତ ରନ୍ଧା ମହୁଲି ମଦ ୮୦ ଲିଟର ନଷ୍ଟ କରାଯାଇଛି । ଘଟଣାରେ କୌଣସି ଅଭିଯୁକ୍ତ ଧରାପଡି ନାହାନ୍ତି । ଏହି ଚଢ଼ଉରେ ଅନ୍ୟମାନଙ୍କ ମାଧରେ ଅବକାରୀ ଇନ୍ସପେକ୍ଟର ଅନ୍ୟାନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ ।

# ଯୌନ କେଲେଙ୍କାରୀକୁ ନେଇ ମାଲାୟଲମ୍ ଚଳଚ୍ଚିତ୍ର ଜଗତରେ ହଇଚଇ

**ତିରୁଅନନ୍ତପୁରମ୍, ନ୍ୟୁଜ୍ ବ୍ୟୁରୋ**



ଯୌନ କେଲେଙ୍କାରୀକୁ ନେଇ ମାଲାୟଲମ୍ ଚଳଚ୍ଚିତ୍ର ଜଗତରେ ହଇଚଇ ସୃଷ୍ଟି ହୋଇଛି । ବଙ୍ଗୀୟ ଅଭିନେତ୍ରୀ ଶ୍ରୀଲେଖା ମିତ୍ର ଏଭଳି ଅଭିଯୋଗ ଆଣିବାପରେ କେରଳ ଚଳଚ୍ଚିତ୍ର ଏକାଡେମୀ ଅଧ୍ୟକ୍ଷ ରଞ୍ଜିତ ରବିବାର ନିଜ ପଦରୁ ଇସ୍ତଫା ଦେଇଛନ୍ତି । ଶ୍ରୀଲେଖାଙ୍କ ଅଭିଯୋଗ ଅନୁଯାୟୀ ୨୦୦୯ରେ ଏକ ସିନେ ପ୍ରକଳ୍ପ ସମ୍ପର୍କରେ ଆଲୋଚନା କରିବାକୁ ରଞ୍ଜିତଙ୍କ ପାଖକୁ ଯାଇଥିବାବେଳେ ରଞ୍ଜିତ ତାଙ୍କୁ ଅସଦାରଣ କରିଥିଲେ । ଫଳରେ ପରଦିନ ସେ କେରଳ ଛାଡିଥିଲେ ବୋଲି ଶ୍ରୀଲେଖା କହିଛନ୍ତି । ଅପରପକ୍ଷରେ ଏଭଳି ଅଭିଯୋଗ ସମ୍ପୂର୍ଣ୍ଣ ଭିତ୍ତିହୀନ ଏବଂ ଉଦ୍ଦେଶ୍ୟ ପ୍ରଣୋଦିତ ବୋଲି ରଞ୍ଜିତ କହିଛନ୍ତି । ଏକ ଚଳଚ୍ଚିତ୍ରର ଅଡିସନ୍ ଦେବାକୁ ଶ୍ରୀଲେଖାଙ୍କୁ ଡକାଯାଇଥିଲା । ତେବେ ଅକୃତକାର୍ଯ୍ୟ ହେବାରୁ ତାଙ୍କୁ ଫେରିଯିବାକୁ କୁହାଯାଇଥିଲା । ତେଣୁ ପ୍ରତିଶୋଧ ପରାୟଣ ହୋଇ ଶ୍ରୀଲେଖା ଏଭଳି ଅଭିଯୋଗ ଆଣିଥିବା ରଞ୍ଜିତ କହିଛନ୍ତି । ଏହି ପରିସ୍ଥିତିରେ ରଞ୍ଜିତ ତୁରନ୍ତ ଏକାଡେମୀ ଅଧ୍ୟକ୍ଷ ପଦରୁ ଇସ୍ତଫା ଦେବାକୁ ରାଜ୍ୟ ବିଜେପି ଓ ସିପିଏମ୍ ପକ୍ଷରୁ ଦାବି କରାଯାଇଥିଲା । ଅପରପକ୍ଷରେ ରେବତୀ ସମ୍ପତ ନାମ୍ନୀ ଅନ୍ୟ ଜଣେ ଅଭିନେତ୍ରୀଙ୍କ ଅଭିଯୋଗକୁ ଆଧାର କରି ମାଲାୟଲମ୍ ଅଭିନେତା ସିଦ୍ଦିକୀ ରବିବାର 'ଆମ୍ମା' (ଆସୋସିଏସନ୍ ଅଫ୍ ମାଲାୟଲମ୍ ମୁଭି ଆର୍ଟିଷ୍ଟ) ସାଧାରଣ ସମ୍ପାଦକ ପଦରୁ ଇସ୍ତଫା ଦେଇଛନ୍ତି । ସେ ତାଙ୍କର ଇସ୍ତଫା ପତ୍ର ଆସୋସିଏସନ୍ ସଭାପତି ତଥା ମାଲାୟଲମ୍ ସୁପରଷ୍ଟାର୍ ମୋହନଲାଲଙ୍କ ନିକଟକୁ ପଠାଇଛନ୍ତି । ଏକ ଚଳଚ୍ଚିତ୍ରର ବିଷୟବସ୍ତୁ ସମ୍ପର୍କରେ ଆଲୋଚନା କରିବାକୁ ବାସଭବନକୁ ଡକାଇଥିବା ବେଳେ ଅଗଷ୍ଟ ୨୪ରେ ସିଦ୍ଦିକୀ ତାଙ୍କୁ ଯୌନ ନିର୍ଯାତନା ଦେଇଥିଲେ ବୋଲି ରେବତୀ ଅଭିଯୋଗ କରିଛନ୍ତି । ଚଳଚ୍ଚିତ୍ର ଜଗତରେ ଏଭଳି ନିର୍ଯାତନାର ତଦନ୍ତ କରିବାକୁ ମୁଖ୍ୟମନ୍ତ୍ରୀ ପିନରାଇ ବିଜୟନଙ୍କ ନିର୍ଦ୍ଦେଶକ୍ରମେ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଛି । ଆଇଜି ଏ. କୁମାରଙ୍କ ଅଧ୍ୟକ୍ଷତାରେ ଗଠିତ କମିଟିରେ ୪ ଜଣ ମହିଳା ଆଇପିଏସ୍ ଅଫିସରଙ୍କୁ ସାମିଲ୍ କରାଯାଇଛି । ସୂଚନାଯୋଗ୍ୟ କେରଳ ଚଳଚ୍ଚିତ୍ର ଜଗତରେ ମହିଳା ଅଭିନେତ୍ରୀଙ୍କୁ ଯୌନ ନିର୍ଯାତନା ଦିଆଯାଉଛି ବୋଲି ଜଷ୍ଟିସ୍ କେ. ହେମାଙ୍କ ଅଧ୍ୟକ୍ଷତାରେ ଗଠିତ କମିଟି ୨୦୧୭ରେ ରାଜ୍ୟ ସରକାରଙ୍କୁ ରିପୋର୍ଟ ଦେଇସାରିଛନ୍ତି ।

## ଟ୍ରକ୍ ପଛରେ ପିଟି ହେଲା କାର:ଦମ୍ପତି ମୃତ, ୪ ଆହତ

**ଲାଠିକଟା, ନ୍ୟୁଜ୍ ବ୍ୟୁରୋ**

ସୁନ୍ଦରଗଡ଼ ଜିଲ୍ଲା ଲାଠିକଟା ବ୍ଲକ ଅନ୍ତର୍ଗତ ୧୦ ନମ୍ବର ରାଜ୍ୟ ରାଜପଥ ଚିକଟମାଟି ନିକଟରେ ସୋମବାର ଭୋର୍ ୪ଟା ବେଳେ ଛିଡ଼ା ହୋଇଥିବା ଏକ ଟ୍ରକ୍ ପଛରେ କାର୍ ପିଟି ହେବାରୁ କାର୍‌ରେ ଥିବା ସ୍ୱାମୀ, ସ୍ତ୍ରୀଙ୍କ ମୃତ୍ୟୁ ହୋଇଥିବା ଜଣାପଡିଛି । ଦୁର୍ଘଟଣାରେ ୪ଜଣ ଆହତ ହୋଇଛନ୍ତି । ଆହତଙ୍କୁ ବେଦବ୍ୟାସ ସ୍ଥିତ ଏକ ଘରୋଇ ହାସପାତାଳରେ ଭର୍ତ୍ତି କରାଯାଇଛି । ପୋଲିସ ସୂତ୍ରରୁ ପ୍ରକାଶ ଯେ ସମ୍ବଲପୁରରୁ ଏକ କାର୍‌ରେ ରାଉରକେଲା ଚୌଧୁରୀ ପେଟ୍ରୋଲ ପମ୍ପ ନିକଟ ଡିଏଭି ଗଳିରେ ରହୁଥିବା ପୁରହିତ ତାଣ୍ଡି, ତାଙ୍କ ସ୍ତ୍ରୀ ସରିତା ଖେସ୍, ପୁଅ ଏବଂ ଅନ୍ୟ ୩ ବନ୍ଧୁ ଯାଉଥିଲେ । ଚିକଟମାଟି ନିକଟରେ ରାଜ୍ୟ ରାଜପଥ କଡ଼ରେ ଛିଡା ହୋଇଥିବା ଏକ ଟ୍ରକ୍ ପଛରେ କାର୍ ପିଟି ହୋଇଥିଲା । ଫଳରେ ସରିତାଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବା ବେଳେ ଅନ୍ୟମାନେ ଆହତ ହୋଇଥିଲେ । ସ୍ଥାନୀୟ ଲୋକଙ୍କ ସହାୟତାରେ ସମସ୍ତଙ୍କୁ ଉଦ୍ଧାର କରାଯାଇ ବେଦବ୍ୟାସ ସ୍ଥିତ ଏକ ଘରୋଇ ଡାକ୍ତରଖାନାକୁ ପଠାଯାଇଥିଲା । ସେଠାରେ ପୁରହିତ ତାଣ୍ଡିଙ୍କୁ ଡାକ୍ତର ମୃତ ଘୋଷଣ କରିଥିଲେ । ଅନ୍ୟ ୪ ଜଣ ଚିକିତ୍ସାଧୀନ ଥିବା ଜଣାପଡିଛି । ଏ ନେଇ ବ୍ରାହ୍ମଣୀତରଙ୍ଗ ପୋଲିସ ଏକ ମାମଲା ରୁଜୁ କରି ଦୁର୍ଘଟଣାଗ୍ରସ୍ତ କାର୍‌କୁ ଜବତ କରିଥିବା ଜଣାଯାଇଛି ।

# ଖାଲି ପଡ଼ିଛି ରାଜ୍ୟର ପ୍ରଥମ ୨୪ଘଣ୍ଟିଆ ଚାଉଳ ଏଟିଏମ୍



**ମଞ୍ଚେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ଜନସାଧାରଣଙ୍କ ସୁବିଧା ପାଇଁ ମଞ୍ଚେଶ୍ୱର ଅଞ୍ଚଳରେ ରାଜ୍ୟର ପ୍ରଥମ ୨୪ ଘଣ୍ଟିଆ ଚାଉଳ ଏଟିଏମ୍ ଗତ ୮ରେ ଶୁଭାରମ୍ଭ ହୋଇଥିଲା । ସରକାରଙ୍କ ଅନ୍ନପୂର୍ତ୍ତିରୁ ହିତାଧିକାରୀମାନେ ନିଜ ରାସନକାର୍ଡ ନମ୍ବର ମାରି ଚାଉଳ ଉଠାଇବା ବ୍ୟବସ୍ଥା କରାଯାଇଛି । ଏହି ଏଟିଏମ୍‌ର ଶୁଭାରମ୍ଭକୁ ଇତି ମଧ୍ୟରେ ୭ଦିନ ବିତିଛି । ଏବେ ଏଟିଏମ୍ ଖାଲି ପଡିଥିବା ଜଣାପଡ଼ିଛି । ଚଳିତ ମାସରେ ପ୍ରତ୍ୟେକ ହିତାଧିକାରୀ ସ୍ଥାନୀୟ ଡିଲରଙ୍କ ଠାରୁ ରାସନ୍ ସଂଗ୍ରହ କରିନେବା ପରେ ଶେଷ ପର୍ଯ୍ୟାୟରେ ଏହି ଏଟିଏମ୍ ସ୍ଥାପନ ଯାଇଥିଲା । ସେତେବେଳକୁ ପ୍ରାୟ ୯୯ ଭାଗ ହିତାଧିକାରୀ ନିଜ ନିଜର ଶସ୍ୟ ସଂଗ୍ରହ କରିସାରିଥିଲେ । କାଁ ଭାଁ ଯେଉଁମାନେ ରହିଯାଇଥିଲେ ଏହି ଏଟିଏମ୍‌ରୁ ଚାଉଳ ଉଠାଇଥିଲେ । ଗତ କିଛିଦିନ ହେଲା ଏଟିଏମ୍ ଖାଲି ପଡ଼ିଥିବା ଜଣାପଡ଼ିଛି । ୩ ମାସ ପାଇଁ ଶସ୍ୟ ଗୋଦାମରେ ନଥିବାରୁ ଏବେ ଏଟିଏମ୍ ଖାଲି ପଡ଼ିଥିବା କୁହାଯାଉଛି ।

# ଚାକିରି ଦେବା ନାଁରେ ଲକ୍ଷ ଲକ୍ଷ ଟଙ୍କା ଠକେଇ:ମାଷ୍ଟର ମାଇଣ୍ଡ ଗିରଫ

**ମାଲକାନଗିରି, ନ୍ୟୁଜ୍ ବ୍ୟୁରୋ**

ଚାକିରି ଦେବା ନାଁରେ ମାଲକାନଗିରି ଜିଲ୍ଲାରେ ଲକ୍ଷାଧିକ ଟଙ୍କାର ଠକେଇ ହୋଇଛି । ଅଭିଯୋଗ ପରେ ମାଥିଲି ପୋଲିସ ଜିଲ୍ଲା ପରିଷଦ ସଦସ୍ୟା ସସ୍ମିତା ମାଝି, କେନ୍ଦ୍ରାପଡ଼ାର ରମେଶ ଚନ୍ଦ୍ର ରାଉତ ଓ ସହଯୋଗୀ ଜୀବନ ସାହୁଙ୍କ ବିରୋଧରେ ମାମଲା ରୁଜୁ କରିଛି । ମାମଲାରେ ପୋଲିସ ମାଷ୍ଟର୍ ମାଇଣ୍ଡ୍ ରମେଶ ରାଉତକୁ ଭୁବନେଶ୍ୱରରୁ ଗିରଫ କରିଛି । ପୋଲିସ କାର୍ଯ୍ୟାନୁଷ୍ଠାନ ଭୟରେ ଫେରାର୍ ହୋଇଯାଇଛନ୍ତି । ଜିଲ୍ଲା ପରିଷଦ ସଦସ୍ୟା ସସ୍ମିତା ଓ ତାଙ୍କ ସହଯୋଗୀ ଜୀବନ ୪ଟି ମାମଲା ରୁଜୁ କରି ପୋଲିସ୍ ତଦନ୍ତ କରୁଥିବା ମାଥିଲି ଥାନା ଅଧିକାରୀ ଦେବଦତ୍ତ ମଲ୍ଲିକ୍ ସୂଚନା ଦେଇଛନ୍ତି । ଏମାନେ ଚାକିରି ପ୍ରତିଶ୍ରୁତି ଦେଇ ଲକ୍ଷାଧିକ ଟଙ୍କା ଠକି ନେଇଛନ୍ତି । ଏପରିକି ଏହି ମାମଲାରେ ପୋଲିସ୍ ଗିରଫ କରିଥିବା ରମେଶ ରାଉତ ସିଧାସଳଖ ତାଙ୍କ ଆକାଉଣ୍ଟରେ ଟଙ୍କା ପଠାଇବା ପାଇଁ ଲୋକଙ୍କୁ କୁହାଯାଇଥିଲା । ଜଣେ କି ଦୁଇ ଜଣ ନୁହେଁ ଅନେକ ଲୋକଙ୍କ ଠାରୁ ଅର୍ଥ ହଡ଼ପ କରିଥିବା ଅଭିଯୋଗ ହୋଇଛି । ସ୍ଥାନୀୟ ବ୍ୟବସାୟୀ କାର୍ତ୍ତିକ ରାୟଙ୍କୁ ଇ-ସ୍କୁଟି ଟେଣ୍ଡର କରାଇଦେବା ପ୍ରଲୋଭନ ଦେଖାଇ ୨୬ଲକ୍ଷ ୨୦ହଜାର ଟଙ୍କା ଠକି ନେଇଛନ୍ତି ଏମାନେ । ସେହିପରି ଚାକିରି କରାଇଦେବା ନାଁରେ ନନ୍ଦ କିଶୋର ପୁହାଣଙ୍କ ଠାରୁ ୭ଲକ୍ଷ ୩୦ହଜାର, ମାଧବ ହରେଶ କୁମାରଙ୍କ ଠାରୁ ପିଇଓ ଚାକିରି କରାଇ ଦେବା ଆଳରେ ୧୦ଲକ୍ଷ ୧୦ହଜାର ଟଙ୍କା ଠକି ନେଇଛନ୍ତି । ଟଙ୍କା ଦେବାର ବହୁ ମାସ ପରେ ମଧ ଚାକିରି ନମିଳିବାରୁ ଅସନ୍ତୋଷ ପ୍ରକାଶ କରିଥିଲେ ମଧ ଭୟରେ କେହି ମୁହଁ ଖୋଲୁନଥିଲେ । ମୁହଁ ଖୋଲିଲେ ହତ୍ୟା ଧମକ ମିଳୁଥିବାରୁ ସଭିଏଁ ଚୁପ୍ ରହୁଥିଲେ । କଥା ଧୀରେ ଧୀରେ ପଦାକୁ ଆସିବା ପରେ ଥାନାରେ ପହଞ୍ଚିଥିଲା ମାମଲା । ଏହି ରାକେଟ୍‌ର ଚେର ମାଲକାନଗିରିରୁ କୋରାପୁଟ ଦେଇ କେନ୍ଦ୍ରାପଡ଼ା ପର୍ଯ୍ୟନ୍ତ ଲମ୍ବିଛି । ଫେରାର୍ ଜିଲ୍ଲା ପରିଷଦ ସଦସ୍ୟା ସସ୍ମିତା ଓ ସହଯୋଗୀ ଜୀବନ ଗିରଫ ହେବାପରେ ବହୁ ତଥ୍ୟ ପଦାକୁ ଆସିବ ବୋଲି ଅନୁମାନ କରାଯାଉଛି ।

## କନିଷ୍ଠ ରାଜସ୍ୱ ସହକାରୀଙ୍କୁ ନିଲମ୍ବନ କଲେ ଜିଲ୍ଲାପାଳ

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଦେଇଥିବା ସୂଚନା ଅନୁଯାୟୀ ୨୫ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ ଗିରଫ ହୋଇ ଜେଲ୍ ଯାଇଥିବା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର କନିଷ୍ଠ ରାଜସ୍ୱ ସହାୟକ ଚୌଧୁରୀ ପପୁନ କୁମାର ଦାଶଙ୍କୁ ଶୁକ୍ରବାର ଜିଲ୍ଲାପାଳ ସୁବ୍ରତ କୁମାର ପଣ୍ଡା ନିଲମ୍ବନ କରିଛନ୍ତି । ଆସନ୍ତା ସେପ୍ଟେମ୍ବର ୪ ତାରିଖ ପର୍ଯ୍ୟନ୍ତ ସେ ବିଚାର ବିଭାଗୀୟ ହାଜତ୍‌ରେ ରହିବାକୁ ଫୁଲବାଣୀ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ଆଦେଶ ଦେଇଥିବା ହେତୁ ହାଜତ୍ ମିଆଦ ୪୮ ଘଣ୍ଟାରୁ ଅଧିକ ହେଉଥିବାରୁ ଜିଲ୍ଲାପାଳ ନିଲମ୍ବନ କରିଛନ୍ତି । ସେହିପରି ଉକ୍ତ ନିଲମ୍ବନ ଅବଧି ମଧ୍ୟରେ ଶ୍ରୀ ଦାଶ ବୌଦ୍ଧ ତହସିଲ କାର୍ଯ୍ୟାଳୟ ଠାରେ କାର୍ଯ୍ୟ କରିବେ । ଜିଲ୍ଲାପାଳଙ୍କ ବିନା ଅନୁମତିରେ ସଦର ଛାଡି ନଯିବାକୁ ନିର୍ଦ୍ଦେଶ ଦେଇଛନ୍ତି ।

# ସଡ଼କ ଦୁର୍ଘଟଣାରେ ୨ ମୃତ, ୨ ଗୁରୁତର

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**



ସୋମବାର ବୌଦ୍ଧ ଥାନା ରଇଠାଣୀ ବାଇପାସ୍ ଛକ ନିକଟରେ ଏକ ହାଇୱା ଧକ୍କାରେ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ୨ଜଣ ଗୁରୁତର ଆହତଙ୍କୁ ପ୍ରଥମେ ବୌଦ୍ଧ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା । ସେମାନଙ୍କ ଅବସ୍ଥା ଗୁରୁତର ହେବାରୁ ସେଠାରୁ ବୁର୍ଲା ମେଡାକାଲକୁ ସ୍ଥାନାନ୍ତର କରାଯାଇଛି । ଘଟଣାରୁ ପ୍ରକାଶ ଯେ ସୋମବାର ସକାଳ ୯ଟା ସମୟରେ ରଇଠାଣୀ ବାଇପାସ୍ ଛକ ନିକଟରେ ହାଇୱା ଧକ୍କାରେ ଜଣେ ଯୁବତୀଙ୍କ ମୃତ୍ୟୁ ଘଟିଛି । ମୃତକ ଜଣକ ବୌଦ୍ଧ ମର୍ଜାକୁଦ ଗ୍ରାମର ପାୟଲ୍ ରାଜହଂସ । ଅନ୍ୟ ଦୁଇ ଜଣ ଗୁରୁତର ଅବସ୍ଥାରେ ବୌଦ୍ଧ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ । ପ୍ରାଥମିକ ଚିକିତ୍ସା ପରେ ଉଭୟଙ୍କୁ ବୁର୍ଲା ଭୀମସାରକୁ ସ୍ଥାନାନ୍ତର କରାଯାଇଛି । ବୁର୍ଲା ସ୍ଥାନାନ୍ତର ହୋଇଥିବା ବାଇକ ଚାଳକ ବଢିଗାଁ ଗ୍ରାମର ଶ୍ରୀତମ ବେହେରା ଓ ବାଇକ୍ ପଛରେ ବସିଥିବା ଅନ୍ୟ ଜଣେ ଯୁବତୀ ଟୁଟୁସିଙ୍ଗା ଗ୍ରାମର ଆରତୀ ଝାଙ୍କର ବୋଲି ଡାକ୍ତରଖାନା ସୂତ୍ରରୁ ସୂଚନା ମିଳିଛି । ଜାତୀୟ ରାଜପଥ ନଂ ୫୭ର ବୌଦ୍ଧ ଥାନା ରଇଠାଣୀ ବାଇପାସ୍ ଛକ ନିକଟରେ ହମ୍ପସ୍ ନିର୍ମାଣ ଓ ଗୋଲେଇ ଛକ ନିର୍ମାଣ ଦାବିରେ ସ୍ଥାନୀୟ ଲୋକେ ପ୍ରାୟ ୨ ଘଣ୍ଟା ଧରି ରାସ୍ତା ଅବରୋଧ କରିଥିଲେ । ରାସ୍ତାରୋକ୍ ଫଳରେ ଅନେକ ଯାନବାହାନ ଅଟକି ରହିଥିଲା । ପୋଲିସ ସେଠାରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିବାପରେ ରାସ୍ତାରୋକ୍ ହଟିଥିଲା । ସେହିପରି ଫିସେରୀ କାର୍ଯ୍ୟାଳୟ ନିକଟରେ ଏକ ସ୍କୁଟି ଦୁର୍ଘଟଣାରେ ଗୁରୁତରଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିଲା । ଶୁକ୍ରବାର ସନ୍ଧ୍ୟା ୬ଟା ସମୟରେ ବୌଦ୍ଧ ସହରର ଶୁକଦେବ ମେହେର ମୁର୍ଷୁଣ୍ଡି ପଟରୁ ବୌଦ୍ଧ ଆଡକୁ ସ୍କୁଟି ଯୋଗେ ଫେରୁଥିବା ବେଳେ ସଦର ଫିସେରୀ କାର୍ଯ୍ୟାଳୟ ନିକଟରେ ସାଇକେଲ ସହ ଧକ୍କା ହୋଇଥିଲା । ଫଳରେ ରାସ୍ତା ଉପରେ ଶ୍ରୀ ମେହେର ଛିଟିକି ପଡିଥିଲେ । ରାସ୍ତାରେ ଯାଉଥିବା ଲୋକେ ତାଙ୍କୁ ଉଦ୍ଧାର କରି ଏକ ଅଟୋ ଯୋଗେ ବୌଦ୍ଧ ଡାକ୍ତରଖାନା ଆଣିଥିଲେ । ବିଳମ୍ବିତ ରାତିରେ ତାଙ୍କର ମୃତ୍ୟୁ ହୋଇଯାଇଥିବା ବେଳେ ପୋଲିସ ମୃତଦେହକୁ ଜବତ କରି ଶବାଗାରରେ ରଖିଛି । ସୋମବାର ମୃତଦେହକୁ ବ୍ୟବଚ୍ଛେଦ କରାଇବା ପରେ ପରିବାରକୁ ହସ୍ତାନ୍ତର କରାଯାଇଥିବା ଜଣାପଡ଼ିଛି ।

# ଆଜିର ଭଲମନ୍ଦ



ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

ଉଦୟକାଳୀନ ଗ୍ରହଚକ୍ର




**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୧ ସାଲ, ଶକାବ୍ଦ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୫, କଳିଯୁଗାବ୍ଦ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୭ଙ୍କ

**ତା୨୮।୮।୨୦୨୪, ଭାଦ୍ରବ ଦି୧୩ନ, ବୁଧବାର**

**ସୂର୍ଯ୍ୟୋଦୟ-** ଘ୫।୩୦।୧୯ **ଚନ୍ଦ୍ରୋଦୟ-** ରାଘ୧୨।୫୮।୧୧

**ଦଶମୀ-** ରାଘ ୧।୨୦ ପର୍ଯ୍ୟନ୍ତ । **ମୃଗଶିରା ନକ୍ଷତ୍ର-** ଦିଘ ୩।୫୩ ପର୍ଯ୍ୟନ୍ତ । **ମିଥୁନ ଚନ୍ଦ୍ର-** ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-** ମେଷ, ମିଥୁନ, କର୍କଟ, ସିଂହ, ଧନୁ, ମକର ଓ ମୀନ ରାଶିର । **ଘାତ ଚନ୍ଦ୍ର-** କନ୍ୟା ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** କଳମ ଶାଗ ରାଘ ୧।୨୦ ପରେ ଶିମ୍ବ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୩୪ ଗତେ ଘ ୭।୧୩ ମଧ୍ୟେ । ଦିଘ ୧।୫୨ ଗତେ ଘ୫।୧୨ ମଧ୍ୟେ । **ପର୍ବୋତ୍ସବ -** ସ୍ୱାମୀ ଚିଦାନନ୍ଦ ସରସ୍ୱତୀଙ୍କ ମହାପ୍ରୟାଣ ଦିବସ ।



**ମେଷ:** ଆଜି ଦିନଟି ବେଶ୍ ହସ ଖୁସିରେ ବିତାଇବେ । କାର୍ଯ୍ୟ ସାଫଲ୍ୟ ହେତୁ ମନରେ ଆନନ୍ଦ ଆସିବ । ଅନ୍ୟମାନଙ୍କ ପାଖରେ ସମ୍ମାନିତ ହେବେ । ବନ୍ଧୁ ସହଯୋଗ ଲାଭ କରିବେ । ରୋଜଗାରରେ ପ୍ରଗତି ।



**ବୃଷ:** ସମସ୍ତଙ୍କ ଅସହଯୋଗ ଆପଣଙ୍କୁ ହତୋତ୍ସାହିତ କରିବ । କର୍ମହାନୀର ସମ୍ଭାବନା । ଦୁଶ୍ଚିନ୍ତାରେ ପଡ଼ିପାରନ୍ତି । ଆୟର ପରିମାଣ ବଢ଼ିବ । ପାରିବାରିକ ଜଞ୍ଜାଳ ଗ୍ରସ୍ତ ହେବେ । ମହିଳାମାନେ ଗର୍ବୀ ହେବେ ।



**ମିଥୁନ:** ପୁରାତନ କର୍ମପ୍ରାପ୍ତିର ସୁଯୋଗ ଲାଭ କରିବେ । ଆଜି ଆହାର ବ୍ୟବହାର ପ୍ରତ୍ୟେକରେ ତୃପ୍ତି ଲାଭ କରିବେ । ରୋଜଗାର ଭଲ ହେବ । ଗୃହେ ଆନନ୍ଦ ପ୍ରାପ୍ତି ହେବ । ଦେହ ଭଲ ରହିବ ।



**କର୍କଟ:** ବନ୍ଧୁ ସହଯୋଗ ଲାଭ କରିବା ସହିତ ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି । ଆୟ ଠାରୁ ବ୍ୟୟର ପରିମାଣ କ୍ରମଶଃ ଅଧିକ ହେବ । କର୍ମକ୍ଷେତ୍ରରେ ପ୍ରଶଂସା ଲାଭ କରିବେ । କିନ୍ତୁ ଘରେ ଅଶାନ୍ତି ।



**ସିଂହ:** ବିଭିନ୍ନ ପ୍ରକାର ସମସ୍ୟା ମଧ ଦେଇ ଗତି କରିବେ । କର୍ମକ୍ଷେତ୍ରରେ ସହଯୋଗ ଲାଭ କରିପାରିବେ । ପାରିବାରିକ ସମସ୍ୟା ଦେଖାଦେବ । ମନ ଅସ୍ଥିର ରହିବ । ରୋଜଗାରରେ ବୃଦ୍ଧି ହେବ ।



**କନ୍ୟା:** ସାହାଯ୍ୟ ସହଯୋଗ ଲାଭ କରିବେ । କର୍ମକ୍ଷେତ୍ରରେ ଅଗ୍ରଗତି କରିବେ । ଆୟର ପରିମାଣ ବଢ଼ିବ । ଦିନସାରା କର୍ମଚଞ୍ଚଳ ରହିବେ । ସୁସମ୍ବାଦ ପ୍ରାପ୍ତି ସହ ଗୃହେ ଆନନ୍ଦ ଲାଭ ହେବ । ମନ ଭଲ ରହିବ ।



**ତୁଳା:** ଅନ୍ୟମାନଙ୍କ ମଧ୍ୟରେ କର୍ମ ସମ୍ପାଦନ ପାଇଁ ପରିସ୍ଥିତି ସୃଷ୍ଟି ହେବ । ବନ୍ଧୁ ସହଯୋଗ ପାଇବେ । ତଥାପି ଅଳସୁଆ ପଣରୁ ପାରିବାରିକ କର୍ମହାନୀ । ଆୟ ଓ ବ୍ୟୟର କିଛି ପରିବର୍ତ୍ତନ ହେବନାହିଁ ।



**ବିଛା:** ମନରେ ଆଶାନ୍ତି ସହିତ ଦୁଶ୍ଚିନ୍ତା ବଢ଼ିବାର ଆଶଙ୍କା ରହିଛି । କର୍ମହାନୀର ସୂଚନା । ଦେହ ପୀଡ଼ା ଅନୁଭବ କରିବେ । ଆୟ ଠାରୁ ବ୍ୟୟର ପରିମାଣ ଅଯଥାରେ ବଢ଼ିବ । ସମସ୍ତ ଆଡ଼କୁ ନଜର ରଖି କାର୍ଯ୍ୟ କରିବେ ।



**ଧନୁ:** ବନ୍ଧୁ ସହଯୋଗରେ ନିଜର କାର୍ଯ୍ୟ ସାଧନା କରିପାରିବେ । କର୍ମକ୍ଷେତ୍ରରେ ବେଶ୍ ଆନନ୍ଦ ଅନୁଭବ କରିବେ । ଆହାରେ ତୃପ୍ତି କିନ୍ତୁ ରୋଜଗାରରେ ବାଧା । କର୍ମକ୍ଷେତ୍ରରେ ଅନୁପସ୍ଥିତ ରହିବାର ସୂଚନା ।



**ମକର:** ଆପଣଙ୍କ ଅନିଷ୍ଟ କର୍ତ୍ତା ଆଜି ହାର୍ ମାନିବେ । ଶତ୍ରୁ ହାନୀ କରି ଆପଣ କର୍ମପଥରେ ଆଗେଇଯିବେ । ପାରିବାରିକ ଶାନ୍ତି ଅନୁଭବ କରିବେ । ଗୁରୁଜନଙ୍କ ଆଶୀର୍ବାଦ ଲାଭ କରିବେ । ମନ ଅସ୍ଥିର ରହିବ ।



**କୁମ୍ଭ:** ନିଜକୁ ଜଗିରଖି ଚଳିବା ସହିତ ରସନା ସଂଯମ କରଣୀୟ । ନଚେତ୍ ଅଯଥା ମାନହାନୀର ଆଶଙ୍କା । ବ୍ୟୟର ପରିମାଣ ଅଧିକ ହେବ । ଘରେ ଜଞ୍ଜାଳ ବଢ଼ିବ । ବହୁ ସମୟ ଅନ୍ୟମନସ୍କ ରହିବେ ।



**ମୀନ:** ମନରେ ବିଭିନ୍ନ ପ୍ରକାର ଆଶଙ୍କା ଉଙ୍କି ମାରିବ । ପ୍ରତ୍ୟେକ କର୍ମରେ ପ୍ରତିରୋଧର ସମ୍ମୁଖୀନ ହେବେ । ଆୟ ଓ ବ୍ୟୟର ପରିମାଣ ସମାନ ରହିବ । ପାରିବାରିକ ଶାନ୍ତି ଲାଭ କରିବାର ସୂଚନା ମଧ ।

## ବାଇକ୍ ଦୁର୍ଘଟଣାରେ ଦମ୍ପତି ଗୁରୁତର

**ବୁଗୁଡ଼ା, ନ୍ୟୁଜ୍ ବ୍ୟୁରୋ**

ବୁଗୁଡା ଉପକଣ୍ଠସ୍ଥ ତାରୁଟାଙ୍କି ନିକଟରେ ବାଇକ୍ ଦୁର୍ଘଟଣାରେ ସ୍ୱାମୀ ଓ ସ୍ତ୍ରୀ ଗୁରୁତର ହୋଇଥିବା ଜଣାଯାଇଛି । ଗୁରୁତର ଦୁହେଁ ହେଲେ ବି.ବ୍ରହ୍ମପୁର ଗ୍ରାମର ସନ୍ତୋଷ ପଣ୍ଡା ଓ ତାଙ୍କର ପତ୍ନୀ ନମିତା ପଣ୍ଡା । ସୋମବାର ସନ୍ଧ୍ୟାରେ ସ୍ୱାମୀ ଓ ସ୍ତ୍ରୀ ଦୁହେଁ ବାଇକ୍‌ରେ ବି.ବ୍ରହ୍ମପୁର ଗାଁକୁ ଯାଉଥିବା ବେଳେ ସାଇକେଲ ଚଳାଇ ଆଗରେ ଯାଉଥିବା ପଙ୍କଲସାହି ଗାଁର ବୃଦ୍ଧ ବଂଶୀ ନାଇକଙ୍କୁ ପଛପଟୁ ଧକ୍କା ଦେଇଥିଲେ । ଦୁର୍ଘଟଣାରେ ତିନିହେଁ ଆହତ ହୋଇଥିଲା ବେଳେ ସେମାନଙ୍କୁ ସେଠାରୁ ଉଦ୍ଧାର କରାଯାଇ ବୁଗୁଡା ମେଡିକାଲକୁ ଅଣାଯାଇଥିଲା । ବୃଦ୍ଧ ବଂଶୀଙ୍କ ବାମ ପାଦ ଆଙ୍ଗୁଠି ଓ ପିଠିରେ ସାମାନ୍ୟ ଆଘାତ ଲାଗିଥିବା ବେଳେ ସନ୍ତୋଷଙ୍କ ମୁହଁରେ ଆଘାତ ଲାଗିଥିଲା ଏବଂ ନମିତାଙ୍କ ଡାହାଣ ହାତ ଭାଙ୍ଗି ଯାଇଥିଲା । ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ଗୁରୁତର ଥିବାରୁ ଉଭୟଙ୍କୁ ବ୍ରହ୍ମପୁରକୁ ସ୍ଥାନାନ୍ତର କରାଯାଇଥିଲା ।

# ଆଗାମୀ କାଲିର ପଞ୍ଜିକା

**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୧ ସାଲ, ଶକାବ୍ଦ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୫, କଳିଯୁଗାବ୍ଦ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୭ଙ୍କ

**ତା୨୯।୮।୨୦୨୪, ଭାଦ୍ରବ ଦି୧୪ନ, ଗୁରୁବାର**

**ସୂର୍ଯ୍ୟୋଦୟ-** ଘ୫।୩୦।୩୩ **ଚନ୍ଦ୍ରୋଦୟ-** ରାଘ୧।୫୬।୦୩

**ଏକାଦଶୀ-** ରାଘ ୧।୩୮ ପର୍ଯ୍ୟନ୍ତ । **ଆର୍ଦ୍ରା ନକ୍ଷତ୍ର-** ଦିଘ ୪।୪୦ ପର୍ଯ୍ୟନ୍ତ । **ମିଥୁନ ଚନ୍ଦ୍ର-** ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-** ମେଷ, ମିଥୁନ, କର୍କଟ, ସିଂହ, ଧନୁ, ମକର ଓ ମୀନ ରାଶିର । **ଘାତ ଚନ୍ଦ୍ର-** କନ୍ୟା ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ଶିମ୍ବ ରାଘ ୧।୩୮ ପରେ ପୋଇ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୩୪ ଗତେ ଘ ୭।୧୩ ମଧ୍ୟେ । ଦିଘ ୧୦।୩୨ ଗତେ ଘ୧।୦୨ ମଧ୍ୟେ । **ପର୍ବୋତ୍ସବ -** ସ୍ମାର୍ତ୍ତ ସମ୍ମତ ଅଜ ଏକାଦଶୀ, ଶ୍ରୀମନ୍ଦିରେ କାଳିୟ ଦଳନ ଏକାଦଶୀ ।



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
30 YEARS
e-paper www.sambadkalika.in
TM
ସମ୍ବାଦ କଳିକା
E-mail : sambadkalikanews@gmail.com
The Sambad Kalika
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008
୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages,₹ 2.00
● ବର୍ଷ-୩୧ ● ସଂଖ୍ୟା-୨୧୧ ● ୨୮ ଅଗଷ୍ଟ ୨୦୨୪, ବୁଧବାର ● ଭୁବନେଶ୍ୱର ● Vol -31 ● Issue-211 ● 28th August 2024, Wednesday ● Bhubaneswar | Licensed to post without pre-payment of postage No- BN-60/22-24

# ପରିବାରର ପ୍ରତ୍ୟେକ ମହିଳା ପାଇବେ ସୁଭଦ୍ରା ଟଙ୍କା

## ମହିଳା ଶିଶୁ ବିକାଶ, ମିଶନ ଶକ୍ତି ଓ ପର୍ଯ୍ୟଟନ ବିଭାଗ ଖର୍ଚ୍ଚ ଦାବି ପାରିତ

ଭୁବନେଶ୍ୱର, ୨୭।୮
ନ୍ୟୁଜ୍ ବ୍ୟୁରୋ

ନିର୍ବାଚନ ସମୟରେ ଦିଆଯାଇଥିବା ପ୍ରତିଶ୍ରୁତି ଅନୁସାରେ ରାଜ୍ୟରେ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ନବଗଠିତ ବିଜେପି ସରକାର ମହିଳାଙ୍କୁ ସ୍ୱାବଲମ୍ବୀ ଆତ୍ମନିର୍ଭରଶୀଳ ଓ ସଶକ୍ତ କରାଇବା ପାଇଁ ଯେଉଁ ସୁଭଦ୍ରା ଯୋଜନା ଘୋଷଣା କରିଛନ୍ତି ତାହା ବିକଶିତ ଓଡ଼ିଶାର ମୂଳ ପିଣ୍ଡ ହେବ। ଏହି ଯୋଜନାରେ ୫ବର୍ଷରେ ୫୫ ହଜାର କୋଟି ଟଙ୍କାର ବ୍ୟୟ ବ୍ୟବସ୍ଥା କରାଯାଇଛି। ଏକ କୋଟି ୮ ଲକ୍ଷ ମହିଳା ଏହି ଯୋଜନାରେ ସାମିଲ ହେବା ସହ ଉପକୃତ ହେବେ। ଗୋଟିଏ ପରିବାରର ୩ରୁ ୪ଜଣ ମହିଳା, ବିଧବା ଏବଂ ଛାତ୍ରବୃତ୍ତି ପାଉଥିବା ମହିଳା ଶିକ୍ଷାର୍ଥୀ ମଧ୍ୟ ଏହି ଯୋଜନାରେ ଉପକୃତ ହେବେ। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ



ପରିଡା ମଙ୍ଗଳବାର ବିଧାନସଭାରେ ଏହା ଘୋଷଣା କରିଛନ୍ତି।

୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ମହିଳା ଓ ଶିଶୁ ବିକାଶ ବିଭାଗର ମୋଟ ୧୫୧୮୦ କୋଟି, ୮୯ ଲକ୍ଷ, ୫୩ ହଜାର ଟଙ୍କା, ମିଶନ ଶକ୍ତି ବିଭାଗର ମୋଟ ୨୭୬୧ କୋଟି, ୫୨ ଲକ୍ଷ ଟଙ୍କା ଏବଂ ପର୍ଯ୍ୟଟନ ବିଭାଗର ୮୧୭ କୋଟି ୯୪ ଲକ୍ଷ ୨୨ ହଜାର ଟଙ୍କାର ଖର୍ଚ୍ଚ ଦାବି ଉପରେ ମଙ୍ଗଳବାର ଗୃହରେ ମିଳିତ ଆଲୋଚନା ହୋଇଥିଲା। ଏହି ତିନି ବିଭାଗର ଦାୟିତ୍ୱରେ ଥିବା ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଆଲୋଚନା ଶେଷରେ ଉତ୍ତର ରଖିଥିଲେ। ତେବେ ଉପମୁଖ୍ୟମନ୍ତ୍ରୀଙ୍କ ଉତ୍ତର ଆରମ୍ଭରୁ ବିରୋଧୀ ଦଳ ଉଭୟ ବିଜେଡ଼ି ଏବଂ କଂଗ୍ରେସର ବିଧାୟକମାନେ ପ୍ରତିବାଦରେ କକ୍ଷତ୍ୟାଗ କରିଥିଲେ।

ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା ସୁଭଦ୍ର ଯୋଜନା ନେଇ ବିରୋଧ ଦଳର ଆକ୍ଷେପ ଏବଂ ଅଭିଯୋଗକୁ ନାପସନ୍ଦ କରି କହିଥିଲେ ଯେ, ବିରୋଧୀ ଦଳ ମଲାଟକୁ ଦେଖି ବହି ଉପରେ ରାୟ ଦେଉଛନ୍ତି। ଏବଂ ସୁଭଦ୍ରା ଯୋଜନା ନେଇ ବେଶି ଚିନ୍ତିତ ହୋଇପଡିଛନ୍ତି। ମୋହନ ମାଝୀ ସରକାର ନିଜର ଘୋଷଣା ଅନୁସାରେ ଏହି ଯୋଜନାର ଏସ୍‌ଓପି ପ୍ରସ୍ତୁତ କରିଛନ୍ତି। (ପୃଷ୍ଠା ୭ରେ)

# ଦିଲ୍ଲୀ ଅବକାରୀ ନୀତି: ସିବିଆଇ ଓ ଇଡିର ନିରପେକ୍ଷତା ଉପରେ ପ୍ରଶ୍ନ ଉଠାଇଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୨୭।୮

ଦିଲ୍ଲୀ ଅବକାରୀ ନୀତି ଦୁର୍ନୀତିକୁ ନେଇ ବଡ଼ ମତ ରଖିଛନ୍ତି ସୁପ୍ରିମକୋର୍ଟ। ଘଟଣାର ତଦନ୍ତ କରି ଇଡି ଓ ସିବିଆଇ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିଓ୍ୱାଲଙ୍କ ଠାରୁ ଆରମ୍ଭ କରି କେ କବିତାଙ୍କ ଭଳି ହେଭିଓ୍ୱେଟ ରାଜନେତାଙ୍କୁ ଗିରଫ କରିଛନ୍ତି ହେଲେ ସିବିଆଇ ଓ ଇଡିର ନିରପେକ୍ଷତା ଓ ସ୍ୱଚ୍ଛତା ଉପରେ ପ୍ରଶ୍ନ ଉଠାଇଛନ୍ତି।

ସୁପ୍ରିମକୋର୍ଟର ବିଚାରପତି ଜଷ୍ଟିସ ବିଆର ଗବାଇ ଓ ଜଷ୍ଟିସ କେଭି ବିଶ୍ୱନାଥନଙ୍କ ଦୁଇ ଜଣିଆ ଖଣ୍ଡପୀଠ କହିଛନ୍ତି ଯେ କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥା କେବଳ ଅଭିଯୁକ୍ତରୁ ରାଜସାକ୍ଷୀ ବନିଥିବା ବ୍ୟକ୍ତିଙ୍କ ବୟାନ ଉପରେ ନିର୍ଭର କରି ରହିପାରିବ ନାହିଁ। କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥାକୁ ସ୍ୱଚ୍ଛତା ଓ ନିରପେକ୍ଷତା ଅବଲମ୍ବନ କରିବାକୁ ପଡ଼ିବ। ଯେଉଁ ବ୍ୟକ୍ତିଙ୍କ ଉପରେ ଅଭିଯୋଗ ରହିଥିଲା, ସେ ନିଜେ ସାକ୍ଷୀ। ଆପଣମାନେ ନିଜ



ଇଚ୍ଛାରେ ଚିହ୍ନଟ ଓ ଚୟନ କରିପାରିବେ ନାହିଁ। ଏହା କେଉଁ ପ୍ରକାରର ନିରପେକ୍ଷତା ଓ ସ୍ୱଚ୍ଛତା ବୋଲି ଖଣ୍ଡପୀଠ ପ୍ରଶ୍ନ କରିଛନ୍ତି।

ଅବକାରୀ ନୀତି ଦୁର୍ନୀତି ଘଟଣାରେ ଗତ ମାର୍ଚ୍ଚରେ ବିଆରଏସ ନେତ୍ରୀ କେ କବିତାଙ୍କୁ ଇଡି ଗିରଫ କରିଥିଲା । ଏହାପରେ ସିବିଆଇ ଦ୍ୱାରା ମଧ୍ୟ ସେ ଗିରଫ ହୋଇଥିଲେ। ତାଙ୍କ ଜାମିନ ଆବେଦନକୁ ଇଡି ଓ ସିବିଆଇ ପକ୍ଷରୁ ବିରୋଧ ହେଉଥିବା ବେଳେ ସୁପ୍ରିମକୋର୍ଟଙ୍କ ଦୁଇ ଜଣିଆ ଖଣ୍ଡପୀଠ ଏପରି ମତ ରଖିଛନ୍ତି।

କବିତାଙ୍କ ଜାମିନ ଆବେଦନକୁ ବିରୋଧ କରି ଅତିରିକ୍ତ ସଲିସିଟର ଜେନେରାଲ ଏସଭି ରାଜୁ ଅଭିଯୁକ୍ତରୁ ରାଜସାକ୍ଷୀ ବନିଥିବା ବୁଚି ବାବୁ ଓ ରାଘବ ମଗୁଂଟା ରେଡ୍ଡୀ ଦେଇଥିବା ତଥାକଥିତ ସ୍ୱାଧୀନ ପ୍ରମାଣ କଥା କହିଥିଲେ। ଏହି ଦୁଇ ରାଜସାକ୍ଷୀ (ପୃଷ୍ଠା ୭ରେ)

### ଭୁବନେଶ୍ୱରରେ ଭଙ୍ଗାଯିବ ୧୯୧ଟି ବେଆଇନ ଆପାର୍ଟମେଣ୍ଟ : ନଗର ଉନ୍ନୟନ ମନ୍ତ୍ରୀ



ଭୁବନେଶ୍ୱର, ୨୭।୮
ନ୍ୟୁଜ୍ ବ୍ୟୁରୋ

ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ)ଅଧିନରେ ବେଆଇନ ଭାବେ ଗଢ଼ିଉଠିଥିବା ଆପାର୍ଟମେଣ୍ଟ/ କୋଠାବାଡି ନିର୍ମାଣ ବିରୁଦ୍ଧରେ ମୋଟ ୪୯୧ ଟି ମାମଲା ରୁଜୁ ହୋଇଥିବା ବେଳେ ତନ୍ମଧ୍ୟରୁ ୧୯୧ ଟି ମାମଲାରେ ଭୂମିସାତ ପାଇଁ ଆଦେଶ ଦିଆଯାଇଛି। ସେଥି ମଧ୍ୟରୁ ୬୩ ଟି ମାମଲା ଖାରଜ ହୋଇଛି ଏବଂ ୨୩୭ଟି ମାମଲା ବିଚାରାଧୀନ ଅଛି ବୋଲି ମଙ୍ଗଳବାର ବିଧାନସଭାରେ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ପ୍ରକାଶ କରିଛନ୍ତି। ବିଧାୟକ ରଣେନ୍ଦ୍ରପ୍ରତାପ ସ୍ୱାଇଁଙ୍କ ଏ ସମ୍ପର୍କିତ ଏକ ପ୍ରଶ୍ନର ଲିଖିତ ଉତ୍ତରରେ ମନ୍ତ୍ରୀ କହିଛନ୍ତି ଭୁବନେଶ୍ୱର ମହାନଗର ନିଗମ ଅଧିନରେ ବେଆଇନ ଭାବେ ଗଢ଼ିଉଠିଥିବା ଆପାର୍ଟମେଣ୍ଟ/ କୋଠାବାଡି ନିର୍ମାଣ ବିରୁଦ୍ଧରେ ୧୪୪୪ ଟି ମାମଲା ରୁଜୁ ହୋଇଥିବା ବେଳେ ଏଥି ମଧ୍ୟରୁ ୪୫୧ ଟି ମାମଲା ଫଇସଲା ହୋଇସାରିଛି । ୯୯୩ ଟି ମାମଲା ବିଚାରଧୀନ ଅଛି । ଆଇନ ଉଲଙ୍ଘନ କରୁଥିବା ବ୍ୟକ୍ତିମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି।

TATA MOTORS
Light Commercial Vehicles Dealers
24 hours help line :
Sales : 7873770000

### ଜାତି ଭିତ୍ତିକ ଜନଗଣନା ଓ ସଂରକ୍ଷଣକୁ ନେଇ ବିରୋଧୀଙ୍କ ହଙ୍ଗାମା

# ସର୍ବଦଳୀୟ ବୈଠକ ପରେ ସ୍ୱାଭାବିକ ହେଲା ବିଧାନସଭା

ଭୁବନେଶ୍ୱର, ୨୭।୮
ନ୍ୟୁଜ୍ ବ୍ୟୁରୋ

ମଙ୍ଗଳବାର ବିଧାନସଭାରେ ବିରୋଧୀ ଦଳ ଉଭୟ ବିଜେଡ଼ି ଏବଂ କଂଗ୍ରେସର ବିଧାୟକମାନେ ପ୍ରଶ୍ନୋତ୍ତର କାର୍ଯ୍ୟ ଆରମ୍ଭରୁ ଗୃହର ମଧ୍ୟ ଭାଗକୁ ଆସି ହଙ୍ଗାମା ନରାବାଜି କରିବାରୁ ଅଚଳାବସ୍ଥା ସୃଷ୍ଟି ହୋଇଥିଲା। ଏହାସତ୍ତ୍ୱେ ବାଚସ୍ପତି ସୁରମା ପାଢୀ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଜାରି ରଖିଥିଲେ। ହଙ୍ଗାମା ଭିତରେ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ମହାପାତ୍ର ବିଧାୟକମାନଙ୍କ ପ୍ରଶ୍ନର ଉତ୍ତର ରଖିଥିଲେ। ହେଲେ ହଙ୍ଗାମା ତୀବ୍ରତର ହେବାରୁ ବାଚସ୍ପତି ବିରୋଧୀ ଦଳର ବିଧାୟକମାନଙ୍କୁ ନିଜ ନିଜ ଆସନକୁ ଫେରିବା



ସହ ଗୃହ କାର୍ଯ୍ୟରେ ସହଯୋଗ କରିବାକୁ ବାରମ୍ବାର ନିବେଦନ କରିବା ସତ୍ତ୍ୱେ ସ୍ଥିତିରେ କୌଣସି ସୁଧାର ଆସିନଥିଲା। ଏହି ସମୟରେ କଂଗ୍ରେସ ବିଧାୟକ (ପୃଷ୍ଠା ୭ରେ)

# ୟୁକ୍ରେନରେ ଶାନ୍ତି ପାଇଁ ମୋଦି-ବାଇଡେନ କଥାବାର୍ତ୍ତା

ନୂଆଦିଲ୍ଲୀ, ୨୭।୮

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ କଥା ହେଲେ ଆମେରିକାର ରାଷ୍ଟ୍ରପତି ଜୋ ବାଇଡେନ୍। ନିକଟରେ ୟୁକ୍ରେନ ଗସ୍ତରୁ ଫେରିଥିବା ପ୍ରଧାନମନ୍ତ୍ରୀ ମୋଦି ଆମେରିକା ରାଷ୍ଟ୍ରପତି ଜୋ ବାଇଡେନଙ୍କ ସହ କଥା ହୋଇଛନ୍ତି।

ଉଭୟ ରାଷ୍ଟ୍ର ନେତାଙ୍କ ମଧ୍ୟରେ ହୋଇଥିବା ଏହି ଟେଲିଫୋନ କଥାବାର୍ତ୍ତାରେ ଭାରତ-ଆମେରିକା ଦ୍ୱିପାକ୍ଷିକ ସମ୍ପର୍କ ଉପରେ ଗୁରୁତ୍ୱ ଦିଆଯାଇଛି। ଏନେଇ ଖୋଦ ପ୍ରଧାନମନ୍ତ୍ରୀ ମୋଦି ସୋଶାଲ ମିଡିଆରେ ଏକ ପୋଷ୍ଟ ସେୟାର କରି ସୂଚନା ଦେଇଛନ୍ତି।

ନିକଟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପୋଲାଣ୍ଡ ଓ ୟୁକ୍ରେନ ଗସ୍ତରେ ଯାଇଥିଲେ। ରାଷ୍ଟ୍ରପତି ବାଇଡେନ ତାଙ୍କ ପୋଲାଣ୍ଡ ଏବଂ ୟୁକ୍ରେନ ଗସ୍ତକୁ ନେଇ ଅନେକ ବିଶ୍ୱସ୍ତରୀୟ



ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀ ମୋଦିଙ୍କ ସହ କଥା ହୋଇଛନ୍ତି। ବିଶେଷ କରି ଯୁଦ୍ଧକ୍ଷେତ୍ର ୟୁକ୍ରେନରେ ଶୀଘ୍ର ଶାନ୍ତି ଓ ସ୍ଥିରତା ଫେରାଇ ଆଣିବାକୁ ଭାରତର କଥାବାର୍ତ୍ତା ଦ୍ୱାରା ସମାଧାନ ସପକ୍ଷରେ ଥିବା ମୋଦି ସ୍ପଷ୍ଟ କରିଛନ୍ତି । ଭାରତ ଓ ଆମେରିକା ସହ ସାରା ବିଶ୍ୱରେ ଗଣତନ୍ତ୍ର ପ୍ରତିଷ୍ଠା, ଆଇନ ପାଳନ ଏବଂ ଲୋକସମ୍ପର୍କ ମଜଭୁତ ଦିଗରେ ଉଭୟ ଦେଶ ପ୍ରତିଶ୍ରୁତିବଦ୍ଧ ବୋଲି ଦୋହରାଇଛନ୍ତି ମୋଦି। (ପୃଷ୍ଠା ୭ରେ)

# ୩ ଶହ ୟୁନିଟ୍ ପର୍ଯ୍ୟନ୍ତ ମାଗଣା ବିଜୁଳି ଦେବା ନେଇ ସ୍ପଷ୍ଟ କଲେ ବିଭାଗୀୟ ମନ୍ତ୍ରୀ

ଭୁବନେଶ୍ୱର, ୨୭।୮
ନ୍ୟୁଜ୍ ବ୍ୟୁରୋ

ବିଧାନସଭା ନିର୍ବାଚନ ପୂର୍ବରୁ ବିଜେଡ଼ି ସରକାର ୧୫୦ ୟୁନିଟ ପର୍ଯ୍ୟନ୍ତ ମାଗଣା ବିଜୁଳି ଦେବାକୁ ଘୋଷଣା କରିଥିବା ବେଳେ ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ମାଗଣା ବିଜୁଳି କେନ୍ଦ୍ରୀୟ ଯୋଜନା ଅଧୀନରେ ଛାତ ଉପରେ ସୋଲାର ପ୍ରକଳ୍ପ ସ୍ଥାପନ କରୁଥିବା ଘରଗୁଡ଼ିକୁ ୩୦୦ ୟୁନିଟ ପର୍ଯ୍ୟନ୍ତ ବିଲ ଦେବାକୁ ପଡିବ ନାହିଁ ବୋଲି ବିଜେପି ପକ୍ଷରୁ କୁହାଯାଇଥିଲା। ଏ ନେଇ ଏବେ ଦ୍ୱନ୍ଦ୍ୱ ଉପୁଜିଥିବାରୁ ବିଦ୍ୟୁତ୍ ବିଭାଗ ଦାୟିତ୍ୱରେ ଥିବା ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ମଙ୍ଗଳବାର ବିଧାନସଭାରେ ସ୍ପଷ୍ଟୀକରଣ ଦେଇଛନ୍ତି।

ଶ୍ରୀ ସିଂହଦେଓ ସ୍ପଷ୍ଟ କରିଛନ୍ତି ଯେ, ୩୦୦ ୟୁନିଟ ପର୍ଯ୍ୟନ୍ତ ମାଗଣା ବିଜୁଳି



ଯୋଗାଣ ବ୍ୟବସ୍ଥା ନେଇ କୌଣସି ଘୋଷଣା କରାଯାଇ ନାହିଁ । ସେ କହିଛନ୍ତି, ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ମାଗଣା ବିଜୁଳି କେନ୍ଦ୍ରୀୟ ଯୋଜନା ଅଧୀନରେ ଛାତ ଉପରେ ସୋଲାର ପ୍ରକଳ୍ପ ସ୍ଥାପନ କରୁଥିବା (ପୃଷ୍ଠା ୭ରେ)

# ଆଜିଠୁ ବଢ଼ିବ ବର୍ଷା: ୧୬ ଜିଲ୍ଲାକୁ ୟେଲୋ ଓ୍ୱାର୍ଣ୍ଣିଂ ଜାରି

ଭୁବନେଶ୍ୱର, ୨୭।୮
ନ୍ୟୁଜ୍ ବ୍ୟୁରୋ

ଦକ୍ଷିଣ ଓଡ଼ିଶାରେ ବଡ ବର୍ଷା ସମ୍ଭାବନା। ବୁଧବାରଠାରୁ ବଢ଼ିବ ବର୍ଷାର ପରିମାଣ। ଦୁଇ ଦୁଇଟି ଲଘୁଚାପ ପ୍ରଭାବରେ ରାଜ୍ୟରେ ବର୍ଷା ହେବ। କିଛି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ବର୍ତ୍ତମାନ ଉତ୍ତର ପଶ୍ଚିମ ଝାରଖଣ୍ଡ ଉପରେ ରହିଚି ଲଘୁଚାପ। ଏହା କ୍ରମଶଃ ପଶ୍ଚିମ ଉତ୍ତର ପଶ୍ଚିମ ଦିଗକୁ ଗତି କରିବ। ଏହାର ପ୍ରଭାବରେ ରାଜ୍ୟରେ ବର୍ଷାର ପରିମାଣ ବଢ଼ିବ ବୋଲି ପୂର୍ବାନୁମାନ କରିଛି ପାଣିପାଗ କେନ୍ଦ୍ର।

ଏହାପରେ ୨୯ରେ ପୂର୍ବ କେନ୍ଦ୍ରୀୟ ବଙ୍ଗୋପସାଗରରେ ଆଉ ଏକ ଲଘୁଚାପ ସୃଷ୍ଟି ହେବ। ଯାହା ଉତ୍ତର ପଶ୍ଚିମ ଦିଗରେ ଗତି କରିବ। ଦକ୍ଷିଣ ଓଡ଼ିଶାରେ ଏହି ଲଘୁଚାପ ର



ପ୍ରଭାବ ସର୍ବାଧିକ ରହିବ। ଆସନ୍ତା ୩୧ ଯାଏଁ ରାଜ୍ୟରେ ଭଲ ବର୍ଷା ହେବ। ୩୦ ଓ ୩୧ ତାରିଖ ସମୁଦ୍ରକୁ ମତ୍ସ୍ୟଜୀବୀଙ୍କୁ ଯିବାକୁ ବାରଣ କରାଯାଇଛି । ୨୯ ତାରିଖ ସୁଦ୍ଧା ସମୁଦ୍ର ଭିତରୁ ଫେରି ଆସିବାକୁ ପାଣିପାଗ କେନ୍ଦ୍ର ପରାମର୍ଶ ଦେଇଛି।

ବୁଧବାର ପ୍ରବଳ ବର୍ଷା ନେଇ ୧୬ ଜିଲ୍ଲାକୁ ୟେଲୋ ଓ୍ୱାର୍ଣ୍ଣିଂ ଜାରି କରାଯାଇଥିବା ବେଳେ ୨୯ ତାରିଖରେ ପ୍ରବଳରୁ ଅତି ପ୍ରବଳ ବର୍ଷା ନେଇ (ପୃଷ୍ଠା ୭ରେ)

# ନିର୍ଦ୍ୱନ୍ଦ୍ୱରେ ରାଜ୍ୟ ସଭାକୁ ନିର୍ବାଚିତ ହେଲେ ମମତା ମହାନ୍ତ

ଭୁବନେଶ୍ୱର, ୨୭।୮
ନ୍ୟୁଜ୍ ବ୍ୟୁରୋ

ଶାସକ ଦଳର ପ୍ରାର୍ଥୀ ମମତା ମହାନ୍ତ ନିର୍ଦ୍ୱନ୍ଦ୍ୱରେ ରାଜ୍ୟସଭାକୁ ନିର୍ବାଚିତ ହୋଇଛନ୍ତି। ରାଜ୍ୟସଭା ଉପନିର୍ବାଚନ ପାଇଁ ସ୍ୱାଧୀନ ପ୍ରାର୍ଥୀ ଭାବେ ନାମାଙ୍କନପତ୍ର ଦାଖଲ କରିଥିବା ଜଗନ୍ନାଥ ପ୍ରଧାନ ମଙ୍ଗଳବାର ତାଙ୍କର ପ୍ରାର୍ଥୀପତ୍ର ପ୍ରତ୍ୟାହାର କରି ନେଇଥିଲେ। ଏହି ନିର୍ବାଚନ ପାଇଁ ନାମାଙ୍କନପତ୍ର ଦାଖଲର ଶେଷ ଦିନ ସୁଦ୍ଧା ଶାସକ ଦଳ ପ୍ରାର୍ଥୀଭାବେ ମମତା ମହାନ୍ତ ଏବଂ ସ୍ୱାଧୀନ ପ୍ରାର୍ଥୀ ଭାବେ ଜଗନ୍ନାଥ ପ୍ରଧାନ ନାମାଙ୍କନପତ୍ର ଦାଖଲ କରିଥିଲେ। ଜଗନ୍ନାଥ ପ୍ରଧାନଙ୍କ ପ୍ରାର୍ଥୀପତ୍ର ପ୍ରତ୍ୟାହାର ପରେ ଭୋଟ ଗ୍ରହଣର ଆବଶ୍ୟକତା ପଡ଼ିନାହିଁ। ନିର୍ବାଚିତ ହେବା ପରେ ମମତା ମହାନ୍ତ ବିଧାନସଭାରୁ ସାର୍ଟିଫିକେଟ ଗ୍ରହଣ କରିଛନ୍ତି।

### ଏକାଳ ପଖାଳ



ଯୋଗ୍ୟ ପରିବାରେ ସଭିଙ୍କ ମୁହଁରେ
ନାହିଁ ନଥିବା ଭଳି ଖୁସି
ସୁଭଦ୍ରା ଟଙ୍କା ସମସ୍ତେ ପାଇବେ
ଆଖି ହୋଇଯିବ ଖୋସି
ବୁଧବାରେ ହେବ ଖାସି
ଫୁଲ ସରକାର ଚମତ୍କାର କଲେ
ଆଉ ଦେବେ କିବା ବେଶୀ।

# ପୁଅ ଆଉ ଜନ୍ମ ହେବେନି: କେବଳ ଝିଅ ନେବେ ଜନ୍ମ, ଓ୍ୱାଇ କ୍ରୋମୋଜୋମ ଲୋପ ପାଉଛି



ଓ୍ୱାଶିଂଟନ, ୨୭।୮

ମହିଳାଙ୍କ ଗର୍ଭରେ ବଢୁଥିବା ଗର୍ଭସ୍ଥ ଶିଶୁର ଲିଙ୍ଗ କଣ ହେବ। ଅର୍ଥାତ ଶିଶୁ ପୁଅ ଅବା ଝିଅ ହେବ, ତାହା ପିତାମାତାଙ୍କ କ୍ରୋମୋଜୋମ ଉପରେ ନିର୍ଭର କରିଥାଏ। ବାସ୍ତବରେ, ମହିଳାଙ୍କ ଶରୀରରେ ଦୁଇଟି ଏକ୍ସ କ୍ରୋମୋଜୋମ ଏବଂ ପୁରୁଷ ଶରୀରରେ ଗୋଟିଏ ଏକ୍ସ ଏବଂ ଗୋଟିଏ ଓ୍ୱାଇ କ୍ରୋମୋଜୋମ ଅଛି।

ଯେତେବେଳେ ପୁରୁଷ ଏବଂ ସ୍ତ୍ରୀର ଏକ୍ସଏକ୍ସ କ୍ରୋମୋଜୋମ ମିଳିତ ହୁଏ, ଗର୍ଭସ୍ଥ ଶିଶୁ ଏକ ଝିଅ ହୋଇଥାଏ। ସେହିପରି ଯେତେବେଳେ ଏକ୍ସଓ୍ୱାଇ କ୍ରୋମୋଜୋମ ମିଳିତ ହୋଇଥାଏ ଏହା ଏକ ପୁଅ ଜନ୍ମ ହୁଏ।

ଏହାର ଅର୍ଥ ହେଉଛି ପୁଅ ଜନ୍ମ ହେବା ପାଇଁ ଓ୍ୱାଇ କ୍ରୋମୋଜୋମ ରହିବା ଆବଶ୍ୟକ । ଯଦି ପୁରୁଷମାନଙ୍କର ଓ୍ୱାଇ କ୍ରୋମୋଜୋମ ନଷ୍ଟ ହୋଇଯାଏ, ତେବେ ପୁଅମାନେ ଜନ୍ମ ହେବେ ନାହିଁ, କେବଳ ଝିଅମାନେ ଜନ୍ମ ହେବେ ଏବଂ ତାପରେ ମଣିଷ ସଭ୍ୟତା ଲୋପ ପାଇବ। ଏକ ନୂତନ ଅନୁସନ୍ଧାନରେ ମଧ୍ୟ ସମାନ ବିପଦ ନେଇ ଆଶଙ୍କା ପ୍ରକାଶ ପାଇଛି। ଯେଉଁଥିରେ କୁହାଯାଇଛି ଯେ ଓ୍ୱାଇ କ୍ରୋମୋଜୋମ ହ୍ରାସ ପାଉଛି।

ସାଇନ୍ସ ଆଲର୍ଟ ରିପୋର୍ଟ ଅନୁଯାୟୀ, ଅନୁସନ୍ଧାନରେ କୁହାଯାଇଛି ଯେ ମାନବର ଓ୍ୱାଇ କ୍ରୋମୋଜୋମ (ପୃଷ୍ଠା ୭ରେ)

# ଆସନ୍ତା ୮ରେ ମା' ସମଲେଶ୍ୱରୀଙ୍କ ନିକଟରେ ଲାଗି ହେବ ନବାନ୍ନ



ସମ୍ବଲପୁର, ୨୭।୮ : ନ୍ୟୁଜ୍ ବ୍ୟୁରୋ

ମା' ସମଲେଶ୍ୱରୀଙ୍କ ନିକଟରେ ନବାନ୍ନ ଲାଗି ହେବା ନେଇ ଲଗ୍ନ ଧାର୍ଯ୍ୟ ହୋଇଛି। ଆସନ୍ତା ୮ରେ ମା' ସମଲେଶ୍ୱରୀଙ୍କ ନିକଟରେ ଲାଗି ହେବ ନବାନ୍ନ। ମଙ୍ଗଳବାର ଅପରାହ୍ନ ୪ ଟା ସମୟରେ ଶ୍ରୀ ଶ୍ରୀ ବ୍ରହ୍ମ ପଣ୍ଡିତ ମହାସଭାରେ ଏଥିପାଇଁ ଲଗ୍ନ ନିର୍ଦ୍ଧାରଣ ହୋଇଛି। (ପୃଷ୍ଠା ୭ରେ)

ସମ୍ପାଦକୀୟ
30 YEARS
ସମ୍ବାଦ କଳିକା

# ଶିକ୍ଷିତ ପିଲାଙ୍କୁ ଘାରିଲାଣି ଚାକିରି ଚିନ୍ତା

ପାଠପଢ଼ା ଶେଷ କରିବା ପରେ ଚାକିରି ଦୁନିଆରେ ପ୍ରବେଶ କରିବାକୁ ଯାଉଥିବା ଛାତ୍ରଛାତ୍ରୀମାନଙ୍କ ଲାଗି ଏବେ ସବୁଠୁ ଆହ୍ୱାନପୂର୍ଣ୍ଣ ସ୍ଥିତି ସୃଷ୍ଟି ହୋଇଛି। ନିଜ ପସନ୍ଦର କମ୍ପାନିରେ ଚାକିରି ଖଣ୍ଡିଏ ପାଇବା ବେଶ୍ କଷ୍ଟକର ମନେ ହେଉଛି। ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନଗୁଡ଼ିକର ଅବସ୍ଥା ଦୟନୀୟ ହୋଇପଡ଼ିଥିବାରୁ ସାଧାରଣ ଶିକ୍ଷାନୁଷ୍ଠାନଗୁଡ଼ିକର ଅବସ୍ଥା କ'ଣ ଥିବ ତାହା ସହଜରେ ଅନୁମାନ କରାଯାଇପାରିବ। ସୂଚନା ପ୍ରଯୁକ୍ତି ଶିଳ୍ପରେ ଚାକିରି ଜୀବନ ଆରମ୍ଭ କରିବାକୁ ଚାହୁଁଥିବା ଛାତ୍ରଛାତ୍ରୀମାନଙ୍କ ଲାଗି ଖରାପ ଖବର ହେଉଛି ଯେ ଫ୍ରେସର୍ ନିଯୁକ୍ତିରେ ୫୦ ପ୍ରତିଶତ ହ୍ରାସ ହେବାର ଆଶଙ୍କା ଦେଖାଦେଇଛି। ଗତ କିଛି ବର୍ଷ ହେଲାଣି ଆଇଟିରେ ଫ୍ରେସର୍ ନିଯୁକ୍ତି କମୁଥିଲା। ଚଳିତ ବର୍ଷ ତାହା ଆହୁରି ୫୦ ପ୍ରତିଶତ କମ୍ ହେବାର ଆଶଙ୍କା ରହିଛି। ଟିମ୍ଲିଜ୍ ସର୍ଭିସେସ୍ର ସିଏଫ୍ଓ ରମଣ ଦାଥି କହିଛନ୍ତି ଯେ ଗତବର୍ଷ କ୍ୟାମ୍ପସ୍ରୁ ଫ୍ରେସର୍ ନିଯୁକ୍ତି କମ୍ ଥିଲା। ଚଳିତ ବର୍ଷ ତାହା ଆହୁରି କମିବ। ଦାଥିଙ୍କ ମତରେ ଆଇଟି କମ୍ପାନିଗୁଡ଼ିକ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ଓ ମେସିନ୍ ଲର୍ଣ୍ଣିଂ (ଏମ୍ଏଲ୍) ଉପରେ ସ୍ୱତନ୍ତ୍ର ଦକ୍ଷତା ଥିବା ପିଲା ଖୋଜୁଛନ୍ତି ଯାହା କ୍ୟାମ୍ପସରୁ ମିଳିବା କଷ୍ଟକର ହେଉଛି। ଶିଳ୍ପର ଆବଶ୍ୟକତା ଅନୁଯାୟୀ ପାଠ୍ୟକ୍ରମରେ ପରିବର୍ତ୍ତନର ଆବଶ୍ୟକତା ରହିଛି। କିଛି ଶିକ୍ଷାନୁଷ୍ଠାନ ଇନଫୋସିସ୍, ଓ୍ୱିପ୍ରୋ ଓ ଟିସିଏସ୍ ଭଳି ଆଇଟି କମ୍ପାନିର ଆବଶ୍ୟକତା ଅନୁସାରେ ନିଜ ପାଠ୍ୟକ୍ରମରେ ପରିବର୍ତ୍ତନ ଆଣିଛନ୍ତି। ଏମିତିରେ ଆଇଟି ଶିଳ୍ପର ନିଯୁକ୍ତି ସ୍ଥିତି ନୈରାଶ୍ୟଜନକ ରହିଛି। ଗତ ୧୫ ମାସ ଭିତରେ ନିଯୁକ୍ତି ଲଗାତାର ଭାବେ କମୁଥିବା ବେଳେ କେବଳ ଫେବୃଆରି ଓ ମାର୍ଚ୍ଚରେ କିଛି ନିର୍ଦ୍ଦିଷ୍ଟ କମ୍ପାନିରେ ନିଯୁକ୍ତି ବଢ଼ିଥିଲା। ଅନ୍ୟ ପକ୍ଷରେ, ଆଇଆଇଟି ଛାତ୍ରଛାତ୍ରୀମାନେ କ୍ୟାମ୍ପସ ଚୟନ ବେଳେ ନିଯୁକ୍ତି ପ୍ରସ୍ତାବ ପାଇବାକୁ ସଂଘର୍ଷ କରୁଥିବାର ମଧ୍ୟ ଚର୍ଚ୍ଚା ହେଉଛି। ଗୋଟିଏ ପଟେ ବହୁ ଛାତ୍ରଛାତ୍ରୀଙ୍କୁ ନିଯୁକ୍ତି ମିଳିନଥିବା ବେଳେ ଅନ୍ୟ ପଟେ ଯେଉଁମାନଙ୍କୁ ନିଯୁକ୍ତି ପ୍ରସ୍ତାବ ମିଳିଛି, ସେମାନଙ୍କୁ ଦିଆଯାଇଥିବା ବେତନ ପ୍ରସ୍ତାବ ଏତେ କମ୍ ରହିଛି ଯେ ତାହାକୁ ଗ୍ରହଣ କରିବେ ନା ନାହିଁ ତାହାକୁ ନେଇ ଛାତ୍ରଛାତ୍ରୀମାନେ ଚିନ୍ତାରେ ରହିଛନ୍ତି। ଚଳିତ ବର୍ଷ କିଛି ଛାତ୍ରଛାତ୍ରୀଙ୍କୁ ବାର୍ଷିକ ୩–୪ ଲକ୍ଷ ଟଙ୍କା ଭଳି କମ୍ ବେତନ ପ୍ରସ୍ତାବ ଦିଆଯାଇଛି।

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ


ଶ୍ରୀ ଅଭିରାମ ସରସ୍ୱତୀ

### ସତ୍ୟ ଭାଗବତ

ପ୍ରଥମ ଅଧ୍ୟାୟ

ଓଁ

'ଲକ୍ଷ୍ମୀ, ପଦ୍ମାଳୟା, ପଦ୍ମା,
କମଳା, ଶ୍ରୀ ହରପ୍ରିୟା
ଇନ୍ଦିରା, ଲୋକ ମାତା, ମା'
କ୍ଷୀରବ୍ଧୀ ତନୟା ରମା ।'

ଦ୍ୱାପର ଯୁଗରେ ପ୍ରଭୁ
କି ମନ୍ତ୍ର ଧରିଲେ
ଦ୍ୱାପରର ଲୀଳାମାନ
ଭକତ ଦେଖିଲେ (୧୪୮)

ମନ୍ତ୍ର ଯନ୍ତ୍ର ତନ୍ତ୍ରମାନ
ତିନି ଯୁଗେ ହେଲା
କଳିରେ ଦେଖ ମାନବ
ଭିନ୍ନ ରୂପ ନେଲା (୧୪୯)

ହିନ୍ଦୁ, ଖ୍ରୀଷ୍ଟ, ମୁସଲିମ୍
କିଛି ଜାତି ନାହିଁ
ଭିନ୍ନା ଭିନ୍ନ କରୁଅଛି
ପ୍ରକୃତିଟି ତହିଁ (୧୫୦)

ଭାଗବତ ପଢି ଥୋକେ
ଭଗବାନ ହେଲେ
ରାମାୟଣ ପଢି ଥୋକେ
ରାମ ରାମ ହେଲେ (୧୫୧)

ବେଦକୁ ପଢିଣ ଥୋକେ
ବ୍ରାହ୍ମଣ ହୋଇଲେ
ଗୀତାକୁ ପଢିଣ ଥୋକେ
ତ୍ୟାଗ ଶିକ୍ଷା ଦେଲେ
(୧୫୨)

କୋରାନ୍କୁ ପଢି ଥୋକେ
ନିର୍ବିକାର ହେଲେ
ବାଇବେଲ୍ ପଢି ଥୋକେ
ସେବା କାର୍ଯ୍ୟ କଲେ
(୧୫୩)

ଆସୁଛି ଯାଉଛି ଜୀବ
ତତ୍ତ୍ୱ ନ ବୁଝିଲେ
ଭଜନକୁ ଛାଡି ଜୀବ
ଭାବ ନ ବୁଝିଲେ (୧୫୪)

ମୋର ମୋର କହି ସବୁ
ବାଉଳା ହୋଇଲେ
ଭକ୍ତ ଭଗବାନ ତତ୍ତ୍ୱ
କେହି ନପାଇଲେ (୧୫୫)

ଚାରି ଯୁଗ ପାଠ ଏକ
କଳିରେ ପୁରିଛି
ଏକ ଜଗନ୍ନାଥ ନାମ
ପାପୀକୁ ତାରୁଛି (୧୫୬)

ଏକାକ୍ଷର ଏକ ପଦ
ଓଁ କାରୁ କ୍ଷରୁଛି
ଭାବ ଜାଣି ସେବା କଲେ
ଉଦ୍ଧାର ହେଉଛି (୧୫୭)

ରକ୍ତ, ମାଂସ, ହାଡ, ଦେହ
ପୂଜା ପାଉଅଛି
କଳି ଯୁଗେ ଜଗନ୍ନାଥ
କାଠ ହୋଇଅଛି (୧୫୮)

କାହିଁ ପାଇଁ ଭଗବାନ
ଦାରୁ ପାଲଟିଲେ
କହି ପାରିବ ଭକତ
ପ୍ରଭୁ ସେବିଥିଲେ (୧୫୯)

ତିନି ଯୁଗେ ଯୋନିଜନ୍ମ
ପ୍ରଭୁ, ହୋଇଥିଲେ
ତନ୍ତ୍ର ମନ୍ତ୍ର ଯନ୍ତ୍ର ତତ୍ତ୍ୱେ
ଶରୀରେ ଖେଳିଲେ
(୧୬୦)

ତେଣୁ କରି ଶୂନ୍ୟତତ୍ତ୍ୱ
କଳିରେ ହୋଇଛି
ନିର୍ବିକାର ଭାବମାନ
ଗୁପତେ ଖେଳୁଛି (୧୬୧)

କେ ରାମ ଭଜୁଛି ବସି କଳି
ଯୁଗେ ଦେଖ
କେ କୃଷ୍ଣ ଭଜୁଛି ବସି
ପଢି ଭାଗବତ (୧୬୨)

କିଏ ଆଲ୍ଲା କିଏ ଖ୍ରୀଷ୍ଟ
ଭଜେ ଦିନ ରାତି
ପ୍ରଭୁଙ୍କୁ ଭେଟିବା ତତ୍ତ୍ୱ
କେହି ନ ଜାଣନ୍ତି (୧୬୩)

ଘର ଦ୍ୱାର ଛାଡି କେତେ
ବାବାଜୀ ହେଲେଣି
ନିଜ ଘରକୁ ନଚିହ୍ନି
ତପସ୍ୟା କଲେଣି (୧୬୪)

ଜୀବ ଉଦ୍ଧାର ପାଇଁ କି
ସମସ୍ତେ ତତ୍ପର
ନିଜ ରକ୍ଷା ନ ଜାଣନ୍ତି
ଏ ମୂର୍ଖ ବର୍ବର (୧୬୫)
(କ୍ରମଶଃ)

# ହଂସରୂପୀ ଭଗବାନ


ଡ. ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ
ମୋ : ୯୩୩୭୧୦୨୫୫୩
Email ID: prafulla1941@gmail.com

ଭଗବାନ ଶ୍ରୀକୃଷ୍ଣ ଉଦ୍ଧବଙ୍କୁ କହିଲେ ଯେ ବୁଦ୍ଧିର ତିନିଗୋଟି ରୂପ ଓ ତାହା ହେଉଛି ସତ୍ତ୍ୱ, ରଜ ଓ ତମ। ଏମାନଙ୍କ ସହିତ ଆତ୍ମାର କୌଣସି ସମ୍ପର୍କ ନଥାଏ। ରଜ ଓ ତମଗୁଣକୁ ସତ୍ତ୍ୱଗୁଣ ଦ୍ୱାରା ପ୍ରଶମିତ କରିବାକୁ ହେବ। ଅନ୍ତଃକରଣ ଶୁଦ୍ଧ ହେବାପରେ ସତ୍ତ୍ୱଗୁଣକୁ ତ୍ୟାଗ କରି ଜୀବକୁ ଗୁଣାତିତ ହେବାକୁ ପଡ଼ିବ। ସତ୍ତ୍ୱଗୁଣ ସମ୍ପନ୍ନ ମନୁଷ୍ୟଠାରେ ଭଗବତ ପ୍ରାପ୍ତି କରାଉଥିବା ଧର୍ମର ବୃଦ୍ଧି ହୋଇଥାଏ। ସେପରି ଗୁଣର ମନୁଷ୍ୟ ସାତ୍ତ୍ୱିକ ପଦାର୍ଥ ବ୍ୟବହାର କରେ ଯାହାଦ୍ୱାରା ଧାର୍ମିକ ଭାବନାର ପ୍ରବୃତ୍ତି ବଢ଼ିଥାଏ। ଏହି ସତ୍ତ୍ୱଗୁଣର ଅଭିବୃଦ୍ଧି ଘଟିଲେ ରଜ ଓ ତମଗୁଣ ଆପେ ଆପେ ମନରୁ ଚାଲିଯାଏ। ସେହି ରଜ ଓ ତମଗୁଣ ହେତୁ ମନରେ ଅଧର୍ମ ପ୍ରବେଶ କରେ। ତେଣୁ ସତ୍ତ୍ୱଗୁଣର ବୃଦ୍ଧି ଘଟିଲେ ହିଁ ମନରୁ ଅଧର୍ମ ଲୋପ ପାଇଯାଏ। ଏହିପରି ଭାବରେ ମନୁଷ୍ୟ ପୂର୍ଣ୍ଣ ରୂପରେ ଶୁଦ୍ଧ ହୋଇଥାଏ। ଗୁଣସବୁର ଅଭିବୃଦ୍ଧି ପାଇଁ ଦଶଟି କାରଣ ରହିଛି। ତାହାହେଲା ଶାସ୍ତ୍ର, ଜଳ, ପ୍ରଜା, ଦେଶ, କାଳ, କର୍ମ, ଜନ୍ମ, ଧ୍ୟାନ, ମନ୍ତ୍ର ଓ ସଂସ୍କାର। ଏଗୁଡ଼ିକ ସାତ୍ତ୍ୱିକ ହୋଇଥିଲେ ସତ୍ତ୍ୱ, ରାଜସ ହୋଇଥିଲେ ରଜ ଓ ତାମସ ହୋଇଥିଲେ ତମଗୁଣମାନଙ୍କର ବୃଦ୍ଧି ହୋଇଥାଏ।

ସତ୍ତ୍ୱଗୁଣର ବୃଦ୍ଧି ନିମନ୍ତେ ମନୁଷ୍ୟକୁ ସାତ୍ତ୍ୱିକ ବସ୍ତୁର ବ୍ୟବହାର କରିବାର ଆବଶ୍ୟକତା ରହିଛି। ଏହାଫଳରେ ଧର୍ମ, ଜ୍ଞାନ, ସ୍ମୃତି ଜାଗିଉଠିବା ସହ ସମସ୍ତ ପ୍ରକାର ସଂଶୟ କଟିଯାଏ। ଭଗବତ ତତ୍ତ୍ୱର ପୂର୍ଣ୍ଣ ଜ୍ଞାନ ଜାଗତ୍ର ନହେବା ପର୍ଯ୍ୟନ୍ତ ତାହା କରିବାକୁ ପଡ଼ିଥାଏ। ବାଉଁଶରେ ବାଉଁଶ ଘଷି ହୋଇ ସମଗ୍ର ବଣକୁ ଧ୍ୱଂସ କରିଦେବା ପରେ ଅଗ୍ନି ଶାନ୍ତ ହୋଇଯାଇଥାନ୍ତି ସେହିପରି ଗୁଣମାନଙ୍କ ମିଶ୍ରଣ ଫଳରେ ଗଠିତ ହୋଇଥିବା ଏହି ଦେହକୁ ଜ୍ଞାନରୂପୀ ଅଗ୍ନିଦ୍ୱାରା ଭସ୍ମ କରିବାକୁ ହେବ। ଏହା ଶୁଣି ଉଦ୍ଧବ ପଚାରିଲେ ଯେ ସାଂସାରିକ ବିଷୟ ହେଉଛି ସମସ୍ତ ବିପଦର କାରଣ। ଏହା ଜାଣି ମଧ୍ୟ ସେମାନେ କୁକୁର, ଗଧ ଓ ଛେଳିଙ୍କ ପରି ଦୁଃଖ ସହି ଏପରି ଭୋଗ କରିବାର କାରଣ କ'ଣ? ଏପରି ପ୍ରଶ୍ନର ଉତ୍ତରରେ ଶ୍ରୀକୃଷ୍ଣ କହିଲେ ଯେ ମଣିଷ ଭ୍ରାନ୍ତ ଧାରଣାରେ "ମୁଁ ଏବଂ ମୋର" ଇତ୍ୟାଦି ଭାବନାକୁ ଆଣି ମନ ମଧ୍ୟରେ ସ୍ଥାନ ଦେଇଥାଏ ଓ ଏପରି ଭାବନା ହେଉଛି ସମସ୍ତ ଦୁଃଖର କାରଣ। ମନ ସତ୍ତ୍ୱଗୁଣ ରୂପୀ। ତେଣୁ ତାହା ସର୍ବଦା ଶୁଦ୍ଧ। ମାତ୍ର ଅହଂତ୍ୱ, ମମତ୍ୱ ମନରେ ଆସିଲେ ରଜଗୁଣର ପ୍ରଭାବ ଫଳରେ ଅସଂଖ୍ୟ ପ୍ରକାର ସଙ୍କଳ୍ପ ଓ ବିକଳ୍ପ ଆଦି ମନରେ ଆସିଥାଏ। ଏଥିରେ ମନ ନିରନ୍ତର ସାଂସାରିକ ବିଷୟ ଚିନ୍ତା କରିବାରେ କଟାଇଥାଏ। ଏଭଳି ଚିନ୍ତାରେ ମନରେ ଆସେ କାମନା। ଯାହାଦ୍ୱାରା ମନ କଳୁଷିତ ହୋଇଯାଏ। ବୁଦ୍ଧି ଯଦି କଳୁଷିତ ହୋଇଗଲା ଇନ୍ଦ୍ରିୟ ସଂଯମ କରିବାର ଶକ୍ତି ଲୋପ ପାଇଥାଏ। ତେଣୁ ରଜଗୁଣର ଆବେଗଦ୍ୱାରା ପ୍ରଭାବିତ ହୋଇ ମନୁଷ୍ୟ କର୍ମବନ୍ଧନରେ ବାନ୍ଧି ହୋଇଗଲେ ତାକୁ କେବଳ ଦୁଃଖକୁ ହିଁ ଭୋଗ କରିବାକୁ ପଡ଼ିଥାଏ।

ବିଦ୍ୱାନମାନେ ବେଳେବେଳେ ରଜ ଓ ତମଗୁଣ ଦ୍ୱାରା ପ୍ରଭାବିତ ହୋଇଯାଇଥାନ୍ତି। ମାତ୍ର ମନକୁ ପରମାତ୍ମାଙ୍କ ଠାରେ ଲଗାଇଥିବାରୁ ସେହିସବୁ ଗୁଣଦ୍ୱାରା ହେବାକୁ ଯାଉଥିବା କର୍ମଗୁଡ଼ିକୁ ସେମାନେ ତୁରନ୍ତ ତ୍ୟାଗ କରିଥାନ୍ତି। ଆତ୍ମଉଦ୍ଧାର ଚାହୁଁଥିବା ମନୁଷ୍ୟ ସାବଧାନତାର ସହିତ ଏପରି ଅଭ୍ୟାସ କରିବାର ଆବଶ୍ୟକତା ରହିଛି। ଏଥିରୁ ଅପସରି ନଯାଇ ସଂଯତ ମନରେ ପ୍ରୟାସ ଜାରି ରଖିବା ଉଚିତ୍। ପ୍ରଥମେ ପ୍ରାଣାୟମ ଦ୍ୱାରା ଶ୍ୱାସପ୍ରଶ୍ୱାସକୁ ସଂଯତ କରିବାକୁ ପଡ଼ିବ। ଏପରି କଲେ ଭଗବାନଙ୍କଠାରେ ମନ ସ୍ଥିର ହୋଇଥାଏ। ସନକାଦି ଋଷିମାନେ ଯୋଗ ବିଷୟରେ ସମସ୍ତ କଥା ଜାଣି ଏପରି ପ୍ରତିପାଦନ କରିଛନ୍ତି।

ଏହା ଶୁଣି ଉଦ୍ଧବ ସନକାଦିମାନଙ୍କୁ କେବେ ଓ କିପରି ଭାବରେ ସେ ଉପଦେଶ ଦେଇଥିଲେ ତାହା କହିବା ନିମନ୍ତେ ଶ୍ରୀକୃଷ୍ଣଙ୍କୁ ପଚାରିଥିଲେ। ଏହାର ଉତ୍ତରରେ ଭଗବାନ ଶ୍ରୀକୃଷ୍ଣ କହିଲେ ଯେ ସେମାନେ ହେଉଛନ୍ତି ବ୍ରହ୍ମାଙ୍କର ମାନସପୁତ୍ର। ଯୋଗ ଆଦିର ସୂକ୍ଷ୍ମ ସୀମା ବିଷୟରେ ସେମାନେ ତାଙ୍କର ପିତା ବ୍ରହ୍ମାଙ୍କୁ ପଚାରିଥିଲେ। ତାହା ହେଲା ମନ ସ୍ୱଭାବତଃ ସାଂସାରିକ ବିଷୟରେ ଆସକ୍ତି ହୋଇପଡ଼ିଥାଏ। ପୁଣି ଗୁଣ ସମୂହର ଅନେକ ବୃତ୍ତି ମଧ୍ୟ ମନରେ ପ୍ରବେଶ କରିବାରୁ ଉଭୟ ପରସ୍ପର ସହିତ ନିବିଡ଼ ଭାବରେ ଜଡ଼ିତ ହୋଇ ରହିଯାନ୍ତି। ଯଦି ଏପରି ତେବେ ସଂସାରରୁ ମୁକ୍ତି ପାଇବାକୁ ଚାହୁଁଥିବା ବ୍ୟକ୍ତିଟି କିପରି ତାହା କରିପାରିବ? ଭଗବାନ ଶ୍ରୀକୃଷ୍ଣ ଉଦ୍ଧବଙ୍କୁ କହିଲେ ଯେ ଲୋକ ପିତାମହ ବ୍ରହ୍ମାଙ୍କୁ ସନକାଦି ଋଷିମାନେ ଏପରି ପ୍ରଶ୍ନ ସିନା କଲେ ମାତ୍ର ତାଙ୍କର ମନ, ବୁଦ୍ଧି କେବଳ ସୃଷ୍ଟି ପ୍ରକ୍ରିୟାରେ ଲାଗି ରହିଥିଲା। ତେଣୁ ସେ ତାହାର ମୂଳ କଥା କିଛି ବୁଝିପାରିଲେ ନାହିଁ। ସନକାଦି ଋଷିମାନଙ୍କର ପ୍ରଶ୍ନର ଉତ୍ତର ଦେଇ ନପାରି ବ୍ରହ୍ମା ମୋଠାରୁ ତାହାର ଅର୍ଥ ଜାଣିବାକୁ ଚାହିଁଥିଲେ। ତେଣୁ ମୁଁ ହଂସ ରୂପରେ ସେମାନଙ୍କ ଆଗରେ ଆବିର୍ଭୂତ ହେଲି। ମୋତେ ଦେଖି ସନକାଦି ଋଷିମାନଙ୍କ ସମେତ ବ୍ରହ୍ମା ଆଦି ମୋତେ ପ୍ରଣାମ କରିବା ପରେ ସେମାନେ ମୋର ପରିଚୟ ପଚାରିଥିଲେ। ସେହି ଋଷିମାନେ ତତ୍ତ୍ୱ ଜାଣିବାକୁ ଚାହିଁବାରୁ ମୁଁ ସେମାନଙ୍କୁ କହିଥିଲି ଯେ ତୁମେମାନେ ଯେଉଁଭଳି ପ୍ରଶ୍ନ ପଚାରିଛ ତାହା ହେଲା ଆତ୍ମାରେ କୌଣସି ପାର୍ଥକ୍ୟ ନାହିଁ। ପୁଣି ଆତ୍ମାର ଦ୍ୱିତୀୟ ବୋଲି କିଛି ନାହିଁ। ଏଭଳି ଅବସ୍ଥାରେ ମୁଁ ଉତ୍ତର ଦେବାକୁ ଆରମ୍ଭ କରି ପ୍ରଥମେ ପଚାରିଲି ପଞ୍ଚଭୂତାତ୍ମକ ତତ୍ତ୍ୱ ସମସ୍ତ ପ୍ରାଣୀଙ୍କ ପାଖରେ ସମାନ ଭାବରେ ରହିଛି। ତେଣୁ ତୁମେମାନେ ମୋର ଯେଉଁ ପରିଚୟ ମାଗିଲ ସେଥିରେ କେବଳ ବାଣୀର ବ୍ୟବହାର ହେଲା। ତାହାର ତତ୍ତ୍ୱଗତ ଅର୍ଥ କିଛିନାହିଁ। ଏକଥା ଭଲଭାବରେ ଜାଣିରଖ ଯେ ଇନ୍ଦ୍ରିୟମାନଙ୍କ ଦ୍ୱାରା ଯାହା କିଛି ଗ୍ରହଣ ବା ପ୍ରକାଶ କରାଯାଏ ତାହାର ମୂଳ ହେଉଛି ମୁଁ। ଏକଥା ସତ ଯେ ବାରମ୍ବାର ବିଷୟ ଚିନ୍ତା କରି ମନ ସେହି ବିଷୟରେ ରହିଯାଏ ଓ ତାହା ହେଉଛି ମୋର ସ୍ୱରୂପଭୂତ ଜୀବର ଦେହ। ପ୍ରକୃତରେ ବିଶୁଦ୍ଧ ଆତ୍ମାର ମନ ଓ ବିଷୟ ସଙ୍ଗେ ତାହାର କୌଣସି ସମ୍ପର୍କ ନଥାଏ। ସେହି ବିଷୟ ସମ୍ପର୍କରେ ବାରମ୍ବାର ଚିନ୍ତା କଲେ ମନ ତାହା ପ୍ରତି ଆକୃଷ୍ଟ ହୋଇପଡ଼େ। ମନର ସଙ୍କଳ୍ପ ଓ ବିକଳ୍ପରୁ ହିଁ ବିଷୟ ଚିନ୍ତା ହୋଇଥାଏ। ତେଣୁ ସାଧନା କରୁଥିବା ବ୍ୟକ୍ତି ମୋର ସ୍ୱରୂପ ଚିନ୍ତା କଲେ ତାହାର ମନରେ ଆସୁଥିବା ଚାଞ୍ଚଲ୍ୟତା ଚାଲିଯିବ। ସାତ୍ତ୍ୱିକ, ରାଜସ ଓ ତାମସଗୁଣ ଅନୁସାରେ ଯଥାକ୍ରମେ ଜାଗ୍ରତ, ସ୍ୱପ୍ନ, ଶୁସୁପ୍ତି ଅବସ୍ଥା ଜାତ ହୁଏ ଓ ଏହି ତିନୋଟି ଅବସ୍ଥା ହିଁ ବୁଦ୍ଧିର ତିନୋଟି ବୃତ୍ତି। ଏହା ସ୍ୱୀକାର କରାଯାଇପାରେ ଯେ ଜୀବର ଏହିସବୁ ଅବସ୍ଥା ଅତୀତର ସାକ୍ଷୀ ମାତ୍ର।

ମନର ସଙ୍କଳ୍ପ ଓ ବିକଳ୍ପ ଦ୍ୱାରା ସମସ୍ତ ବୃତ୍ତି ଜନ୍ମ ନିଏ ଏବଂ ପ୍ରତ୍ୟେକର ମନକୁ ସେହି ତ୍ରିଗୁଣରେ ଜଡ଼ିତ କରାଇ ଭ୍ରମ କରିଦିଏ। ଏହାକୁ ହିଁ ଜୀବର ବନ୍ଧନ ବୋଲି କୁହାଯାଏ। ତେଣୁ ସାଧକ ମନକୁ ସ୍ଥିର କରି ଏହାକୁ ତ୍ୟାଗ କରିଦେବା ଆବଶ୍ୟକ। ମୁଁ ଓ ମୋର ଏହି ଅହଂକାରରୁ ସେପରି ବନ୍ଧନ ଆସିଥାଏ। ତାତ୍ତ୍ୱିକ ଅର୍ଥରେ ଏହା ହେଉଛି ଆତ୍ମାର ବିପରୀତ ଭାବ। ଜ୍ଞାନୀମାନେ ଏସବୁ ପ୍ରତି ଅନାସକ୍ତ ହୋଇ ସଂସାର ଚିନ୍ତାକୁ ଛାଡ଼ିଦେବା ଉଚିତ୍। ନାନାତ୍ତ୍ୱର ଭ୍ରମକୁ ବିଚାର ଦ୍ୱାରା ନଷ୍ଟ ନ କରିବା ଯାଏ ମନୁଷ୍ୟ ଜାଗ୍ରତ ଥିଲେ ମଧ୍ୟ ଅଜ୍ଞାନରେ ବୁଡ଼ି ରହିଥାଏ। ନିଦ୍ରାରେ ଶୋଇଥିଲା ବେଳେ ମନୁଷ୍ୟ ସୁଖ ଓ ଦୁଃଖର ଭାଗିଦାର ହୋଇଯାଏ। ଜାଗତ୍ର ଅବସ୍ଥାରେ ମଧ୍ୟ ସ୍ୱପ୍ନର ସେପରି କୁହେଳିକାକୁ ସତ୍ୟ ବୋଲି ଭାବିବା ଫଳରେ ସୁଖଦୁଃଖ ଭୋଗ କରିବାକୁ ପଡ଼େ। ପ୍ରକୃତରେ ଦେଖିବାକୁ ଗଲେ ଆତ୍ମା ବ୍ୟତୀତ କାହାର ସତ୍ତା ନାହିଁ। ସ୍ୱପ୍ନରେ ଦେଖୁଥିବା ସମସ୍ତ କଥା ଯେପରି ମିଥ୍ୟା ଅଜ୍ଞାନୀ ଜୀବର ସମସ୍ତ କ୍ରିୟା ଓ ସେଥିରୁ ଉପଜୁଥିବା ବିଭେଦତା ମଧ୍ୟ ସେହିପରି। ଜ୍ଞାନ ଆହରଣ ପରେ ଏପରି ବିଭେଦତା ଦୂର ହୋଇଯାଇଥାଏ। ଏହି ଜଗତର ସମସ୍ତ ବାହ୍ୟ ବିଷୟବସ୍ତୁ ସର୍ବଦା ପରିବର୍ତ୍ତନଶୀଳ। ଏହିଭଳି ପରିବର୍ତ୍ତନଶୀଳ ବିଷୟସବୁକୁ ଜାଗ୍ରତ ଅବସ୍ଥାରେ ଯେଉଁମାନେ ଉପଭୋଗ କରିଥାନ୍ତି ତାହା ସ୍ୱପ୍ନ ଭଳି ହୋଇଥାଏ। ସ୍ୱପ୍ନରେ ଦେଖିଥିବା ସମସ୍ତ କଥା ମନରୁ ଉଭେଇ ଯାଏ। ଏହି ତିନୋଟି ଯାକ ଅବସ୍ଥାର ଅନୁଭୂତି ପାଉଥିବା ଚେତନ ଆତ୍ମା ହେଉଛି ଏକ। ତିନୋଟି ଯାକ ଅବସ୍ଥାର ସ୍ଥିତି ଥିବାରୁ ଆତ୍ମା ତାହାର ସାକ୍ଷୀ ଓ ଇନ୍ଦ୍ରିୟମାନେ ହେଉଛନ୍ତି ନିୟନ୍ତ୍ରଣକାରୀ।

ପରମାତ୍ମାଙ୍କ ମାୟାଦ୍ୱାରା ତିନିଗୁଣରେ ରଚିତ ଜୀବରୂପୀ ଆତ୍ମା ଉପରେ ରହିଛି ମନର ତିନି ଅବସ୍ଥା। ଅହଂକାର ହେଉଛି ଏହିସବୁର ମୂଳ ଏବଂ ଜ୍ଞାନରୂପୀ ଖଡ୍ଗରେ ସେପରି ଅହଂକାରକୁ ଧ୍ୱଂସ କରିନଦେଲେ ହୃଦୟରେ ବିରାଜମାନ କରୁଥିବା ପରମାତ୍ମାଙ୍କୁ ଜାଣିହେବ ନାହିଁ। ଏହି ଦୃଶ୍ୟମାନ ସଂସାର ମନରେ ଆଣେ ବିଳାସତା ଯାହାକି ସମ୍ପୂର୍ଣ୍ଣ ଭ୍ରମ ସ୍ୱପ୍ନ ପରି କ୍ଷଣସ୍ଥାୟୀ ଓ ଅଲାତଚକ୍ର ପରି ଚଞ୍ଚଳ। ଜ୍ଞାନୀମାନେ ସଂସାରକୁ ଏହିଭଳି ଭାବରେ ଦେଖିଥାନ୍ତି। ଏକମାତ୍ର ପରମାତ୍ମା ବିବିଧ ରୂପରେ ପ୍ରକାଶିତ ହେଉଛନ୍ତି। ଅଜ୍ଞାନ ହେତୁ ପ୍ରତ୍ୟେକରେ ବିବିଧତା ଦେଖିବାକୁ ମିଳୁଛି। ମାତ୍ର ଏହାସବୁ ହେଉଛି ମାୟା ଓ ସ୍ୱପ୍ନ ପରି ମିଥ୍ୟା। ତ୍ରିଗୁଣ ପ୍ରଭାବରୁ ହିଁ ଏହିପରି ଭେଦଭାବ ମନରେ ଜାଗ୍ରତ ହେଉଛି। ବିଷୟାତୃଷ୍ଣାକୁ ଛାଡ଼ିଦେଇ ବିଷୟ ରାଜ୍ୟକୁ ଦୃଷ୍ଟି ଫେରାଇ ଆଣିବା ଉଚିତ୍। ମନକୁ ସର୍ବଦା ଅର୍ନ୍ତମୁଖୀ କରିବାର ଆବଶ୍ୟକତା ରହିଛି। ସମସ୍ତ ବିଷୟ ପ୍ରତି ବିମୁଖତା ଆଣି ଆତ୍ମାନନ୍ଦରେ ବୁଡ଼ିଯିବା ଉଚିତ୍। ଯଦି କୌଣସି ବିଷୟ ପ୍ରତି ଆକର୍ଷଣ ଆସିଲା ତାହା କେବଳ ମାୟା ଯୋଗୁ ତାହା ହେଉଛି ବୋଲି ଭାବିନେବାକୁ ପଡ଼ିବ। ଯାହାଫଳରେ ମନରେ ଭ୍ରମ ସୃଷ୍ଟି ହୋଇପାରିବ ନାହିଁ। ଶରୀର ଥିବା ପର୍ଯ୍ୟନ୍ତ ପୂର୍ବର ସଂସ୍କାର ନଷ୍ଟ ହୋଇନଥାଏ। ମଦ ପିଇଥିବା ବ୍ୟକ୍ତି ଯେପରି ଦେଖେ ନାହିଁ ଯେ ତାହାର ପିନ୍ଧିଥିବା ବସ୍ତ୍ର ଖଣ୍ଡକ ଅଛି କି ନାହିଁ ସେହିଭଳି ସିଦ୍ଧ ପୁରୁଷମାନେ ପ୍ରାରବ୍ଧରୁ ମିଳିଥିବା ନଶ୍ୱର ଦେହଟି କିଭଳି ଅବସ୍ଥାରେ ଅଛି ତାହା ପ୍ରତି ଦୃଷ୍ଟି ଦେଇନଥାନ୍ତି। ଯାହାଫଳରେ ସେମାନଙ୍କର ଜଗତ ସମ୍ପର୍କରେ କୌଣସି ଚେତନା ନଥାଏ। ଏହି ଶରୀର ପ୍ରାରବ୍ଧରୁ ହିଁ ମିଳିଥାଏ। ସେହି ପ୍ରାରବ୍ଧର କର୍ମଫଳ ଭୋଗ ହୋଇ ନ ସରିବା ପର୍ଯ୍ୟନ୍ତ ଦେହ ରହିଥାଏ। ସ୍ୱପ୍ନରୁ ଉଠିଲା ପରେ ମନୁଷ୍ୟ ଯେପରି ତା'ର ଅନୁଭବକୁ ଭୁଲିଯାଏ ଯୋଗର ଶେଷ ଅବସ୍ଥା ଅର୍ଥାତ୍ ସମାଧି ପ୍ରାପ୍ତ ହୋଇଥିବା ଯୋଗୀମାନଙ୍କର ଦେହାଦି ସମ୍ପର୍କରେ କୌଣସି ଜ୍ଞାନ ରହେନାହିଁ। ସେମାନେ ପରମାତ୍ମାଙ୍କୁ ପାଇବା ନିମନ୍ତେ ମନ ଦୃଢ଼ କରିଦେଇଥାନ୍ତି। ତେଣୁ ହେ ବ୍ରାହ୍ମଣଗଣ! ସାଂଖ୍ୟ ଓ ଯୋଗ ବିଷୟରେ ଶାସ୍ତ୍ରମାନଙ୍କରେ ଯାହା ବର୍ଣ୍ଣନା ଅଛି ତାହା ଜଣାଇଲି, ମୋକ୍ଷ ଧର୍ମ ବିଷୟରେ ଯାହା ଚାହୁଁଥିଲେ ତାହା ମଧ୍ୟ କହିଦେଲି। ମୁଁ ହେଉଛି ଯୋଗ, ସାଂଖ୍ୟ, ସତ, ଋତ, ତେଜ, ଶ୍ରୀ, କୀର୍ତ୍ତି, ଦମ ଓ ସମସ୍ତଙ୍କର ଆଶ୍ରୟର ସ୍ଥାନ। ମୁଁ ସମସ୍ତଙ୍କର ବନ୍ଧୁ, ନିରପେକ୍ଷ ପରମାତ୍ମା। ସମତା ଅନାସକ୍ତି ଆଦି ଯେତେପ୍ରକାର ଗୁଣ ରହିଛି ତାହା ମୋ ଠାରୁ ଜନ୍ମ ନେଇଛି। ଭଗବାନ ଶ୍ରୀକୃଷ୍ଣ ଉଦ୍ଧବଙ୍କୁ କହିଲେ ଯେ ଏହିଭଳି ସନକାଦି ମୁନିମାନଙ୍କୁ ଉପଦେଶ ଦେଇ ସେମାନଙ୍କର ସନ୍ଦେହ ଦୂର କରିଥିଲି। ସେମାନେ ମଧ୍ୟ ମୋତେ ସ୍ତୁତି କରିଥିଲେ। ଏହାପରେ ବ୍ରହ୍ମାଙ୍କ ସମ୍ମୁଖରେ ମୁଁ ମୋ ଧାମକୁ ଫେରିଆସିଥିଲି।

# ବ୍ୟାସଦେବଙ୍କ ଅନୁପମ ସୃଷ୍ଟି ଶ୍ରୀକୃଷ୍ଣ


ଉମାଶଙ୍କର ପ୍ରସାଦ
ସମ୍ପାଦକ,
ମାର୍ଗଦର୍ଶୀ, ଖୋର୍ଦ୍ଧା
ମୋ- ୬୩୭୦୬ ୭୫୫୬୨

ବ୍ୟାସଦେବଙ୍କ ଅନୁପମ ସୃଷ୍ଟି ଶ୍ରୀକୃଷ୍ଣ ଚରିତ୍ର ଭାରତୀୟ ସଂସ୍କୃତିରେ ମାନବ ଚେତନାର ସର୍ବୋଚ୍ଚ ପ୍ରତିଶ୍ରୁତି ଓ ଏକ ଆଧାତ୍ମିକ ଅନ୍ୱେଷା। ଶ୍ରୀକୃଷ୍ଣ କେତେବେଳେ ଗୋପବାଳୀଙ୍କ ପାଖେ ପ୍ରଣୟ ଚେତନାର ଦୁର୍ବାର ସ୍ରୋତସ୍ୱିନୀ ଓ ଯୁଦ୍ଧକ୍ଷେତ୍ରରେ କେତେବେଳେ ବିଶ୍ୱବିଶ୍ରୁତ ଦର୍ଶନର ଅଧିବକ୍ତା। ଭାରତୀୟ ଦର୍ଶନ କେବଳ ପ୍ରାଚୀନତା ନୁହେଁ, ଆକଳନର ଅତୀତ ମଧ୍ୟ। ମାନବ ଜାତିର ସୁଦୀର୍ଘ ଧର୍ମ ଦର୍ଶନର ପରମ୍ପରାରେ ଦୁଇଟି ଆଭିମୁଖ୍ୟ – ଗୋଟିଏ ଶରୀର କୈନ୍ଦ୍ରିକ ଓ ଅନ୍ୟଟି ଆତ୍ମିକ। ଶରୀର କାମନା ବାସନାର ଆଧାର ଓ ଆତ୍ମା ଦିବ୍ୟ। ଗୋଟିଏ ଦୃଶ୍ୟ ଓ ଅନ୍ୟଟି ଅନୁଭବ ସାପେକ୍ଷ। କାମନା ଓ ସାତ୍ତ୍ୱତ ଯଥାକ୍ରମେ ଶରୀର ଓ ଆତ୍ମାଧର୍ମ। ସମଗ୍ର ମାନବ ଜୀବନ ଏଇ ଦୁଇ ବିପରୀତ ଶକ୍ତିର ସଂଘର୍ଷ। ଯେଉଁ କାମନାର ଲେଲିହାନ ଶିଖା ଆମକୁ ବିବ୍ରତ କରେ ତାହା ଆମ ଅନ୍ତର୍ମନରୁ ଉଦ୍‌ଗତ। ପଶୁ ମଧ୍ୟ ମନୁଷ୍ୟପରି ପ୍ରବୃତ୍ତିର ଅଧିନ। ତା ଭିତରେ ପ୍ରବୃତ୍ତି ଜାଗରିତ ହେବା ସଙ୍ଗେ ସଙ୍ଗେ ସେ ତାହାର ସହଜ ଶିକାର ହୋଇଯାଏ। କିନ୍ତୁ ପଶୁ ଦେହ ସର୍ବସ୍ୱ ଥିଲାବେଳେ ମଣିଷ ଭିତରେ ବିଶେଷ ବୈଶିଷ୍ଟ୍ୟ ଯୋଗୁ ସେ ମନୁଷ୍ୟସ୍ତରକୁ ଉନ୍ନୀତ। ଅନନ୍ୟ ମାନସିକ ସ୍ତରର ସେ ଅଧିକାରୀ। ଭଲ ମନ୍ଦ, ବାଛ, ବିଚର, ଉଚିତ, ଅନୁଚିତ କ'ଣ କରିବା ଓ କ'ଣ ନ କରିବା ତା ଏହି ପ୍ରଚ୍ଛନ୍ନ ଶକ୍ତି ତା ପାଇଁ ନିର୍ଦ୍ଦେଶ ଦେଇଥାଏ। ଦୈବର ଅନେକ ମହାନ ଗୁଣ ତଥା ବୁଦ୍ଧି ବିବେକ ମାନବ ପାଖେ ଥାଇ ସୁଦ୍ଧା ଅନେକ ସମୟରେ ତା'ର ଦୁରୁପଯୋଗ କରି ଅସୁର ଭାବରେ ବିବେଚିତ ହୋଇଥାଏ। ଭୋଗକୁ ସର୍ବସ୍ୱଭାବେ ଗ୍ରହଣ କରି ସମାଜରେ ଅସ୍ଥିରତା ସୃଷ୍ଟି କରିଥାଏ। ଶକ୍ତିର ଅବଦାନ ଦ୍ୱିବିଧ। ଯେଉଁ ବିଜୁଳି ଶକ୍ତିର ସ୍ପର୍ଶରେ ମଣିଷ ମୃତ୍ୟୁବରଣ କରିଥାଏ, ସେହି ଶକ୍ତି ପୁଣି ରାତ୍ରର ଘନ ଅନ୍ଧକାରକୁ ଦୂରିଭୂତ କରି ଆଲୋକ ପ୍ରଦାନ କରିଥାଏ। ଜଗତ ଓ ଜୀବନରେ ଭଲମନ୍ଦ, ସୁବୁଦ୍ଧି, କୁବୁଦ୍ଧି, ସୁକର୍ମ, କୁକର୍ମ, ଶ୍ଲୀଳତା, ଅଶ୍ଲୀଳତା ପରସ୍ପର ଆପେକ୍ଷିକ। ସୁନ୍ଦର ମନୋଜ୍ଞ ପଦ୍ମଦ୍ୱାରା ଆମେ ପ୍ରଲୋଭିତ ହୋଇଥାଉ ମାତ୍ର ତା'ର ମୂଳ ଉତ୍ସ ଆବିଳ ଓ ପଙ୍କିଳତା। ପଙ୍କିଳତା ଓ ଜଳଗହଳ ଭେଦକରି ଆଲୋକ ଦିଗରେ ଯାତ୍ରା ତା'ର ଅବ୍ୟାହତ। ସେହିପରି ଆଦିମତା ଜୀବନର ଉତ୍ସ। ଆମର ଯାତ୍ରା ଅସତ୍‌ରୁ ସତ୍ ଓ ଅନ୍ଧକାରରୁ ଆଲୋକ ଦିଗରେ। ମାତ୍ର ମଣିଷ ପକ୍ଷରେ ଏ ଯାତ୍ରା ବଡ଼ ଦୁର୍ଗମ। ଯାତ୍ରା ପଥରେ ଅଟକି ଯିବାର ସମ୍ଭାବନା ଅଧିକ। ଭାଗବତରେ ମନର ଗତିକୁ ଲକ୍ଷ୍ୟକରି କୁହାଯାଇଛି – "ଚଂଚଳ ତୁରଙ୍ଗମ ଯେହ୍ନେ, ଶ୍ରମେ ସୁସାଧ ଦିନେ ଦିନେ"। ଯେଉଁମାନେ ନିଜକୁ ଜାଣିବାରେ ସକ୍ଷମ ହୋଇଛନ୍ତି। ସେମାନେ ଯୁଗେ ଯୁଗେ ସମାଜକୁ ଦିଶା ଦେଇଛନ୍ତି। ସଭ୍ୟତାର ନୂତନ ଦିଗବଳୟ ଉନ୍ମୋଚନ କରିଛନ୍ତି। ସମାଜ ସେମାନଙ୍କୁ ମହାପୁରୁଷ ମହାମାନବ ଅବତାରୀ ପୁରୁଷର ମାନ୍ୟତା ଦେଇଛି। 'ଶ୍ରୀରାମ' 'ଶ୍ରୀକୃଷ୍ଣ' ସେହିପରି ମାନବୋତ୍ତର ସ୍ତରର ସୃଷ୍ଟି ହୋଇପାରନ୍ତି। ଏ ଯୁଗର ସାଧକ ଅରବିନ୍ଦ ମଧ୍ୟ ଅତି ମାନବୀୟ ଶକ୍ତିକୁ ସ୍ୱୀକାର କରିଛନ୍ତି ଓ ସାଧାରଣ ମାନବ ମଧ୍ୟ ସାଧନା ବଳରେ ଅତିମାନବୀୟ ସ୍ତରକୁ ଉତୀର୍ଣ୍ଣ ହୋଇପାରିବ ବୋଲି ଦୃଢ ମତପୋଷଣ କରିଛନ୍ତି। ମାନବ ଲୀଳାଖେଳା କରୁଥିବା ଲୀଳା ପୁରୁଷୋତ୍ତମ ଶ୍ରୀକୃଷ୍ଣ ତାଙ୍କର ଅନେକ ଲୀଳାକୁ ଗୋପପୁର, ବୃନ୍ଦାବନ, ମଥୁରା ଓ ଦ୍ୱାରକା ସହିତ ଜଡ଼ିତ କରିଥିବାରୁ ଆଜିମଧ୍ୟ ଏହା ଏକ ବିଶେଷ ସ୍ଥାନର ନାମ ସଂଲଗ୍ନ ପରିଚୟ ଧରି ରହିଛି। ପୁରାଣ ପ୍ରସିଦ୍ଧ ଯମୁନା ନଦୀ ଏବେ ବି ପ୍ରବାହମାନ। କେତେ କେତେ ଶତାବ୍ଦୀପରେ ମଧ୍ୟ କୃଷ୍ଣଙ୍କର ଗୋପପୁରର ଅବିଶ୍ୱସନୀୟ ଲୀଳା, ଖେଳା। ମଥୁରା ବିଜୟ, ଦ୍ୱାରକାର ଚମତ୍କାର ଓ ମହାଭାରତ ଯୁଦ୍ଧରେ ଅଭାବନୀୟ ଭୂମିକା ଜନ ମାନସରେ ସଂଖାଳି କରିଦେଇଛି ତାଙ୍କୁ। ଶ୍ରୀକୃଷ୍ଣଙ୍କ ପରିବାରଠୁ ବଳି ବଡ଼ ପରିବାର ବୋଧହୁଏ ସାରା ସୃଷ୍ଟିରେ ଏ ଯାବତ୍ କେହି ଗଢିନାହିଁ ବା ଗଢି ପାରିବେନି। ତାଙ୍କ ଧର୍ମପତ୍ନୀଙ୍କ ସଂଖ୍ୟା ଷୋଳହଜାର ଏକଶହ ଆଠ। ପ୍ରତ୍ୟେକଙ୍କର ଦଶ ଦଶଟି ପୁଅ ଓ ଗୋଟିଏ ଝିଅ। ଏହା ସାଙ୍ଗକୁ ଭାଇ ବନ୍ଧୁ କୁଟୁମ୍ବଙ୍କ ସଂଖ୍ୟା ଅଗଣିତ। ଭାଗବତ, ମହାଭାରତ, ଗୀତା, ହରିବଂଶ ସହ ଅନେକ ପୁରାଣ ଓ କାବ୍ୟ ଶ୍ରୀକୃଷ୍ଣଙ୍କ ବର୍ଣ୍ଣନାରେ ମୁଖର। କେତେବେଳେ ଗୋପାଙ୍ଗନା ମେଳରେ ଅନ୍ୟକେତେବେଳେ ଗୋପାଳବାଳକ ଗହଣରେ ଗୋ-ଦାଣ୍ଡରେ, ପୁଣି ଅନ୍ୟ କେତେବେଳେ ଶକଯାରି, ବକାରି, ଶଙ୍ଖାରି ଭାବେ ଚମତ୍କାର ଖେଳାଇଛନ୍ତି। କାଳୀୟକୁ ଦଳି, ଇନ୍ଦ୍ରର ଗର୍ବ ଗଞ୍ଜନକରି ସ୍ତବ୍ଧ କରିଦେଇଛନ୍ତି ଗୋପବାସୀଙ୍କୁ। ଗୋପବାସୀଙ୍କ ସହ ଛ' ସାତ ବର୍ଷ ବୟଃକ୍ରମର କୃଷ୍ଣଙ୍କ ରାସଲୀଳା ଏଯାବତ୍ ବିସ୍ମୟ ହୋଇ ରହିଛି। ଅନ୍ୟ ପକ୍ଷେ କଂସ ବଧ ସବୁଠାରୁ ବଡ଼ ଚମତ୍କାର। ପରେ ପରେ ମଥୁରାବାସୀଙ୍କ ପାଖେ ହୋଇଯାଇଛନ୍ତି ଅପାସୋରା। ଏ ସବୁ ଘଟି ଯାଇଛି ତାଙ୍କର ୯ ବର୍ଷ ବୟସର ଅବଧି ଭିତରେ। ସଂଶୟର ଏଯାବତ୍ ଶେଷ ହୋଇନାହିଁ। ଶ୍ରୀକୃଷ୍ଣଙ୍କୁ ନେଇ ଆଜି ଅଜସ୍ର ପ୍ରଶ୍ନ ଜନ ମନରେ। ଏତେ ଶତାବ୍ଦୀ ବିତିଗଲା ପରେ ମଧ୍ୟ ସେ କୋଟି ଜନ ମାନସରେ ସେ ରହିଯାଇଛନ୍ତି ସବୁଠାରୁ ବିସ୍ମୟ ହୋଇ। ଅଗଣିତ ଜନଗଣଙ୍କପାଇଁ ସେ ଆନନ୍ଦମୟ ଭାବଗ୍ରାହୀ ଓ ଅନାସକ୍ତ ପୁରୁଷ। ପଦ୍ମପତ୍ର ଉପରେ ଜଳବିନ୍ଦୁ ସିନା କେବଳ ଢଳ ଢଳ ହୁଏ, କିନ୍ତୁ ତାକୁ ସିକ୍ତ କରିପାରେ ନାହିଁ। ତାଙ୍କର ବାଣୀ, "ବାହ୍ୟ ପଦାର୍ଥ ବାଧକ ନୁହେଁ। ବାଧକ ହେଉଛି ଏହା ସହିତ ରାଗ ପୂର୍ବକ ମାନି ନେଇଥିବା ସମ୍ବନ୍ଧ।" ବୈଷ୍ଣବ ସମ୍ପ୍ରଦାୟ ତାଙ୍କର ଅଦ୍ଭୁତକର୍ମ, କ୍ରିୟା ଓ ଲୀଳାକୁ ବାଧ ଛାତ୍ରଭଳି ମାନି ନେଇଛନ୍ତି, କିନ୍ତୁ ବୁଦ୍ଧିଜୀବୀମାନଙ୍କ ଦୃଷ୍ଟିରେ ତାଙ୍କର କାର୍ଯ୍ୟ କଳାପ ଉପରେ ଅନେକ ପ୍ରଶ୍ନବାଚୀ। ସୃଷ୍ଟି ରକ୍ଷା ପାଇଁ ଯୁଗ ତଥା ସମାଜର ଆବଶ୍ୟକତା ଦୃଷ୍ଟିରୁ ଅତିମାନବୀୟ ପୁରୁଷର ଆବିର୍ଭାବକୁ ଭାଗବତକାର ସ୍ୱୀକାର କରିଛନ୍ତି। ବିଭୂତି ସଂପନ୍ନ ଗୋପୀ ଓ ଗୋପାଳ ବାଳକମାନେ ଗୋପରେ ଜନ୍ମ ନେଇଥିବା ବିଷୟ ଭଗବାନ ବ୍ୟାସ ଉଲ୍ଲେଖ କରିଛନ୍ତି। ପଦ୍ମପୁରାଣ ପାତାଳଖଣ୍ଡ ଅନୁସାରେ ଗୋପୀର ଅର୍ଥ ଗୋପନଶୀଳ। "ଗୋ ବିହି ପିବତି ଭକ୍ତି ରସମ୍ ସା ଗୋପୀ"। ଏହି ପରିପ୍ରେକ୍ଷୀରେ ଗୋପିକାମିନୀରୁ ଇନ୍ଦ୍ରିୟ ସାଂସାରିକ କାମନାବାସନାରୁ ଉର୍ଦ୍ଧ୍ୱରେ। ସେ ସମ୍ପୂର୍ଣ୍ଣ କୃଷ୍ଣ ସମର୍ପିତା। ଗୋପୀଙ୍କ ପ୍ରେମରେ ଶୃଙ୍ଗାର ଅଛି। ମାତ୍ର ରାଗ ନାହିଁ। ଲୌକିକ ସଂପର୍କରୁ ଉର୍ଦ୍ଧ୍ୱରେ ସେ ନିତ୍ୟପ୍ରେମ। ସେଥିରେ ଅଜ୍ଞାନ ଜନିତ ଆସକ୍ତି ନାହିଁ। ସେଥିରେ ଦେହ ଅଛି ମାତ୍ର ଅହଂ ନାହିଁ। ବିଯୋଗ ଥିଲେ ମଧ୍ୟ ବିଚ୍ଛେଦ ନାହିଁ। ତେଣୁ ପଦ୍ମପୁରାଣ ଅନୁସାରେ ଗୋପୀଗଣ ଅସାମାନ୍ୟ। ଭାଗବତରେ ବସ୍ତ୍ର ହରଣ ପ୍ରସଙ୍ଗ ଅନ୍ୟ ଏକ ବିସଂଗତି। ମାତ୍ର ଛଅ ବର୍ଷ ବୟସର ବାଳକ ଯେ କି ବାଲ୍ୟ ଚପଳତାରୁ ମଧ୍ୟ ଉତୀର୍ଣ୍ଣ ହୋଇ ନାହାଁନ୍ତି। କିନ୍ତୁ କୃଷ୍ଣଙ୍କର ଅଙ୍ଗସୁଖପାଇଁ ଗୋପୀଗଣ କଠୋର ବ୍ରତ ପାଳନ କରିଛନ୍ତି। ଗୋପୀ ତାଙ୍କର ପରିଧେୟକୁ କୂଳରେ ରଖି ଯମୁନା ଜଳରେ ମାଜଣାରତ ଥିବାକାଳରେ ଚପଳତାର ବୟସ ଅତିକ୍ରମ କରି ନ ଥିବା ଶ୍ରୀକୃଷ୍ଣ ବସ୍ତ୍ରକୁ ନେଇ ବୃକ୍ଷ ଶାଖାରେ ରଖିଛନ୍ତି। ବଡ଼ ରହସ୍ୟ-ଘନ ବ୍ୟାପାର, ପ୍ରେମ, ଦୟା, କ୍ଷମା, ପରପ୍ରବଣତା ପ୍ରାଣର ବିଶାଳତାକୁ ସୂଚାଇଥାଏ। ଏସବୁ ଆତ୍ମାର ଧନ, ଦେହର ବିକାର ନୁହେଁ। ସଂସାରରେ ଜ୍ଞାନୀ ଓ ଭକ୍ତ, 'ମୁହିଁ ମୋହର ଶରୀର' ଭାବର ବହୁ ଉଚ୍ଚତର ସୋପାନରେ। ଶରୀର, ମନ ଓ ବୁଦ୍ଧିକୁ ଉକ୍ତ ନିଜର ନ ମାନିଲେ ମଧ୍ୟ ଏଥିରେ ସୂକ୍ଷ୍ମ ଆତ୍ମୀୟତା ଭାବର ବିନାଶ ହିଁ ଆତ୍ମାଶୁଦ୍ଧି। ବସ୍ତ୍ର ହରଣ ପର୍ବରେ ଗୋପୀଗଣ ଶ୍ରୀକୃଷ୍ଣଙ୍କ ସମ୍ପର୍କରେ ଆସିଲାପରେ ସେମାନଙ୍କ ସ୍ୱଭାବରେ ପରିବର୍ତ୍ତନ ଲକ୍ଷ୍ୟକରି ଭାଗବତକାର ଲେଖିଛନ୍ତି:- ଗତି ସ୍ମିତ ପ୍ରେକ୍ଷଣ ଭାଷଣାଦିଷୁ ପ୍ରିୟାଃ ପ୍ରୟସ୍ୟ ପ୍ରତିରୁଢ଼ ମୂର୍ତ୍ତୟ ଅସ୍ୱାବହଂ ତ୍ୱିତ୍ୟ ବଳାସ୍ତଦାତ୍ମିକା ନ୍ୟବେଦିଷୁଃ କୃଷ୍ଣ ବିହାର ବିଭ୍ରୟାଃ।। ନିଜକୁ ସମ୍ପୂର୍ଣ୍ଣ ଭୁଲିଯାଇ ସେମାନେ କୃଷ୍ଣଗତା ହୋଇ ଯାଇଥିଲେ। 'ମୁହିଁ କୃଷ୍ଣ' ବୋଲି କହିବାକୁ ଲାଗିଥିଲେ। ଭଗବତ୍ ଗୀତାର ଅଠର ଅଧ୍ୟାୟରେ ପାଶ୍ଚାତ୍ୟ ଦାର୍ଶନିକ ନେରୁଦାଙ୍କର ଉକ୍ତି– 'The eternal is man, but wapped in his constricted personality' ଯାହା ଦେହାତୀତ ଓ ବ୍ୟକ୍ତିଙ୍କ ସମ୍ବନ୍ଧର ଉର୍ଦ୍ଧ୍ୱରେ, ତାହା ଆଧୁନିକ ବିଜ୍ଞାନ ଏଯାବତ ନିର୍ଣ୍ଣୟ କରିପାରିନାହିଁ। ଭକ୍ତି ସମ୍ପୂର୍ଣ୍ଣ ସମର୍ପଣ ଭାବ ଉପରେ ଆଧାରିତ। ଶ୍ରୀକୃଷ୍ଣ ସମସ୍ତିଙ୍କ ହୋଇ ମଧ୍ୟ କାହାପାଖେ ଧରା ଦେଇ ନାହାଁନ୍ତି। ସେ କୌଣସି ଗୋଷ୍ଠୀ ସମାଜ ବା ଭୂଖଣ୍ଡର ସମ୍ପତ୍ତି ନୁହଁନ୍ତି। ସେ ସୂର୍ଯ୍ୟପରି ସମଗ୍ର ସୃଷ୍ଟିର ବିଭବ। ସେହି ନିର୍ବିକଳ୍ପ, ନିରାଲମ୍ବ, ନିର୍ବିକାର ଶ୍ରୀକୃଷ୍ଣଙ୍କୁ ପାଇବାପାଇଁ ପୂର୍ଣ୍ଣ ସମର୍ପଣ ଭାବ ଏକ ମାତ୍ର ପନ୍ଥା।



Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022 ସମ୍ପାଦକ : ଜୟାଶୀଷ ରାୟ

30 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨୮ ଅଗଷ୍ଟ ୨୦୨୪ ବୁଧବାର



# ପ୍ରଭୁ ଶ୍ରୀକୃଷ୍ଣ: ଗୋପଲୀଳାରୁ କଂସ ବଧ, ପୁଣି ମହାଭାରତ ପର୍ଯ୍ୟନ୍ତ



ଶ୍ରୀକୃଷ୍ଣ ଗୋବିନ୍ଦ ହରେ ମୁରାରି... ହେ ନାଥ ନାରାୟଣ ବାସୁଦେବ । ଭଗବାନ ବିଷ୍ଣୁଙ୍କ ଅଷ୍ଟମ ଅବତାର ପ୍ରଭୁ ଶ୍ରୀକୃଷ୍ଣ । ସେ ସୃଷ୍ଟି, ସୁନ୍ଦର, ପ୍ରେମର ପ୍ରତିକ, ପରମାତ୍ମା, ପାପ ବିନାଷକାରୀ ଓ ଧର୍ମ ସଂସ୍ଥାପକ । ମାନବ ଜାତିର ଉନ୍ନତି କଳ୍ପେ ଭଗବାନ ଶ୍ରୀକୃଷ୍ଣ ଭିନ୍ନ ଭିନ୍ନ ଭୂମିକାରେ ଅବତୀର୍ଣ୍ଣ ହୋଇ ଲୀଳା କରିଥିଲେ। ଦ୍ୱାପର ଯୁଗରେ ପ୍ରବଳ ପ୍ରତାପୀ କଂସକୁ ବଧ କରିବା ନିମନ୍ତେ ମାନବ ରୂପରେ ଭାଦ୍ରବ ମାସ କୃଷ୍ଣପକ୍ଷ ଅଷ୍ଟମୀ ତିଥିରେ ବସୁଦେବ ଓ ଦେବକୀଙ୍କ ପୁଅ ରୂପେ ଧରାବତରଣ କରିଥିଲେ ଭଗବାନ କୃଷ୍ଣ। ସେହି ଦିନକୁ କୃଷ୍ଣ ଜନ୍ମ ବା ପବିତ୍ର ଜନ୍ମାଷ୍ଟମୀ ରୂପେ ପାଳନ କରାଯାଉଛି । ଦ୍ୱାପର ଯୁଗରେ ମଥୁରା ନଗରୀରେ କଂସର ଅତ୍ୟାଚାର ଦିନକୁ ଦିନ ବଢିବାରେ ଲାଗିଥିଲା । ଯେତେବେଳେ ଦେବକୀ ଓ ବସୁଦେବଙ୍କୁ ରଥରେ ବସାଇ କଂସ ଯାଉଥିଲା ସେତେବେଳେ ଆକାଶବାଣୀ ହୋଇଥିଲା ଭଉଣୀ ଦେବକୀ ଗର୍ଭର ଅଷ୍ଟମ ସନ୍ତାନ ତାକୁ ବଧ କରିବ । ଏହାପରେ ଦେବକୀ ଓ ବସୁଦେବଙ୍କୁ ବନ୍ଦୀ କରିଥିଲା ପ୍ରବଳ ପ୍ରତାପୀ କଂସ । ଦେବକୀଙ୍କ ପ୍ରଥମ ୭ଟି ସନ୍ତାନଙ୍କୁ ହତ୍ୟା କରିଥିଲା । ଏହା ପରେ ଅଧର୍ମର ବିନାଶ ପାଇଁ ଭାଦ୍ରବ କୃଷ୍ଣପକ୍ଷ ଅଷ୍ଟମୀ ତିଥି ମଧ୍ୟ ରାତ୍ରୀରେ ଦେବକୀଙ୍କ ଗର୍ଭରୁ ଜନ୍ମ ନେଇଥିଲେ ଶ୍ରୀକୃଷ୍ଣ । ବନ୍ଦିଶାଳାରେ ମାତା-ପିତାଙ୍କୁ ଶ୍ରୀକୃଷ୍ଣ ଜଣାଇଥିଲେ ତାଙ୍କର ଧରାବତରଣ ଉଦ୍ଦେଶ୍ୟ। ସେ ଦୁଷ୍ଟ ଶକ୍ତିର ବିନାଶ ଓ ଧର୍ମ ପ୍ରତିଷ୍ଠା ନିମନ୍ତେ ମାନବ ରୂପ ଧାରଣ କରିଛନ୍ତି ଏବଂ ତାଙ୍କର ମାନବ ଲୀଳା ହିଁ ପୃଥିବୀରୁ ସମସ୍ତ ପ୍ରକାର କଳୁଷ ନାଶ କରିପାରିବ। ପୃଥିବୀକୁ କଂସର ଅତ୍ୟାଚାରରୁ ମୁକ୍ତ କରିବା ନିମନ୍ତେ ବ୍ରହ୍ମାଙ୍କ ସହ ଦେବଗଣଙ୍କ ଅନୁରୋଧ ରକ୍ଷାକରି ସେ ଜନ୍ମ ନେଇଥିଲେ। ଗୋପରେ ନନ୍ଦରାଜାଙ୍କ ଘରେ ବାଲ୍ୟ ଲୀଳା କରିବେ । ରାକ୍ଷସ ନିପାତ ପାଇଁ ତାଙ୍କୁ ନନ୍ଦରାଜାଙ୍କ ଘରେ ରହିବାକୁ ପଡ଼ିବ, ତେଣୁ ସେଠାରେ ଜନ୍ମ ନେଇଥିବା କନ୍ୟାକୁ ବନ୍ଦୀଶାଳାକୁ ଆଣି ତାଙ୍କୁ ନେଇ ଗୋପପୁରରେ ନନ୍ଦରାଜାଙ୍କ ଘରେ ସମସ୍ତଙ୍କ ଅଗୋଚରରେ ଥୋଇଦେଇ ଆସିବାକୁ ପିତାଙ୍କୁ କହିଲେ।

ପରଂବ୍ରହ୍ମଙ୍କ ଆଜ୍ଞାକୁ ମାନି ବସୁଦେବ ନବଜାତ ପୁତ୍ରକୁ କୋଳରେ ଧରି ଅନ୍ଧାର ରାତିରେ ବାହାରିଲେ । ଜଗନ୍ନାଥ ଦାସଙ୍କ ଭାଗବତରେ ବର୍ଣ୍ଣିତ କଥା ଅନୁଯାୟୀ ଯେଉଁ ସମୟରେ କୃଷ୍ଣଙ୍କୁ ଧରି ବନ୍ଦୀଶାଳାରୁ ବାହାରିଥିଲେ ବାସୁଦେବ ସେହି ସମୟରେ ଦିବ୍ୟ ଆଲୋକରେ ଆଲୋକିତ ହେଇଥିଲା । ବସୁଦେବଙ୍କ ଗୋଡରୁ ବେଡି ଖୋଲିଗଲା ଏବଂ ବନ୍ଦୀଶାଳାର ଦ୍ୱାର ମଧ୍ୟ ଆପେଆପେ ଖୋଲିଗଲା। ପ୍ରବଳ ବର୍ଷା ସାଙ୍ଗକୁ ଅନ୍ଧାର ରାତିରେ ବସୁଦେବ ପୁତ୍ରକୁ ନେଇ ଯମୁନା ନଦୀ ପାର ହୋଇ ଗୋପପୁରରେ ପହଞ୍ଚିଥିଲେ। ପ୍ରଭୁ ବର୍ଷାରେ ଓଦା ଯାଉଥିବାରୁ ବାଟରେ ନାଗରାଜା ଅନନ୍ତ ନିଜର ବିଶାଳ ଫଣା ଢାଙ୍କି ଚାଲିଲେ। ସବୁ ବାଧାବିଘ୍ନ ଅତିକ୍ରମ କରି ଶ୍ରୀକୃଷ୍ଣଙ୍କୁ ନେଇ ନନ୍ଦ ଘରେ ଛାଡିଥିଲେ ବସୁଦେବ। ପ୍ରଭୁ ଶ୍ରୀକୃଷ୍ଣଙ୍କ ଏହି ପବିତ୍ର ଜନ୍ମ ଦିନକୁ ଜନ୍ମାଷ୍ଟମୀ ଭାବେ ପାଳନ କରାଯାଏ।



# କର୍କଟ ରୋଗ ଆଶଙ୍କାକୁ ହ୍ରାସ କରେ ଆଖୁରସ



ଆଖୁରସରୁ ସୋଡିୟମ୍, କ୍ୟାଲସିୟମ୍, ଲୌହସାର ଆଦି ପୋଷକତତ୍ତ୍ୱ ମିଳିଥାଏ। ଆଖୁରସ କର୍କଟ ରୋଗ ଆଶଙ୍କାକୁ ହ୍ରାସ କରିବା ସହ ଯକୃତ୍ ସମସ୍ୟା, ପାଚନସମ୍ବନ୍ଧୀୟ ସମସ୍ୟାକୁ କମ୍ କରି ଅସ୍ଥିକୁ ମଜଭୁତ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରେ। ତେଣୁ ପ୍ରତିଦିନ ଏକ ଗ୍ଲାସ ଆଖୁରସ ପିଇବା ଫଳପ୍ରଦ। ଆଖୁରସରେ କ୍ୟାଲସିୟମ୍, ପୋଟାସିୟମ୍, ଆଇରନ, ମ୍ୟାଗ୍ନେସିୟମ୍ ମାତ୍ରା ଅଧିକ ରହିଥାଏ। ଏଥିରେ ମିଳୁଥିବା ସ୍ୱତନ୍ତ୍ର ତତ୍ତ୍ୱ କର୍କଟ ରୋଗ ଆଶଙ୍କାକୁ ହ୍ରାସ କରାଏ। ବିଭିନ୍ନ କର୍କଟ ରୋଗ ସମେତ ପ୍ରୋଷ୍ଟେଟ ଏବଂ ସ୍ତନ୍ୟ କର୍କଟ ସହ ଲଢ଼େଇ କରିବାରେ ଏହା ବେଶ୍ ସହାୟକ ହୁଏ। ଆଖୁରସରେ ପ୍ରାକୃତିକ ଶର୍କରା ମିଳୁଥିବାରୁ ଏହା ଶରୀରର ଗ୍ଲୁକୋଜ ମାତ୍ରାକୁ ବୃଦ୍ଧି କରାଏ। ଏହି ରସ ପିଇବା ଦ୍ୱାରା ଶରୀର ମଜଭୁତ ରହିବା ସହ ଖରାଦିନେ ଅଜୀର୍ଣ୍ଣ ସମସ୍ୟାରୁ ମଧ୍ୟ ରକ୍ଷା ମିଳିଥାଏ। ଆଖୁରସରୁ ମିଳୁଥିବା ପୋଟାସିୟମ୍ ପାଚନତନ୍ତ୍ର ପାଇଁ ଲାଭପ୍ରଦ। ପେଟଜନିତ ସମସ୍ୟାକୁ ଏହା ଦୂର କରେ। କୋଷ୍ଠକାଠିନ୍ୟ ସମସ୍ୟା ମଧ୍ୟ ରୁହେ ନାହିଁ । ଏଥିରେ ଥିବା ଫାଇବର ଓଜନ ନିୟନ୍ତ୍ରଣ କରେ । ଅଲ୍‌ଫା ହାଇଡ୍ରୋକ୍ସି ଏସିଡ (ଏଏଚ୍‌ଏଏସ୍) ପଦାର୍ଥ ତ୍ୱଚା ସମ୍ବନ୍ଧୀୟ ସମସ୍ୟାକୁ ଦୂର କରେ। ଆଖୁ ରସ ଶରୀରର କୋଲେଷ୍ଟ୍ରଲ ଏବଂ ଟ୍ରାଇଗ୍ଲିସରାଇଡ ସ୍ତରକୁ ହ୍ରାସ କରେ । ପ୍ରୋଟିନ୍‌ଯୁକ୍ତ ଆଖୁରସ ପିଇବା ଦ୍ୱାରା ବୃକ୍କ ସଂକ୍ରମଣ, ପରିସ୍ରା ସଂକ୍ରମଣ, ଅମ୍ଳ, ପଥର ସମସ୍ୟାରୁ ମୁକ୍ତି ମିଳେ। ସେହିପରି ଆଖୁରସରେ ଆଣ୍ଟି ଅକ୍ସିଡାଣ୍ଟ ମାତ୍ରା ଅଧିକ ଥିବାରୁ ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି କରି ରକ୍ତହୀନତା ଦୂର କରେ। ଦାନ୍ତଜନିତ ସମସ୍ୟା ଦୂର କରିବାରେ ମଧ୍ୟ ଆଖୁ ରସ ବେଶ୍ ଫଳପ୍ରଦ।

# ସପ୍ତାହକୁ ମାତ୍ର ଗୋଟିଏ ଦିନ ଉପବାସ କରିବା ନିହାତି ଜରୁରୀ

ଉପବାସ କରିବା କେବଳ ଆଧାତ୍ମିକ ଭାବରେ ଆବଶ୍ୟକ ନୁହେଁ । ବରଂ ସ୍ୱାସ୍ଥ୍ୟ ପାଇଁ ମଧ୍ୟ ଆବଶ୍ୟକ । ହିନ୍ଦୁ ଧର୍ମରେ କୌଣସି ନା କୌଣସି ପୂଜା ପର୍ବ ବର୍ଷ ବର୍ଷ ଧରି ଚାଲିଥାଏ । ଏହାର ଅନେକ ଗୁଡିଏ ଲାଭ ମଧ୍ୟ କୁହାଯାଇଛି। ମେଡିକାଲ ସାଇନ୍ସ ରେ ଇଣ୍ଟର ମିଡିଏଟ ଫାଂଷ୍ଟିଙ୍ଗକୁ ନେଇ ଅନେକ ଗୁଡିଏ ଗବେଷଣା କରାଯାଇଛି। ଅନେକ ଗବେଷକ ଉପବାସ କୁ ଶରୀର ପାଇଁ ହିତକର ମଧ୍ୟ କହିଛନ୍ତି । ଗବେଷକଙ୍କ ମତରେ ସପ୍ତାହ କୁ ମାତ୍ର ଗୋଟିଏ ଦିନ ଉପବାସ ନିହାତି କରିବା ଜରୁରୀ । ଆସନ୍ତୁ ଜାଣିବା ସପ୍ତାହ କୁ ଗୋଟିଏ ଦିନ ଉପବାସ କରିବା ଦ୍ୱାରା କେଉଁସବୁ ଲାଭ ମିଳିଥାଏ ।

ସପ୍ତାହ ରେ ଗୋଟିଏ ଦିନ ଉପବାସ କରିବାର ପ୍ରଭାବ – ଯେତେବେଳେ ଆମେ ସପ୍ତାହ ରେ ଗୋଟିଏ ଦିନ ଉପବାସ କରିଥାଉ ଓ ୨୪ ଘଣ୍ଟା ଭୋଜନ କରିନଥାଉ, ସେତେବେ ଆମ ଏନର୍ଜି ପାଇଁ ଶରୀରରେ ଜମା ରହିଥିବା ଫ୍ୟାଟ କାମରେ ଆସିଥାଏ । ଏହି ଉପବାସ ସମୟ ରେ ଆମେ କୌଣସି ଖାଦ୍ୟ ଗ୍ରହଣ ନକରି କେବଳ ଜଳ ଗ୍ରହଣ କରିବା ଜରୁରୀ । ଯଦି ଆମେ ଚାହିଁବା ତେବେ ଯେ କୌଣସି କ୍ୟାଲୋରୀ ବିହୀନ ଡ୍ରିଂକ୍ସ ସେବନ କରିପାରିବା ।– ଆଣେ ରିସର୍ଚ୍ଚ ରୁ ଜଣା ପଡିଛି ଯେ ଏପରି କରିବା ଦ୍ୱାରା ଓଜନ ହ୍ରାସ ହୋଇଥାଏ ଓ ଆମ ମେଟାବୋଲିଯିମ ଉପରେ ସକାରାତ୍ମକ ପ୍ରଭାବ ପଡିଥାଏ । ଏହାଛଡା ହାର୍ଟ ର ସ୍ୱାସ୍ଥ୍ୟ ପାଇଁ ମଧ୍ୟ ଖୁବ ହିତକର ।

କ'ଣ ଉପବାସ ରେ ଓଜନ ହ୍ରାସ ହୋଇଥାଏ –– ଗବେଷକଙ୍କ ମତରେ ସପ୍ତାହ ରେ ଗୋଟିଏ ଦିନ ଉପବାସ ରହିବ ଦ୍ୱାରା ଓଜନ ହ୍ରାସ ପାଇଁ ସାହାଯ୍ୟ ମିଳିଥାଏ । କିନ୍ତୁ ଏଥିପାଇଁ ଠିକ ଉପାୟ ଜଣାଥିବା ଜରୁରୀ। ଉପବାସ ସମୟରେ ଅଧିକ ରୁ ଅଧିକ ପାଣି ପିଇବା ଜରୁରୀ ଯାହାକି ପରିଶ୍ରା ମାଧ୍ୟମ ରେ ଶରୀର ଡ଼ିଟକ୍ସ ହୋଇଥାଏ।– ୨୪ ଘଣ୍ଟା ପର୍ଯ୍ୟନ୍ତ ଉପବାସ ରହିବ ଦ୍ୱାରା ହାର୍ଟ ମଧ୍ୟ ସୁସ୍ଥ ରହିଥାଏ । ଏହି ଅଧ୍ୟୟନ ରେ ଜୀବଜନ୍ତୁ ଙ୍କୁ ନିଆଯାଇ ଅଧ୍ୟୟନ କରାଯାଇ ଥିଲା। ଯେଉଁଥିରେ ଜଣା ପଡିଥିଲା ଯେ ସପ୍ତାହ କୁ ଠାରେ ଉପବାସ କରିବା ଦ୍ୱାରା କ୍ୟାନ୍ସର ଭଳି ମାରାତ୍ମକ ବ୍ୟାଧିରୁ ଦୁରେଇ ହୋଇ ରହିବା।

# ସାତ ସାଧବଙ୍କ ଅଲିଅଳି ଭଉଣୀ ତଅପୋଇର କରୁଣ କାହାଣୀ ଖୁଦୁରୁକୁଣୀ ଓଷା



ଓଡ଼ିଆ କୁଆଁରୀ ଝିଅମାନେ ସାଧବ ପରମ୍ପରାକୁ ନେଇ ଭାଇଙ୍କ ଶୁଭ ମନାସୀ ଭାଦ୍ରବ ମାସରେ ମା' ଖୁଦୁରୁକୁଣୀଙ୍କ ପୂଜା କରିଥାନ୍ତି। ଓଡ଼ିଶାର କୋଣ ଅନୁକୋଣରେ ଏହି ପୂଜା କରାଯାଇଥାଏ। ଭାଦ୍ରବ ମାସର ପ୍ରତି ରବିବାର ଏହି ଓଷା ପଡିଥାଏ। ଓଡ଼ିଶାରେ ବାର ମାସ ତେର ପର୍ବ ଭିତରୁ ଖୁଦୁରୁକୁଣୀ ଓଷା ଏକ ପାରମ୍ପରିକ ପର୍ବ। ଏହାକୁ କେହିକେହି ଭାଲୁକୁଣି ଓଷା ତ ଆଉ କିଏ ଡିଙ୍କି ଓଷା ମଧ୍ୟ କୁହନ୍ତି। କୁଆଁରୀ ଝିଅମାନେ ସାଧବ ପରମ୍ପରାକୁ ନେଇ ଭାଇଙ୍କ ଶୁଭମନାସୀ ଭାଦ୍ରବ ମାସରେ ମା' ଖୁଦୁରୁକୁଣୀଙ୍କ ପୂଜା କରିଥାନ୍ତି। ଓଡ଼ିଶାର କୋଣ ଅନୁକୋଣରେ ଏହି ପୂଜା କରାଯାଇଥାଏ। ଭାଇ ଭଉଣୀର ସମ୍ପର୍କକୁ ମନେପକେଇ ଦେବାର ପର୍ବଟିଏ ହେଉଛି ଏହି ଖୁଦୁରୁକୁଣୀ। ସମାଜକୁ ନାରୀର ଅବଦାନ ଓ ଶ୍ରେଷ୍ଠତ୍ୱକୁ ପ୍ରତିପାଦନ କରୁଥିବା ପର୍ବ ହେଉଛି ଏହି ଖୁଦୁରୁକୁଣୀ। ପରିବାର ଭିତରେ ସମ୍ପର୍କର ଡୋରି ବାନ୍ଧିବାର ପର୍ବ ହେଉଛି ଏହି ଖୁଦୁରୁକୁଣୀ। ଏନେଇ ଓଡ଼ିଶାର କୁମାରୀମାନେ ଭାଦ୍ରବର ପ୍ରତି ରବିବାରରେ ନିଜ ଭାଇର ନିରାମୟ ଜୀବନ, ଉଜ୍ଜଳ ଭବିଷ୍ୟତ ଓ ଦୀର୍ଘ ଆୟୁ କାମନା କରି ମା' ମଙ୍ଗଳାକୁ ସ୍ମରଣ କରିଥାନ୍ତି । ଓଡ଼ିଆ ଘରର ବୋହୂମାନେ ବି ଏହି ବ୍ରତକୁ ପାଳନ କରନ୍ତି। ଭାଦ୍ରବ ମାସର ପ୍ରତି ରବିବାରରେ ଖୁଦୁରୁକୁଣୀ ଓଷା ପାଳିତ ହୁଏ।

**ସାଧବ ପୁଅଙ୍କ କଥା:**

ଆଗକାଳରେ ଓଡ଼ିଆ ସାଧବ ପୁଅମାନେ ବିଦେଶକୁ ବଣିଜ କରିବାକୁ ଯାଉଥିଲେ। ସେହି ସମୟରେ ସାତଜଣ ସାଧବ ଭାଇ ଦୂରଦେଶକୁ ବଣିଜ କରିବାକୁ ଯାଇଥିଲା ବେଳେ ଘରେ ତାଙ୍କର ଘରଣୀ ଓ ଏକମାତ୍ର ସାନ ଭଉଣୀ ତଅପୋଇ ରହିଥିଲେ। କେବଳ ସାନ ଭାଉଜଙ୍କୁ ଛାଡ଼ି ତଅପୋଇ ପ୍ରତି ବାକି ସବୁ ଭାଉଜ ଅନାଚାର କରୁଥିଲେ। ଅଲିଅଳରେ ବଢ଼ିଥିବା ତଅପୋଇକୁ ଘରକାମ କରେଇବା ସହିତ ଛେଳି ଚରେଇବା ପାଇଁ ପଠାଉଥିଲେ।

**ଓଡ଼ିଆ ସାଧବ ପୁଅମାନେ ବିଦେଶକୁ ବଣିଜ କରି ଫେରିବାର ପଟ୍ଟଚିତ୍ର ତଅପୋଇର ପ୍ରାର୍ଥନା:**

ଭାଇମାନେ ଦୂରରେ ଥିବାରୁ ତଅପୋଇ ଏସବୁ କଥା ଆଉ କାହା ପାଖରେ କହିପାରୁ ନଥିଲା। ଏପରିକି ଭାତ ବଦଳରେ ଖୁଦ ଖାଇବାକୁ ଦେଉଥିଲେ। କେବଳ ସାନଭାଉଜ ତାକୁ ଲୁଚାଇ ଲୁଚାଇ ଖାଇବାକୁ ଦେଉଥିଲେ ଓ ସ୍ନେହ କରୁଥିଲେ। ଅନେକ ଦିନ ପରେ ଭାଇମାନେ ବିଦେଶରୁ ଫେରିବାରେ ଡେରି ହେବାରୁ ତଅପୋଇ ନଦୀ ବାଲି ଉପରେ ମାଟିରେ ମୂର୍ତ୍ତି ଗଢ଼ି ଖୁଦୁରୁକୁଣୀ ଓଷା କରି ଭାଇମାନଙ୍କୁ ଫେରାଇ ଆଣିବା ପାଇଁ ପ୍ରାର୍ଥନା କରିଥିଲା। ଶେଷରେ ଭାଇମାନେ ଫେରିଥିଲେ। ଭାଇମାନଙ୍କୁ ବନ୍ଦାପନା କରିବା ପାଇଁ ସବୁ ଭାଉଜ ଯାଇଥିବା ବେଳେ ତଅପୋଇକୁ ଘରକୋଣରେ ବାନ୍ଧି ଦେଇଥିଲେ। ତଅପୋଇ ନ ଆସିଲେ ସେମାନେ ବୋଇତରୁ



ଓହ୍ଲାଇବେ ନାହିଁ କହିବାରୁ ସାନଭାଉଜ ସବୁ ଗୋପନ କଥା ଭାଇମାନଙ୍କ ଆଗରେ ଫିଟାଇ କହିଦେଲେ।

**ସାଧବ ପୁଅଙ୍କୁ ବନ୍ଦାବନ୍ଦି ଦୃଶ୍ୟ ଭାଉଜଙ୍କୁ ଦଣ୍ଡ:** ଦଣ୍ଡ ସ୍ୱରୁପ କେବଳ ସାନ ଭାଉଜଙ୍କୁ ଛାଡ଼ି ସାତ ସାଧବ ବାକି ସମସ୍ତଙ୍କର ନାକ କଟାଇଥିଲେ। ଓଡ଼ିଆ ଚଳଣିର ଏହି ଲୋକକଥାକୁ ନେଇ କୁଆଁରୀ ଝିଅମାନେ ଭାଇମାନଙ୍କ ଶୁଭମନାସି ଭାଦ୍ରବ ମାସରେ ଏହି ଖୁଦୁରୁକୁଣି ଓଷା କରିଥାନ୍ତି।

**ଲୋକଶିକ୍ଷା:**

ଆଜିର ସମାଜ ଏହି ଲୋକକଥାରୁ ଅନେକ କଥା ଶିଖିବାର ଅଛି। ଏହି କାହାଣୀ ଆମକୁ ପରିବାର ସହ ଗୋଟେ ଛାତତଳେ ଏକାଠି ରହିବାର ପ୍ରେରଣା ଦେବା ସହ ଭାରତୀୟ ଜୀବନର ମୂଲ୍ୟବୋଧକୁ ଦର୍ଶାଏ। ଆଧୁନିକତାର ସ୍ପର୍ଶରେ ଆମେ ଏତେ ବ୍ୟସ୍ତ ହୋଇପଡିଛେ ଯେ ଆମ ପରିବାରକୁ ଆମେ ସମୟ ଦେଇପାରୁନେ।

**ନାରୀର ଅବଦାନ:**

ଏହି ଖୁଦୁରୁକୁଣୀ ଓଷା ଆମକୁ ସମାଜରେ ନାରୀର ଅବଦାନ ବିଷୟରେ ଆଲୋକପାତ କରେ। ନାରୀର ମହତ୍ୱକୁ ପ୍ରତିପାଦନ କରେ। ତଅପୋଇକୁ ତା' ପରିବାର ଲୋକେ ଅର୍ଥାତ, ତା' ଭାଉଜମାନେ ନିଜେ ନାରୀ ହୋଇ ମଧ୍ୟ ତାକୁ ନିର୍ଯାତନା ଦେଉଥିଲେ। ସେ କିନ୍ତୁ ନିଜର ଦୃଢ ମନୋବଳ ଦ୍ୱାରା ମା' ମଙ୍ଗଳାକୁ ସ୍ମରଣକରି ଦୁଃଖ-ଦୁର୍ଦ୍ଦଶା ସହି ଶେଷରେ ଜୀବନ ସଂଗ୍ରାମରେ ବିଜୟୀ ହୋଇଥିଲା।

**ମା' ଖୁଦୁରୁକୁଣୀଙ୍କ ପୂଜା ନାରୀ ଶିକ୍ଷା:**

ଆଜିର ସମାଜରେ ନାରୀକୁ ତଅପୋଇର ଜୀବନଗାଥାରୁ ଅନେକ କିଛି ଶିଖିବାର ଅଛି। ଜୀବନର ପ୍ରତି ମୁହୂର୍ତ୍ତରେ କିପରି ନିଜକୁ ସୁଦୃଢ କରିହେବ ତା' ମଧ୍ୟ ଶିଖିବାର ଅଛି। ପୁରୁଷ ପ୍ରାଧାନ୍ୟ ସମାଜରେ ନିଜ ସ୍ଥିତିକୁ କିପରି ବଜାୟ ରଖିହେବ ତାହା ଏହି ତଅପୋଇର କରୁଣ କାହାଣୀ ଶିଖାଏ।

**ଭାଇ ଓ ଭଉଣୀ ପ୍ରେମ:**

ଏହି ଓଷାରୁ ଆମକୁ ଭାଇ ଓ ଭଉଣୀ ମଧ୍ୟରେ ଥିବା ଭଲପାଇବା ବିଷୟରେ ମଧ୍ୟ ଶିଖିବାର ଅଛି। ନିଜ ଭାଇଙ୍କ ପାଇଁ ତଅପୋଇ ଠାକୁରାଣୀଙ୍କ ପାଖରେ ମାନସିକ ରଖିଥିଲା ଓ ଭାଇମାନଙ୍କ ଆସିବା ବାଟକୁ ଚାହିଁ ବସିଥିଲା। ସେହିପରି ତା' ଭାଇ ମାନେ ସର୍ବଦା ତାକୁ ଭଲ ପାଉଥିଲେ ଆଉ ବିଦେଶରୁ ଫେରିବା ମାତ୍ରେ ତାକୁ ଖୋଜିଥିଲେ। ଏହି ଭଲ ପାଇବା ଆଜି ମଧ୍ୟ ଜୀବିତ ଅଛି, ମାତ୍ର ସେହି ସମ୍ପର୍କ ଏତେ ସୁଦୃଢ ହେବା ଦେଖାଯାଏ ନାହିଁ। ଧନ, ସମ୍ପତ୍ତି ଲୋଭରେ ଭାଇ ଭଉଣୀଙ୍କ ମଧ୍ୟରେ ଫାଟ ସୃଷ୍ଟି ହେଉଛି। ସମ୍ପର୍କ ଟଙ୍କା, ପଇସାର ନିକିତିରେ କିଣା-ବିକା ହେଉଛି। ସମାଜରେ ଉଚ୍ଚକୁ ଯିବାକୁ ହେଲେ ସମସ୍ତଙ୍କୁ ଏକାଠି ରହିବାକୁ ପଡିବ ଓ ସମ୍ପର୍କକୁ ସୁଦୃଢ କରିବାକୁ ପଡିବ, ଏହା ଶିଖାଏ ତଅପୋଇର ଏହି କାହାଣୀ।

# ଏହି ଏକ ଖରାପ ଅଭ୍ୟାସ ଯୋଗୁଁ ରୋଗର ଶିକାର ହେଉଛି ଶରୀର

ଆପଣ ନିଶ୍ଚୟ ଧ୍ୟାନ ଦେଇଥିବେ ଯେ କିଛି ଲୋକ ଶୀଘ୍ର ଖାଦ୍ୟ ଖାଆନ୍ତି । ଲାଗୁଛି ଯେପରି ସେମାନେ ତରବରିଆ ଅଛନ୍ତି ଏବଂ ଖାଦ୍ୟକୁ ନ ଖାଇ ଗିଳିଦିଅନ୍ତି । ଯେଉଁମାନେ ନିୟମିତ ଭାବରେ ଏହା କରୁଛନ୍ତି ସେମାନଙ୍କ ଶରୀରରେ ଆପେ ଆପେ ରୋଗ ସୃଷ୍ଟି ହେବା ଆରମ୍ଭ କରିଥାଏ । ଏପରି ପରିସ୍ଥିତିରେ ଶରୀର ଭିନ୍ନ ଭାବରେ ପ୍ରତିକ୍ରିୟା କରେ ଏବଂ ଅନେକ ସମସ୍ୟା ସୃଷ୍ଟି ହୋଇଥାଏ । ଏହା ବ୍ୟତୀତ ଶରୀରରେ ଅନେକ କାର୍ଯ୍ୟ ଏହି ଖରାପ ଅଭ୍ୟାସ ହେତୁ ପ୍ରଭାବିତ ହୁଏ, ତେଣୁ ଶୀଘ୍ର ଖାଦ୍ୟ ଖାଇବାବେଳେ କ'ଣ କ୍ଷତି ହୋଇପାରେ ତାହା ଜାଣନ୍ତୁ ।

**୧. ଫୁଲିବା ସମସ୍ୟା** ଯେତେବେଳେ ଆମେ ଶୀଘ୍ର ଖାଇଥାଉ, ଏହା ଶରୀରରେ ଫୁଲିବା ସମସ୍ୟାକୁ ବଢ଼ାଇଥାଏ । ଏହା ଫୁଲିବା ଏବଂ ଗ୍ୟାସର ସମସ୍ୟାକୁ ବଢ଼ାଇଥାଏ । ଏହା ବ୍ୟତୀତ ଯେତେବେଳେ ଆପଣ ଖାଦ୍ୟକୁ ସଠିକ୍ ଭାବରେ ନଚୋବାଇ ଖାଆନ୍ତି, ସେବେ ଇନଡାଇଜେସନର ସମସ୍ୟା ଦେଖାଯାଏ ଯାହା ଫୁଲିବା ସମସ୍ୟାକୁ ଆହୁରି ବଢ଼ାଇଥାଏ, ପେଟ ଫୁଲିଯାଏ ଏବଂ ସମସ୍ୟା ଆହୁରି ବଢ଼ିଯାଏ । ଏପରି ପରିସ୍ଥିତିରେ ଶୀଘ୍ର ଖାଇବା ଅଭ୍ୟାସ ଛାଡିଦିଅ । **୨. ମେଦବହୁଳତା ବୃଦ୍ଧି ପାଇଥାଏ** ମୋଟାପଣର ଏକ ମୁଖ୍ୟ କାରଣ ହେଉଛି ଶୀଘ୍ର ଶୀଘ୍ର ଖାଇବା । ବାସ୍ତବରେ, ଯେତେବେଳେ ଆପଣ ଖାଦ୍ୟ ଶୀଘ୍ର ଖାଆନ୍ତି, ମେଟାବୋଲିଜିମ୍ ମନ୍ଥର ହୋଇଯାଏ ଏବଂ ତା'ପରେ ଖାଦ୍ୟ ସଠିକ୍ ଭାବରେ ହଜମ ହୁଏନି ଏବଂ ଏହା ଓଜନ ବୃଦ୍ଧି ହେବାର କାରଣ ପାଲଟିଯାଏ । ଏଭଳି ପରିସ୍ଥିତିରେ ମେଦବହୁଳତାର ସମସ୍ୟା ଦ୍ରୁତ ଗତିରେ ବଢ଼ିଯାଏ ଏବଂ ତା'ପରେ ଏହାର ମୁକାବିଲା କରିବା କଷ୍ଟକର ହୋଇଯାଏ। ଏହା ବ୍ୟତୀତ ମେଦବହୁଳତା ଫୁଲିବା କାରଣରୁ ମଧ୍ୟ ହୋଇପାରେ । ତେଣୁ ଏହି ସବୁ ସମସ୍ୟାରୁ ରକ୍ଷା ପାଇବା ପାଇଁ, ଯେତେବେଳେ ବି ଆପଣ ଖାଦ୍ୟ ଖାଆନ୍ତି ସେବେ ଲଗାତାର ଭାବରେ ୨୦ ମିନିଟ୍ ପର୍ଯ୍ୟନ୍ତ ଖାଆନ୍ତୁ । ଯଦି ଆପଣ ଏହା ନକରନ୍ତି ଏବଂ ଚୋବାଇବା ବିନା ଶୀଘ୍ର ଖାଦ୍ୟ ଗିଳିଦିଅନ୍ତି, ତେବେ ଆପଣ ଅନେକ ରୋଗର ଶିକାର ହେବାକୁ ପ୍ରସ୍ତୁତ ହୁଅନ୍ତୁ ।

# ଭାରତରେ ଏବେ ଲୋକେ ବଞ୍ଚୁଛନ୍ତି ୫ ବର୍ଷ ଅଧିକ



ଭାରତରେ ଲୋକଙ୍କ ହାରାହାରି ଜୀବନଧାରଣ ବୟସ ବଢ଼ିବାରେ ଲାଗିଛି। ଏବେ ଦେଶରେ ଲୋକଙ୍କ ହାରାହାରି ଜୀବନଧାରଣ ବୟସ ୬୭.୭ ବର୍ଷ ହୋଇଯାଇଛି। ପୂର୍ବରୁ ଏହା ୬୨.୭ ବର୍ଷଥିଲା। ଫଳରେ ଏବେ ଦେଶର ଲୋକେ ହାରାହାରି ୫ ବର୍ଷ ଅଧିକ ବଞ୍ଚୁଛନ୍ତି। ସେହିପରି ଦେଶର ପ୍ରତି ଲୋକଙ୍କର ମୁଣ୍ଡପିଛା ରୋଜଗାର ବଢ଼ି ହାରାହାରି ୬୯୫୧ ଡଲାର ହୋଇଛି। ଜାତିସଂଘ ମାନବ ବିକାଶ ସୂଚକାଙ୍କ ରିପୋର୍ଟରେ ଏହା ଉଲ୍ଲେଖ କରାଯାଇଛି। ନୂଆ ରିପୋର୍ଟରେ ୧୯୩ ଦେଶ ମଧ୍ୟରେ ଭାରତ ୧୩୪ସ୍ଥାନରେ ରହିଛି। ପୂର୍ବ ରିପୋର୍ଟରେ ଭାରତର ସ୍ଥାନ ୧୯୨ ଦେଶ ମଧ୍ୟରେ ୧୩୫ ଥିଲା।

୨୦୨୨ରେ ଭାରତର ମାନବ ବିକାଶ ସୂଚକାଙ୍କ ମୂଲ୍ୟରେ ୦.୬୪୪ ବୃଦ୍ଧି ଘଟିଛି। ପୂର୍ବରୁ ୨୦୨୧ରେ ଏହା ୦.୬୩୩ ଥିଲା। ୟୁନଡିପିର ମାନବ ବିକାଶ ରିପୋର୍ଟ ୨୦୨୩-୨୦୨୪ର ସୂଚକାଙ୍କରେ ଭାରତ ଲିଙ୍ଗଗତ ତାରତମ୍ୟରେ ହ୍ରାସ ପରିଲକ୍ଷିତ ହୋଇଛି। ୟୁନଡିପି ପକ୍ଷରୁ ଲିଙ୍ଗଗତ ଅସମାନତା ସୂଚକାଙ୍କ ୨୦୨୨ ଜାରି କରାଯାଇଛି। ରିପୋର୍ଟ ଅନୁସାରେ ଲିଙ୍ଗଗତ ଅସମାନତାରେ ୨୦୨୨ରେ ଭାରତର ସ୍କୋର ୦.୪୩୭ ରହିଛି। ୧୯୩ ଦେଶ ମଧ୍ୟରେ ଭାରତ ୧୦୮ ସ୍ଥାନରେ ରହିଛି। ୨୦୨୧ରେ ଏହି ସ୍କୋର ୦.୪୯୦ ଥିଲା ଏବଂ ୧୯୨ ଦେଶ ମଧ୍ୟରେ ଭାରତ ସ୍ଥାନ ୧୨୨ ଥିଲା। ଗତ ୧୦ ବର୍ଷରେ ଲିଙ୍ଗଗତ ଅସମାନତାରେ ଭାରତ ଅଗ୍ରଗତି କରିଛି। ମହିଳା ସଶକ୍ତିକରଣ ଦ୍ୱାରା ଏହା ସମ୍ଭବ ହୋଇ ପାରିଛି। ଭାରତ ସରକାରଙ୍କ ମହିଳା ବିକାଶ ନୀତି ଯୋଗୁ ଲିଙ୍ଗଗତ ତାରତମ୍ୟ ହ୍ରାସ ପାଇଥିବା ରିପୋର୍ଟରେ ଦର୍ଶାଯାଇଛି।

# ସଫଳ ଜୀବନ ପାଇଁ ଚଉଷଠି କଳା

ଆମର ଧର୍ମ, କଳା, ସାହିତ୍ୟ, ସଂସ୍କୃତି, ବିଜ୍ଞାନ ଓ ସାମାଜିକ ପରମ୍ପରାରେ ସଂଖ୍ୟା '୬୪'ର ବିଶେଷ ତାତ୍ପର୍ଯ୍ୟ ରହିଛି। କେବଳ ହିନ୍ଦୁ ଧର୍ମଧାରା ନୁହେଁ, ବୌଦ୍ଧ ଧର୍ମରେ ବି ୬୪ର ଗୁରୁତ୍ୱ ରହିଛି।

ଆମର ଧର୍ମ, କଳା, ସାହିତ୍ୟ, ସଂସ୍କୃତି, ବିଜ୍ଞାନ ଓ ସାମାଜିକ ପରମ୍ପରାରେ ସଂଖ୍ୟା '୬୪'ର ବିଶେଷ ତାତ୍ପର୍ଯ୍ୟ ରହିଛି। କେବଳ ହିନ୍ଦୁ ଧର୍ମଧାରା ନୁହେଁ, ବୌଦ୍ଧ ଧର୍ମରେ ବି ୬୪ର ଗୁରୁତ୍ୱ ରହିଛି। ୬୪ ଦେବତା ବୁଦ୍ଧଙ୍କ ଜ୍ଞାନ ଓ କରୁଣାର ବହୁମୁଖୀ ଦିଗକୁ ପ୍ରତୀକିତ କରନ୍ତି। ଅନେକ ମନ୍ଦିର ଏବଂ ଧାର୍ମିକ ସଂରଚନାରେ ୬୪ ସ୍ତମ୍ଭ, ୬୪ ପ୍ରତିମା ଓ ସାଜସଜ୍ଜା ଉପାଦାନ ସ୍ଥାନିତ ହୋଇଛି। ଏଥିସହ ୬୪ ସଂଖ୍ୟାଟି ଅନେକ ଏସୀୟ ରାଷ୍ଟ୍ରର ଜୀବନଧାରାରେ ଏକ ମହତ୍ତ୍ୱପୂର୍ଣ୍ଣ ତଥା ଶୁଭ ସଂଖ୍ୟା ଭାବରେ ବିବେଚନା କରାଯାଏ। ଭାରତୀୟ ସଂସ୍କୃତିର ଅନ୍ୟତମ ପ୍ରାଣକେନ୍ଦ୍ର ଓଡ଼ିଶାରେ ରହିଛି ଦୁଇଟି ଚଉଷଠି ଯୋଗିନୀ ତନ୍ତ୍ରପୀଠ। ପୁଣି ମନ୍ଦିର ଗାତ୍ରରେ ଖୋଦିତ ହୋଇଛି ମହର୍ଷି ବାତ୍ସାୟନକୃତ 'କାମସୂତ୍ର'ର ୬୪ ରତିବନ୍ଧର ନିର୍ବାଚିତ ଭଙ୍ଗିମା। ଏହି ୬୪ ସଂଖ୍ୟାର କଳା ଓ ସାହିତ୍ୟ ସହ ଅନ୍ତରଙ୍ଗ ସଂପର୍କ ରହିଛି। ଭାରତୀୟ ଜନଜୀବନ ଓ ପରମ୍ପରା ବହୁ ଭାବରେ ପ୍ରାଚୀନ ଗ୍ରନ୍ଥ ଓ ଶାସ୍ତ୍ର ଦ୍ୱାରା ଅନୁପ୍ରେରିତ। ଏକାଧିକ ଶାସ୍ତ୍ରରେ ଉଲ୍ଲେଖ ରହିଛି, ୬୪ ପ୍ରକାର କଳାବିଦ୍ୟା ପ୍ରତ୍ୟେକ ବ୍ୟକ୍ତିର ଶିକ୍ଷା କରିବା କର୍ତ୍ତବ୍ୟ । ଯଦିଓ ଶୈବତନ୍ତ୍ରମ୍, ମହାଭାରତ, କାମସୂତ୍ର, ନାଟ୍ୟଶାସ୍ତ୍ର, ଭାଗବତ, ଶୁକ୍ରନୀତି, ଶିବତତ୍ତ୍ୱରତ୍ନାକର ଗ୍ରନ୍ଥରେ ଏହି କଳାର ସଂଖ୍ୟାରେ କିଛି ପ୍ରଭେଦ ରହିଛି, ତେବେ ଅଧିକାଂଶରେ ଚଉଷଠି ପ୍ରକାର କଳାବିଦ୍ୟା ଆହରଣ ଜୀବନରେ ଜରୁରି ବୋଲି ମତ ରହିଛି। ଏଗୁଡ଼ିକ ହେଲା–୧– ସଙ୍ଗୀତ, ୨– ନୃତ୍ୟ, ୩– ବାଦ୍ୟ, ୪– ଉଦକ ବାଦ୍ୟ, ୫– ନାଟ୍ୟାଭିନୟ, ୬– ରୂପ-ବିଧାନ, ୭– ତିଳକ ରଚନା, ୮– ବେଶ ରଚନା, ୯– ଅଙ୍ଗରଞ୍ଜନ, ୧୦– ମୁଣ୍ଡରେ ପୁଷ୍ପବିନ୍ୟାସ, ୧୧– କେଶବିନ୍ୟାସ, ୧୨– ପୁଷ୍ପଶଯ୍ୟା ରଚନା, ୧୩– ମାଳ ଗୁନ୍ଥିବା, ୧୪– ଗନ୍ଧଦ୍ରବ୍ୟ ପ୍ରସ୍ତୁତ କରିବା, ୧୫– ଚିତ୍ରବିଦ୍ୟା, ୧୬– ପ୍ରତିମା ନିର୍ମାଣ, ୧୭– ବୈଜୟକୀ ବିଦ୍ୟା, ୧୮– ବୃକ୍ଷାୟୁର୍ବେଦ ବିଦ୍ୟା, ୧୯– ପାକକ୍ରିୟା, ୨୦– ପାନୀୟରଚନା, ୨୧– ବଢ଼େଇ କର୍ମ, ୨୨– ସୂତା କାଟିବା, ୨୩– ବେତ ବାଉଁଶ ବୁଣିବା, ୨୪– ଶୟନରଚନା, ୨୫– ସୂଚୀକର୍ମ, ୨୬– ଅଳଙ୍କାର ପିନ୍ଧିବା, ୨୭– ଶିଶୁ କ୍ରୀଡ଼ନକ, ୨୮– ଅଳଙ୍କାର ନିର୍ମାଣ, ୨୯– ତଣ୍ଡୁଳକୁସୁମବିକାର, ୩୦– ହୀରା କାଟିବା, ୩୧– ମଣିଭୂମିକା, ୩୨– ବାସ୍ତୁବିଦ୍ୟା, ୩୩– ମଣିରାଗ ବିଜ୍ଞାନ, ୩୪– ସ୍ୱର୍ଣ୍ଣ ରୌପ୍ୟ ପରୀକ୍ଷା, ୩୫– ଖନି ବିଦ୍ୟା, ୩୬– ଧାତୁ ରସାୟନ, ୩୭– ଇନ୍ଦ୍ରଜାଲ, ୩୮– ବସ୍ତ୍ର ଗୋପନ, ୩୯– ଚିତ୍ର ପ୍ରଦର୍ଶନ, ୪୦– ହସ୍ତଲାଘବ ପଢ଼ାଇବା, ୪୧– ସୂତ୍ରକ୍ରୀଡ଼ା, ୪୨– ମେଷ କୁକ୍କୁଟ ଯୁଦ୍ଧ, ୪୩– ଶୁକସାରୀକା ପଢ଼ାଇବା, ୪୪– ଦ୍ୟୁତ କ୍ରୀଡ଼ା, ୪୫– ଆକର୍ଷ କ୍ରୀଡ଼ା, ୪୬– ଅଭିଧାନ, ୪୭– ଦେଶ ଭାଷା, ୪୮– ବିବିଧ ଭାଷା, ୪୯– ବୈନାୟକୀ ବିଦ୍ୟା, ୫ କାବ୍ୟସମସ୍ୟା. ୫୧– ଅକ୍ଷର- ମୁଷ୍ଟିକା କଥନ, ୫୨– ଗ୍ରନ୍ଥ ପାଠ, ୫୩– ନାଟକ ଜ୍ଞାନ, ୫୪– ମାନସୀ କାର୍ଯ୍ୟ, ୫୫– ପ୍ରହେଳିକା, ୫୬– ଯନ୍ତ୍ରମାତୃକା, ୫୭– ଜଳସ୍ତମ୍ଭ ବିଦ୍ୟା, ୫୮– ବସ୍ତୁଚ୍ୟୁତ ବିଦ୍ୟା, ୫୯– ଦୁର୍ବାଚକ ଯୋଗ, ୬୦– ବାୟୁ ମେଘ ବିଦ୍ୟା, ୬୧– ଧାରଣ ମାତୃକା, ୬୨– କ୍ରିୟା କୌଶଳ, ୬୩– ଛଳିତକ (ନାଟକଭେଦ), ୬୪– ବୈତାଳିକ ଜ୍ଞାନ। ଯଦିଓ ସାଂପ୍ରତିକ ଜୀବନଧାରାରେ ଜଣଙ୍କ ପକ୍ଷେ ଏହି କଳାସମୂହ ସଂପର୍କିତ ଜ୍ଞାନର ଆବଶ୍ୟକତା ମନେହୁଏନା, ମାତ୍ର ଏକଦା ଭାରତୀୟ ସମାଜରେ ଏହାର ମହତ୍ତ୍ୱ ଥିଲା। ବଜ୍ରଯାନ ବା ତନ୍ତ୍ରପୂଜାର ଏହି ମନ୍ଦିରଟିରେ ଯୋଗିନୀମାନଙ୍କ ମୂର୍ତ୍ତିସବୁ ସାଧାରଣତଃ ଉଲଙ୍ଗ ନାରୀମୂର୍ତ୍ତି। ଏହି ନାରୀ ବା ଯୋଗିନୀମାନେ ପଶୁ, ମଣିଷ କିମ୍ବା ଅସୁର ଉପରେ ଉପବେଶନ କରିଥିବାର ଦେଖିବାକୁ ମିଳିଥାଏ। ଏହା ନାରୀଶକ୍ତିର ପ୍ରତୀକ। ମୂର୍ତ୍ତିଗୁଡ଼ିକ ରାଗ, ଅନୁରାଗ, ସୁଖ, ଦୁଃଖ ଆଦି ଭାବକୁ ପ୍ରକାଶ କରିଥା'ନ୍ତି। ଯୋଗିନୀପୀଠରେ ବସିଥିବା ଏହି ଚଉଷଠି ଯୋଗିନୀଙ୍କ ପରିଚୟ ତେବେ କ'ଣ? 'କାଳିକାପୁରାଣ'ରେ ଏମାନଙ୍କ ନାମ ଉଲ୍ଲେଖ ରହିଛି। ଏମାନେ ହେଲେ (୧) ନାରାୟଣୀ, (୨) ଗେ?ରୀ, (୩) ଶାକମ୍ଭରୀ, (୪) ଭୀମା, (୫) ରକ୍ତଦନ୍ତିକା, (୬) ଭ୍ରାମରୀ, (୭) ପାର୍ବତୀ, (୮) ଦୁର୍ଗା, (୯) କାତ୍ୟାୟନୀ, (୧୦) ମହାଦେବୀ, (୧୧) ଚଣ୍ଡଘଣ୍ଟା, (୧୨) ମହାବିଦ୍ୟା, (୧୩) ମହାତପା, (୧୪) ସାବିତ୍ରୀ, (୧୫) ବ୍ରହ୍ମବାଦିନୀ, (୧୬) ଭଦ୍ରକାଳୀ, (୧୭) ବିଶାଳାକ୍ଷୀ, (୧୮) କୃଷ୍ଣପିଙ୍ଗଳା, (୧୯) ରୁଦ୍ରାଣୀ, (୨୦) ଅଗ୍ନିଜ୍ୱାଳା, (୨୧) ରୌଦ୍ରମୁଖୀ, (୨୨) କାଳରାତ୍ରୀ, (୨୩) ତପସ୍ୱିନୀ, (୨୪) ମେଘସ୍ୱନା, (୨୫)



ସହସ୍ରାକ୍ଷୀ, (୨୬) ବିଷ୍ଣୁମାୟା, (୨୭) ଜଳୋଦରୀ, (୨୮) ମହୋଦରୀ, (୨୯) ମୁକ୍ତକେଶୀ, (୩୦) ଘୋରରୂପା, (୩୧) ମହାବଳା, (୩୨) ଶ୍ରୁତି, (୩୩) ସ୍ମୃତି, (୩୪) ଧୃତି, (୩୫) ତୁଷ୍ଟି, (୩୬) ପୁଷ୍ଟି, (୩୭) ମେଧା, (୩୮) ବିଦ୍ୟା, (୩୯) ଲକ୍ଷ୍ମୀ, (୪୦)ସରସ୍ୱତୀ, (୪୧) ଅପର୍ଣ୍ଣା, (୪୨) ଅମ୍ବିକା, (୪୩) ଯୋଗିନୀ, (୪୪) ଡାକିନୀ, (୪୫) ଶାକିନୀ, (୪୬)ହାକିନୀ, (୪୭) ଲାକିନୀ, (୪୮) ତ୍ରିଦଶେଶ୍ୱରୀ, (୪୯) ମହାଷଷ୍ଠୀ, (୫୦) ସର୍ବମଙ୍ଗଳା, (୫୧) ଲଜ୍ଜା, (୫୨) କୌଶିକୀ, (୫୩) ବ୍ରାହ୍ମଣୀ, (୫୪) ମାହେଶ୍ୱରୀ, (୫୫) କୈମାରୀ, (୫୬) ବୈଷ୍ଣବୀ, (୫୭) ଐନ୍ଦ୍ରୀ, (୫୮) ନାରସିଂହୀ, (୫୯) ବରାହୀ, (୬୦) ଚାମୁଣ୍ଡା, (୬୧)ଶିବଦୂତୀ, (୬୨) ବିଷ୍ଣୁଦୂତୀ, (୬୩) ଚଣ୍ଡିକା, (୬୪) ମାତୃକା।

# ଯୋଗୀ ଆଦିତ୍ୟନାଥଙ୍କୁ ଭେଟିଲେ ରିଙ୍କୁ ସିଂ

**ଲକ୍ଷ୍ନୌ**

ଭାରତୀୟ ଦଳର ତାରକା ବ୍ୟାଟ୍ସମ୍ୟାନ ରିଙ୍କୁ ସିଂ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କୁ ଭେଟିଛନ୍ତି । ସେ ମୁଖ୍ୟମନ୍ତ୍ରୀଙ୍କୁ ଲକ୍ଷ୍ନୌରେ ଥିବା ତାଙ୍କ ସରକାରୀ ବାସଭବନରେ ଭେଟି ପୁଷ୍ପଗୁଚ୍ଛ ପ୍ରଦାନ କରିଥିଲେ । ଏହି ସମୟରେ ତାଙ୍କୁ ଧଳା ଟି-ସାର୍ଟ ଏବଂ କଳା ପ୍ୟାଣ୍ଟରେ ଦେଖିବାକୁ ମିଳିଥିଲା । ଏହି ସାକ୍ଷାତ୍ ବେଳେ ଉତ୍ତରପ୍ରଦେଶର ସଂଖ୍ୟାଲଘୁ କଲ୍ୟାଣ ମନ୍ତ୍ରୀ ଡାନିସ୍ ଆଜାଦ ଅନସାରୀ ମଧ୍ୟ ଉପସ୍ଥିତ ଥିଲେ । ରିଙ୍କୁ ସୋସିଆଲ ମିଡିଆ ମାଧ୍ୟମରେ ଏହି ସାକ୍ଷାତ୍‌ର ଫଟୋ ସେୟାର କରିଥିଲେ । ଦ୍ୱିତୀୟ ଫଟୋରେ, ରିଙ୍କୁ ମଧ୍ୟ ବ୍ୟାଟ୍ ଉପରେ ଯୋଗୀଙ୍କ ଅଟୋଗ୍ରାଫ ନେଉଥିବାର ନଜର ଆସିଥିଲେ । ଏହି ଫଟୋଗୁଡ଼ିକର କ୍ୟାପ୍‌ସନ ଦେଇ ଭାରତୀୟ ବ୍ୟାଟ୍ସମ୍ୟାନ ଲେଖିଛନ୍ତି, ମାନ୍ୟବର ମୁଖ୍ୟ ଯୋଗୀ ଆଦିତ୍ୟନାଥ ଜୀଙ୍କୁ ଭେଟି ଅତ୍ୟନ୍ତ ଗର୍ବିତ ଅନୁଭବ କରୁଛି । ଏହି ସୁଯୋଗ ପାଇଁ ମୁଁ କୃତଜ୍ଞ । ସୂଚନାଯୋଗ୍ୟ ଯେ, ଆଜିକାଲି ରିଙ୍କୁ ୟୁପି ଟି-୨୦ ଲିଗ୍ ୨୦୨୪ରେ ଅଂଶଗ୍ରହଣ କରୁଛନ୍ତି । ଟିମ୍ ଇଣ୍ଡିଆ ପାଇଁ ରିଙ୍କୁ ଏପର୍ଯ୍ୟନ୍ତ ୨ଟି ଦିନିକିଆ ଏବଂ ୨୩ ଟି-୨୦ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଛନ୍ତି ।



# ଟି-୨୦ ବିଶ୍ୱକପ୍ ପାଇଁ ୧୫ ଜଣିଆ ସ୍କ୍ୱାଡ୍ ଘୋଷଣା କଲା ବିସିସିଆଇ

**ନୂଆଦିଲ୍ଲୀ**

ମହିଳା ଟି-୨୦ ବିଶ୍ୱକପ୍ ୨୦୨୪ ପାଇଁ ଭାରତ ଦଳ ଘୋଷଣା କରିଛି । ହରମନପ୍ରୀତ କୌରଙ୍କ ଦ୍ୱାରା ଅଧିନାୟକ ହୋଇ ଥିବା ବେଳେ ଟିମ୍ ଇଣ୍ଡିଆରେ ଅଭିଜ୍ଞ ଖେଳାଳି ତଥା ଯୁବ ଖେଳାଳି ସୁଯୋଗ ପାଇଛନ୍ତି । ସ୍ମୃତି ଭାରତ ଏବଂ ଶେଫାଳି ବର୍ମା ଟିମ୍ ଇଣ୍ଡିଆରେ ସାମିଲ ଅଛନ୍ତି । ଟିମ୍ ଇଣ୍ଡିଆରେ ରାଧା ଯାଦବ ଏବଂ ଜେମିମା ରୋଡ୍ରିଗେଜ୍ ମଧ୍ୟ ସ୍ଥାନ ପାଇଛନ୍ତି । ମହିଳା ଟି-୨୦ ବିଶ୍ୱକପ ୨୦୨୪ ଅକ୍ଟୋବର ୩ରୁ ଆରମ୍ଭ ହେବ । ଭାରତର ପ୍ରଥମ ମ୍ୟାଚ୍ ନ୍ୟୁଜିଲାଣ୍ଡ ମହିଳା ଦଳ ବିପକ୍ଷରେ । ଏହି ମ୍ୟାଚ୍ ୪ ଅକ୍ଟୋବରରେ ଖେଳାଯିବ । ୟୁଏଇରେ ଏହି ଟୁର୍ଣ୍ଣାମେଣ୍ଟ ଆୟୋଜିତ ହେବ ।

ହରମନ ପ୍ରୀତ କୌରଙ୍କୁ ଅଧିନାୟକ ଦାୟିତ୍ୱ ଦେଇଛି ଟିମ୍ ଇଣ୍ଡିଆ । ସ୍ମୃତି ମନ୍ଧାନା, ଶେଫାଳି



ବର୍ମା ଏବଂ ଦୀପ୍ତି ଶର୍ମାଙ୍କୁ ସୁଯୋଗ ମିଳିଛି । ଏମାନଙ୍କ ସହିତ ଜେମିମା ରୋଡ୍ରିଗେଜ, ରିଚା ଘୋଷ ଏବଂ ଯଶିକା ଭାଟିଆ ମଧ୍ୟ ସୁଯୋଗ ପାଇଛନ୍ତି । ପୂଜା ବସ୍ତ୍ରାକର, ରେଣୁକା ସିଂ, ହେମଲତା, ଶୋଭନା ଏବଂ ରାଧା ଯାଦବଙ୍କୁ ମଧ୍ୟ ଏକ ସୁଯୋଗ ଦିଆଯାଇଛି । ଟୁର୍ଣ୍ଣାମେଣ୍ଟରେ ଭାରତର ପ୍ରଥମ ମ୍ୟାଚ୍ ନ୍ୟୁଜିଲାଣ୍ଡ ବିପକ୍ଷରେ ହେବ । ଏହି ମ୍ୟାଚ୍ ଦୁବାଇରେ ଖେଳାଯିବ । ଟିମ୍ ଇଣ୍ଡିଆ ମୋଟ୍ ୪ଟି ଗ୍ରୁପ୍ ମ୍ୟାଚ୍ ଖେଳିବ । ଏଥିମଧ୍ୟରୁ ୩ଟି ମ୍ୟାଚ୍ ଦୁବାଇରେ ଏବଂ ଗୋଟିଏ ମ୍ୟାଚ୍ ଶାରଜାଠାରେ ଖେଳାଯିବ ।

ଭାରତ ଏବଂ ପାକିସ୍ତାନ ମଧ୍ୟରେ ହେବାକୁ ଥିବା ମ୍ୟାଚ୍‌କୁ ପ୍ରଶଂସକ ମାନେ ଉତ୍ସାହର ସହିତ ଅପେକ୍ଷା କରିଛନ୍ତି । ଅକ୍ଟୋବର ୬ରେ ଟିମ୍ ଇଣ୍ଡିଆ ପାକିସ୍ତାନ ବିପକ୍ଷରେ ମ୍ୟାଚ୍ ଖେଳିବ । ଏହି ମ୍ୟାଚ୍ ଦୁବାଇରେ ଖେଳାଯିବ । ଟିମ୍ ଇଣ୍ଡିଆର ଶେଷ ଗ୍ରୁପ୍ ମ୍ୟାଚ୍ ଅଷ୍ଟ୍ରେଲିଆ ବିପକ୍ଷରେ ହେବ । ଏହି ମ୍ୟାଚ୍ ଅକ୍ଟୋବର ୧୩ରେ ଶାରଜା ଠାରେ ଖେଳାଯିବ । ଏହାପୂର୍ବରୁ ଶ୍ରୀଲଙ୍କା ବିପକ୍ଷରେ ଏକ ମ୍ୟାଚ୍ ହେବ । ଏହି ମ୍ୟାଚ୍ ଅକ୍ଟୋବର ୯ରେ ଖେଳାଯିବ ।

ଆଇସିସି ମହିଳା ଟି-୨୦ ବିଶ୍ୱକପ ୨୦୨୪ ପାଇଁ ଭାରତୀୟ ଦଳ : ହରମନପ୍ରୀତ କୌର (ଅଧିନାୟକ), ସ୍ମୃତି ମନ୍ଧାନା (ଉପ-ଅଧିନାୟକ), ଶେଫାଳି ବର୍ମା, ଦୀପ୍ତି ଶର୍ମା, ଜେମିମା ରୋଡ୍ରିଗୁସ, ରିଚା ଘୋଷ (ୱିକେଟ୍‌କିପର), ଯଷ୍ଟିକା ଭାଟିଆ (ୱିକେଟ୍‌କିପର), ପୂଜା ବସ୍ତ୍ରାକର, ଅରୁନ୍ଧତୀ ରେଡ୍ଡୀ, ରେଣୁକା ସିଂ ଠାକୁର, ଦୟାଲନ ହେମଲତା, ଆଶା ଶୋଭନା, ରାଧା ଯାଦବ, ଶ୍ରେୟଙ୍କା ପାଟିଲ, ସାଜନା ସାଜିଭାନ । ରିଜର୍ଭ ଖେଳାଳି– ଉମା ଛେତ୍ରୀ, ତନୁଜା କନୱାର ଏବଂ ସାଇମା ଠାକୁର ।

# ଆଇସିସି ଅଧ୍ୟକ୍ଷ ଭାବେ ନିର୍ବାଚିତ ହେଲେ ଜୟ ଶାହା



**ନୂଆଦିଲ୍ଲୀ**

ଭାରତୀୟ କ୍ରିକେଟ୍ ବୋର୍ଡ (ବିସିସିଆଇ) ସଚିବ ଜୟ ଶାହା ମଙ୍ଗଳବାର ଅନ୍ତର୍ଜାତୀୟ କ୍ରିକେଟ୍ ପରିଷଦ (ଆଇସିସି)ର ନୂତନ ଅଧ୍ୟକ୍ଷ ଭାବରେ ନିର୍ବାଚିତ ହୋଇଛନ୍ତି । ୩୫ ବର୍ଷ ବୟସରେ ଆଇସିସିର ସର୍ବକନିଷ୍ଠ ଚେୟରମ୍ୟାନ୍ ହେବାର ରେକର୍ଡ କରିଛନ୍ତି । କ୍ରିକେଟର ଏହି ସର୍ବୋଚ୍ଚ ପଦରେ ଅବସ୍ଥାପିତ ହେବାରେ ଶାହା ପଞ୍ଚମ ଭାରତୀୟ ପାଲଟିଛନ୍ତି । ପୂର୍ବରୁ ଜଗମୋହନ ଡାଲମିୟା, ଶରଦ ପାୱାର, ଏନ୍ ଶ୍ରୀନିବାସନ୍ ଓ ଶଶାଙ୍କ ମନୋହର ଯୋଶୀ ଆଇସିସିର ମୁଖ୍ୟ ଭାବରେ କାର୍ଯ୍ୟ କରିସାରିଛନ୍ତି । ବର୍ତ୍ତମାନର ଆଇସିସି ଚେୟାରମ୍ୟାନ୍ ରହିଥିବା ନ୍ୟୁଜିଲାଣ୍ଡର ଗ୍ରେଗ୍ ବାର୍କଲେ ତୃତୀୟ ଥର ସଭାପତି ଦୌଡ଼ରୁ ଓହରିବା ପରେ ଏକମାତ୍ର ପ୍ରତ୍ୟାଶୀ ଭାବରେ ଶାହା ନାମାଙ୍କନ ଦାଖଲ କରିଥିଲେ । ନଭେମ୍ବର ୩୦ ତାରିଖରେ ବାର୍କଲେଙ୍କ କାର୍ଯ୍ୟକାଳର ଅନ୍ତିମ ଦିନ ହୋଇଥିବାରୁ ଡିସେମ୍ବର ୧ ତାରିଖରେ ଶାହା ନୂତନ ଦାୟିତ୍ୱ ଗ୍ରହଣ କରିବେ । ୨୦୧୯ରେ ପ୍ରଥମ ଥର ବିସିସିଆଇ ସମ୍ପାଦକ ହୋଇଥିବା ଶାହା ଜାନୁଆରୀ ୨୦୨୧ରେ ଏସିଆନ କ୍ରିକେଟ କାଉନ୍‌ସିଲର ମୁଖ୍ୟ ଭାବରେ କାର୍ଯ୍ୟ କରୁଛନ୍ତି । ନିର୍ବାଚିତ ହେବା ପରେ ଶାହା ସମସ୍ତଙ୍କୁ ଧନ୍ୟବାଦ ଜଣାଇବା ସହ କ୍ରିକେଟକୁ ବିଶ୍ୱସ୍ତରରେ ପ୍ରସିଦ୍ଧ କରିବା ତାଙ୍କର ଲକ୍ଷ୍ୟ ବୋଲି କହିଛନ୍ତି । ଆସନ୍ତା ଲସ୍ ଏଞ୍ଜେଲ୍ସ ଅଲିମ୍ପିକ୍ସରେ କ୍ରିକେଟକୁ ସାମିଲ କରାଯାଇଥିବା ବେଳେ ଏହା ଲଞ୍ଚପ୍ୟାଡ୍ ଭଳି କାର୍ଯ୍ୟ କରିବ ବୋଲି ସେ କହିଛନ୍ତି । ଆଇସିସିର ଟିମ୍ ଓ ସଦସ୍ୟ ରାଷ୍ଟ୍ରମାନଙ୍କ ସହ ମିଳିତ ଭାବରେ ସେ କ୍ରିକେଟକୁ ଏକ ଗ୍ଲୋବାଲ ସ୍ପୋର୍ଟସରେ ପରିଣତ କରିବେ ବୋଲି କହିଛନ୍ତି ଶାହା । କ୍ରିକେଟରେ ଏକାଧିକ ଫର୍ମାଟ ମଧ୍ୟରେ ସମନ୍ୱୟ ଓ ନୂତନ ବୈଷୟିକ କୌଶଳର ବ୍ୟବହାର ଉପରେ ମଧ୍ୟ ସେ ଗୁରୁତ୍ୱ ଦେବେ ବୋଲି ଶାହା କହିଛନ୍ତି । ଆସନ୍ତା ଲସ୍ ଏଞ୍ଜେଲ୍ସ ଗେମ୍ କ୍ରିକେଟ୍‌କୁ ବିଶ୍ୱର ଘରେ ଘରେ ଲୋକପ୍ରିୟ କରିବା ନେଇ ସେ ଆଶା କରୁଥିବା କହିଛନ୍ତି ଶାହା ।

# ‘ଭାରତରେ ହେବ ମହିଳା ହକି ଇଣ୍ଡିଆ ଲିଗ୍’ : ଦିଲ୍ଲୀପ ତିର୍କୀ

**ଭୁବନେଶ୍ୱର**

ଭାରତରେ ହେବ ମହିଳା ହକି ଇଣ୍ଡିଆ ଲିଗ୍ । ଏହା ଆସନ୍ତା ଡିସେମ୍ବରରେ ଆରମ୍ଭ ହୋଇ ଫେବୃୟାରୀ ପର୍ଯ୍ୟନ୍ତ ଚାଲିବ । ଏହି ସର୍ବପ୍ରଥମ ମହିଳା ଲିଗ୍‌ରେ ୬ଟି ଫ୍ରାଞ୍ଚାଇଜ୍ ଦଳ ଭାଗନେବେ । ବିଶ୍ୱର ଶ୍ରେଷ୍ଠ ୧୬ଟି ହକି ଦଳର ଖେଳାଳିମାନେ ଏହି ଲିଗ୍‌ରେ ଅଂଶଗ୍ରହଣ କରିବେ ବୋଲି ପ୍ରକାଶ କରିଛନ୍ତି ହକି ଇଣ୍ଡିଆ ସଭାପତି ଦିଲ୍ଲୀପ ତିର୍କୀ । ଏହା ରାଜ୍ୟ ଏବଂ ଦେଶର ଯୁବ ଖେଳାଳିଙ୍କ ପାଇଁ ଏକ ଭଲ ପ୍ଲାଟଫର୍ମ ହେବ । ସେମାନେ ବିଶ୍ୱର ଶ୍ରେଷ୍ଠ ଖେଳାଳିଙ୍କ ସହ ଖେଳିବେ, ଡ୍ରେସିଂରୁମ୍ ସେୟାର କରିବେ ଓ ଭାବ ବିନିମୟର ସୁଯୋଗ ପାଇବେ । ଡିସେମ୍ବରରେ ହକି ଇଣ୍ଡିଆ ଲିଗ୍ (ଏଚ୍‌ଆଇଏଲ-ପୁରୁଷ) ମଧ୍ୟ ଅନୁଷ୍ଠିତ ହେବ । ଏଚ୍‌ଆଇଏଲ୍ ରାଉରକେଲାର ବିର୍ସାମୁଣ୍ଡା ଷ୍ଟାଡିୟମରେ ଏବଂ ମହିଳା ହକି ଇଣ୍ଡିଆ ଲିଗ୍ ରାଞ୍ଚିରେ ଖେଳାଯିବ । ଏହାର କାର୍ଯ୍ୟସୂଚୀ ପରେ ପ୍ରକାଶ ପାଇବ । ଓଡ଼ିଶା ଚାହିଁଲେ ଏକ ଫ୍ରାଞ୍ଚାଇଜ୍ ଭିତ୍ତିକ ଦଳ ଖେଳାଇ ପାରିବ । ସବୁକିଛି ଆଉ କିଛିଦିନ ମଧ୍ୟରେ ସ୍ପଷ୍ଟ ହୋଇଯିବ ବୋଲି ଦିଲୀପ ପ୍ରକାଶ କରିଛନ୍ତି ।

ଓଡ଼ିଶା ସରକାର ଲକି ସ୍ପୋନସର : ତିନି ଥର ଅଲିମ୍ପିକ୍ସର ଅନୁଭବ ରଖିଥିବା ଦିଲ୍ଲୀପ ହକି ଇଣ୍ଡିଆ ସଭାପତି ଦାୟିତ୍ୱ ନେବାପରେ ଭାରତୀୟ ଦଳର ପ୍ରଦର୍ଶନ କ୍ରମେ ଉନ୍ନତି ହୋଇଛି । ୨୦୨୨ ହାଙ୍ଗଝୋ ଏସିଆନ ଗେମ୍ସରେ ଭାରତ ସ୍ୱର୍ଣ୍ଣ



ପଦକ ଜିତିଥିବାବେଳେ ୨୦୨୪ ଅଲିମ୍ପିକ୍ସରେ ବ୍ରୋଞ୍ଜ ପଦକ ଜିତି ଇତିହାସ ପୃଷ୍ଠାରେ ନୂଆ ଅଧ୍ୟାୟ ଯୋଡ଼ିଛି । ଏଥିରେ ସ୍ୱାଭାବିକଭାବେ ଉଲ୍ଲସିତ ଅଛନ୍ତି ଦିଲ୍ଲୀପ । ‘ଆମେ ଦାୟିତ୍ୱ ନେବାପରେ ଅନେକ ପଦକ୍ଷେପ ନେଇଥିଲୁ । ୨୦୨୩ ହକି ବିଶ୍ୱକପରେ ଭାରତ ଯେପରି ପ୍ରଦର୍ଶନ କଲା ତାହା ଆପଣମାନେ ସମସ୍ତେ ଦେଖିଲେ । ତେଣୁ ଆମେ କୋଚିଂ ଷ୍ଟାଫ୍ ବଦଳାଇବାକୁ ନିଷ୍ପତ୍ତି ନେଲୁ । ଏହି ନିଷ୍ପତ୍ତି ବହୁତ କାମ ଦେଲା । କ୍ରେଗ୍ ଫୁଲ୍‌ଟନଙ୍କ ପ୍ରଶିକ୍ଷଣରେ ଭାରତ ଏବେ କ୍ରମାଗତ ଭଲ ପ୍ରଦର୍ଶନ କରି ଚାଲିଛି । ଭାରତୀୟ ହକି ଦଳର ଭଲ ପ୍ରଦର୍ଶନ ପଛରେ ଓଡ଼ିଶା ସରକାରଙ୍କର ବଡ଼ ଅବଦାନ ରହିଛି । ଓଡ଼ିଶା ପ୍ରାୟୋଜକ ହେବାପରେ ଅଧିକାଂଶ ଟୁର୍ଣ୍ଣାମେଣ୍ଟରେ ଭାରତୀୟ ଦଳ ଭଲ ଖେଳି ଆସୁଛି । ମୋ ମତରେ ଓଡ଼ିଶା ସରକାର ହେଉଛନ୍ତି ଭାରତୀୟ ହକିର ‘ବ୍ୟାକ୍ ବୋନ୍’ ଏବଂ ‘ଲକି ସ୍ପୋନସର’ ବୋଲି ଦିଲ୍ଲୀପ ପ୍ରକାଶ କରିଛନ୍ତି ।

# ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଗୁମର ଖୋଲିଲେ ନତାଶା

**ନୂଆଦିଲ୍ଲୀ**

କ୍ରିକେଟର ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଠାରୁ ଛାଡ଼ପତ୍ର ନେବା ପରେ ଅଭିନେତ୍ରୀ ନତାଶା ଷ୍ଟାନକୋଭିକ ନିକଟରେ ଏକ କ୍ରିପ୍ଟିକ ନୋଟ ସେୟାର କରିଛନ୍ତି । ଟିମ୍ ଇଣ୍ଡିଆ କ୍ରିକେଟର ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ସହ ଛାଡ଼ପତ୍ର ହେବାର ପ୍ରକୃତ କାରଣ ହେଉଛି ତାଙ୍କର ଅହଂକାର ବୋଲି ଚର୍ଚ୍ଚା ହେଉଥିଲା । ନତାଶାଙ୍କ ଏହି ନୋଟ୍ ଦେଖି ପ୍ରଶଂସକମାନେ ଅନୁମାନ କରୁଛନ୍ତି, ଭାଇରାଲ ଖବର ପଛରେ ନିଶ୍ଚିତ କିଛି ସତ୍ୟତା ଅଛି ।

ଯଦିଓ ନତାଶା ଏପର୍ଯ୍ୟନ୍ତ ସର୍ବସାଧାରଣରେ ଏହାର କାରଣ ବିଷୟରେ କହିନାହାଁନ୍ତି, କିନ୍ତୁ ସେ ଇନଷ୍ଟାଗ୍ରାମ ଷ୍ଟୋରୀରେ ଏକ ପୋଷ୍ଟ ସେୟାର କରି ପ୍ରେମ କିପରି ହେବା ଉଚିତ ଏବଂ ଏହା କିପରି ହେବା ଉଚିତ ନୁହେଁ ସେ ବିଷୟରେ ବର୍ଣ୍ଣନା କରିଛନ୍ତି । ନୋଟରେ ଲେଖାଥିଲା, ପ୍ରେମ ଧୈର୍ଯ୍ୟବାନ ଏବଂ ଦୟାଳୁ



ଅଟେ । ଏହା ଈର୍ଷାପରାୟଣ ହେବା ଉଚିତ୍ ନୁହେଁ । ଏହା ଅନ୍ୟମାନଙ୍କୁ ଅପମାନିତ କରେ ନାହିଁ । ଏହା ସ୍ୱାର୍ଥପର ନୁହେଁ । ଏହା ସହଜରେ କ୍ରୋଧିତ ହୁଏ ନାହିଁ । ଏହା ଭୁଲକୁ ସହ୍ୟ କରେ ନାହିଁ । ଏହା ସର୍ବଦା ସୁରକ୍ଷା କରେ ।

ସେ ଏହି ପୋଷ୍ଟକୁ ସେୟାର କରିବା ମାତ୍ରେ, ପ୍ରଶଂସକ ହୃଦୟଙ୍ଗମ କରିଛନ୍ତି ହାର୍ଦ୍ଦିକଙ୍କ ସହ ତାଙ୍କର ତିକ୍ତ ସମ୍ପର୍କ ଏବଂ ଏହା ଛାଡ଼ପତ୍ର ହେବାର ପ୍ରକୃତ କାରଣ । ମାସେ ଧରି କଳ୍ପନାଜଳ୍ପନା ପରେ ଚଳିତ ବର୍ଷ ଜୁଲାଇରେ ହାର୍ଦ୍ଦିକ ଏବଂ ନତାଶା ମିଳିତ ବିବୃତ୍ତିରେ ଛାଡ଼ପତ୍ର ଘୋଷଣା କରିଥିଲେ ।

# ବାଲେଶ୍ୱରକୁ ଆସୁଛି ସିମ୍ ବକ୍ସ ଫୋନ୍ କଲ୍ !

**ବାଲେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ସାରା ରାଜ୍ୟ ତଥା ଦେଶରେ ‘ସିମ୍ ବକ୍ସ’ ଠକାମିର ଶିକାର ହେଉଛନ୍ତି ଲୋକେ । ଏହି ମାମଲାରେ ଅଭିଯୁକ୍ତ ରାଜୁ ମଣ୍ଡଳଙ୍କୁ ଓଡ଼ିଶାରୁ ଗିରଫ କରାଯିବା ଉପରେ ଏହାର ମାଷ୍ଟର ମାଇଣ୍ଡ ବାଂଲାଦେଶୀ ଅଶାରୁଦ୍ଦିନ ଜମାନର ଫଟୋ ଜାରି କରିଛି ପୁଲିସ । ଏନେଇ ଉଚ୍ଚ ସ୍ତରୀୟ ତଦନ୍ତ ଚାଲିଛି । ଏବେ ସିମ୍ ବକ୍ସ ଠକାମିରେ ଗୋଟିଏ ଥରରେ ଲକ୍ଷାଧିକ ଟଙ୍କା ହରାଇ ଲୋକେ କାଙ୍ଗାଳ ହୋଇଯାଉଛନ୍ତି । ଠକାମିର ଏହି ନୂଆ ଉପାୟ ଯୋଗୁଁ ପୁଲିସ ମଧ୍ୟ ଅଡୁଆରେ ପଡ଼ିଛି । ଠକାମିରେ ପଡ଼ି ନଥିଲେ ବି ବାରମ୍ବାର ଭିନ୍ନଭିନ୍ନ ଦେଶରୁ ଫୋନ୍ ଆସୁଥିବାରୁ ଜଣେ ସିମ୍ ବ୍ୟବହାରକାରୀ ଏନେଇ ଉଦ୍‌ବେଗ ପ୍ରକାଶ କରିବା ସହିତ ବାଲେଶ୍ୱରକୁ ମଧ୍ୟ ସିମ୍ ବକ୍ସ ଠକାମିର ଚେର ଲମ୍ବିଥିବା ଅନୁମାନ କରାଯାଉଛି । ମିଳିଥିବା ସୂଚନାରୁ ଜଣାଯାଇଛି ଯେ, ଜଣେ ଜିଓ ଉପଭୋକ୍ତାଙ୍କ ଫୋନ ନମ୍ବରକୁ +୪୩ ୬୫୦୨୧୩୦୭୩୯ ନମ୍ବରରୁ ଅପରାହ୍ଣ ୧.୫୫ ମିନିଟ୍‌ରେ ଏକ ଫୋନ୍ ଆସିଥିଲା । ଅନ୍ୟ



ଦେଶର କୋଡ୍ ନମ୍ବର ହୋଇଥିବାରୁ ସେ ଫୋନ ଉଠାଇନଥିଲେ, ପରେ ସେ ଜାଣିବାକୁ ପାଇଥିଲେ ଯେ ଉକ୍ତ କୋଡ୍‌ଟି ଅଷ୍ଟ୍ରିଆ ଦେଶର । ଏହି ଫୋନ କଲ୍ ଶେଷ ହେବାର ଗୋଟିଏ ସେକେଣ୍ଡ ପରେ +୪୯ ୧୭୬୯୩୨୦୫୩୬ ନମ୍ବରରୁ ଆଉ ଏକ ଫୋନ୍ କଲ୍ ଆସିଥିଲା । ସେ ଫୋନ୍‌କୁ ମଧ୍ୟ ସେ ଉଠାଇ ନଥିଲେ । ଉକ୍ତ କୋଡ୍‌ଟି ଜର୍ମାନୀ ଦେଶର ଥିଲା । ଲଗାତର ଏଭଳି ଫୋନ ଆସୁଥିବାରୁ ଏହା ସିମ୍ ବକ୍ସ ଠକଙ୍କ ଦ୍ୱାରା ହୋଇଥିବା ଅନୁମାନ କରାଯାଉଛି । କଟକ ସହରରେ ସିମ୍ବକ୍ସ ଠକଙ୍କୁ ଚିହ୍ନଟ କରିବା ପରେ ପଡ଼ୋଶୀ ଜିଲ୍ଲା ଭଦ୍ରକରେ ମଧ୍ୟ ଚିହ୍ନଟ ହୋଇଛି । ପୁଲିସ ଏଥିପ୍ରତି ସତର୍କ ହେବା ସହିତ ଉପରୋକ୍ତ ନମ୍ବରକୁ ଯାଞ୍ଚ କରିବା ଉଚିତ । ଅନ୍‌ଲାଇନ୍ ଠକାମି ଦିନକୁ ଦିନ ବଢିବାରେ ଲାଗିଛି । ନୂଆ ଉପାୟ ଓ ନୂଆ ଯୋଜନାରେ ଠକମାନେ ଲୋକଙ୍କୁ ଲୁଟିବାରେ ଲାଗିଛନ୍ତି । ବାଲେଶ୍ୱର ଜିଲ୍ଲାରେ ମଧ୍ୟ ଏ ସଂକ୍ରାନ୍ତରେ ତଦନ୍ତ ଏବେ ଜରୁରୀ ହୋଇପଡ଼ିଛି । ସୂଚନାଯୋଗ୍ୟ ଯେ, ଗୋଟିଏ ସିମ୍ବକ୍ସରେ ଏକ ସମୟରେ ୫୦୦ଟି ପର୍ଯ୍ୟନ୍ତ ସିମ୍‌କାର୍ଡ ଲାଗି ପାରୁଥିବା ବେଳେ ସେଥିରେ ଏକାଥରକେ ୫୦୦ ଜଣଙ୍କୁ ମିଥ୍ୟା କଲ୍ କରାଯାଇପାରିବ । ଆନ୍ତର୍ଜାତିକ କଲ୍‌କୁ ଲୋକାଲ କଲ୍‌ରେ ପରିବର୍ତ୍ତନ କରିପାରୁଥିବାରୁ ଏହା ସିମ୍ ପ୍ରଦାନ କରୁଥିବା କମ୍ପାନୀଗୁଡ଼ିକୁ ମଧ୍ୟ କ୍ଷତି ପହଞ୍ଚାଉଛି, ଯାହାକୁ ନେଇ ସାରା ଦେଶରେ ଏବେ ସିମ୍‌ବକ୍ସ ଠକମାନଙ୍କୁ ଧରିବା ପାଇଁ ଉଦ୍ୟମ କରାଯାଉଛି । ସିଟି ଡିଏସପି ଶୁଭ୍ରାଂଶୁ ନାୟକ କହିଛନ୍ତି ଯେ, ସେଭଳି କୌଣସି ଅଭିଯୋଗ ଏଯାଏ ଆମ ପାଖରେ ପହଞ୍ଚିନାହିଁ । ଅଭିଯୋଗ ଆସିଲେ ତଦନ୍ତ ହେବ । ସିମ୍‌ବକ୍ସ ରାକେଟର ବାଲେଶ୍ୱର ଜିଲ୍ଲା ସହ କୌଣସି ସଂଯୋଗ ଥିବାର ସୂଚନା ନ ଥିବା ସେ କହିଥିଲେ ।

# ମାଲିକ ସଞ୍ଜୀବ ଗୋଏଙ୍କାଙ୍କୁ ଭେଟିଲେ କେ.ଏଲ୍ ରାହୁଲ

**କୋଲକାତା**

ବରିଷ୍ଠ ଭାରତୀୟ ବ୍ୟାଟ୍ସମ୍ୟାନ କେ.ଏଲ ରାହୁଲ ଲକ୍ଷ୍ନୌ ସୁପର ଜିଆଣ୍ଟ୍‌ସ ଦଳରେ ଆଇପିଏଲର ପରବର୍ତ୍ତୀ ସିଜିନ୍ ଖେଳିବାକୁ ଇଚ୍ଛା ପ୍ରକାଶ କରିଛନ୍ତି । ନିକଟରେ ସେ ଲକ୍ଷ୍ନୌ ସୁପର ଜିଆଣ୍ଟ୍‌ସ ମାଲିକ ସଞ୍ଜୀବ ଗୋଏଙ୍କାଙ୍କୁ ଭେଟି ତାଙ୍କୁ ବଜାୟ ରଖିବାକୁ ଇଚ୍ଛା ପ୍ରକାଶ କରିଥିଲେ । ଟିମ୍ ଇଣ୍ଡିଆର ପୂର୍ବତନ ଉପ-ଅଧିନାୟକ ରାହୁଲ ଆଉ ଟି-୨୦ ଫର୍ମାଟରେ ଭାରତୀୟ ଦଳର ଅଂଶ ନୁହନ୍ତି । ରାହୁଲ ପ୍ରଥମ ଦୁଇଟି ଆଇପିଏଲରେ (୨୦୨୨ ଏବଂ ୨୦୨୩) ଏଲ୍‌ଏସ୍‌ଜିକୁ ପ୍ଲେ-ଅଫ ନେଇଥିଲେ, କିନ୍ତୁ ଗୌତମ ଗମ୍ଭୀରଙ୍କ ପରାମର୍ଶ ତାଙ୍କ ଅବଦାନଠାରୁ ଅଧିକ କାରଣ ବୋଲି ବିବେଚନା କରାଯାଏ । ଏହାର କାରଣ ହେଉଛି ଯେତେବେଳେ ଗମ୍ଭୀର ୨୦୨୪ରେ ମେଣ୍ଟର ପଦ ଛାଡ଼ିଥିଲେ, ଲକ୍ଷ୍ନୌ ସୁପର ଜିଆଣ୍ଟସ ଦଳ ପଏଣ୍ଟ ଟେବୁଲରେ ସପ୍ତମ ସ୍ଥାନ ଅଧିକାର କରିଥିଲା । ରାହୁଲ କୋଲକାତା ଆସି ସଞ୍ଜୀବ ଗୋଏଙ୍କାଙ୍କୁ ଆରପିଜି ମୁଖ୍ୟ କାର୍ଯ୍ୟାଳୟରେ ଭେଟିଥିଲେ । ସେ ଗୋଏଙ୍କାଙ୍କୁ ସ୍ପଷ୍ଟ ଭାବରେ କହିଛନ୍ତି, ସେ ରହିବାକୁ ଚାହୁଁଛନ୍ତି । ଯେପର୍ଯ୍ୟନ୍ତ ବିସିସିଆଇ ଏକ ଧାରଣ ନୀତି ସହିତ ବାହାରକୁ ଆସିବ, ଏଲଏସଜି ପରିଚାଳନା ଏହାର ଯୋଜନା ପ୍ରସ୍ତୁତ କରିବାକୁ କିମ୍ବା ପ୍ରକାଶ କରିବାକୁ ଚାହୁଁନାହିଁ । ରାହୁଲ ନିଜକୁ ବଜାୟ ରଖିବାକୁ ଚାହାନ୍ତି, କିନ୍ତୁ କେତେ ଜଣଙ୍କୁ ରଖାଯିବ ଏବଂ ନୂଆ ପ୍ଲାନ୍ କ’ଣ ସେ ଜାଣିବା ପର୍ଯ୍ୟନ୍ତ ସେ କାହାକୁ ରଖିପାରିବେ ନାହିଁ । ଏହି ବୈଠକ ସମ୍ପର୍କରେ ଏଲଏସଜି ପରିଚାଳନା ପକ୍ଷରୁ କୌଣସି ବିବୃତ୍ତି ହୋଇନାହିଁ ।

# ଭାରତୀୟ ଦଳରେ ଯୋଗଦେଲେ ବାପି

**ଭୁବନେଶ୍ୱର**

ଡେଙ୍ଗୁରୁ ସୁସ୍ଥ ହେବା ପରେ ଓଡ଼ିଶାର ଯୁବ ଧାବକ ବାପି ହାଁସ୍‌ଦା ଲିମାରେ ଆୟୋଜିତ ହେବାକୁ ଥିବା ୨୦ ବର୍ଷରୁ କମ୍ ବିଶ୍ୱ ଦୌଡ଼କୁଦ ପ୍ରତିଯୋଗିତା ଲାଗି ଭାରତୀୟ ଦଳରେ ଯୋଗ ଦେଇଛନ୍ତି । ୩ ଦିନ ତଳେ ଡେଙ୍ଗୁ ଯୋଗୁଁ ତାଙ୍କ ବିନା ଭାରତୀୟ ଦଳ ଲିମା ଗସ୍ତ କରିଥିଲା । ହେଲେ ସେ ସୁସ୍ଥ ହୋଇଥିବାରୁ ତାଙ୍କୁ ଦଳରେ ସାମିଲ କରାଯାଇଛି । ବାପି ଏହି ପ୍ରତିଯୋଗିତାରେ ୪୦୦ ମିଟର ଓ ୪୦୦ ମିଟର ରିଲେରେ ଭାଗ ନେବେ । ବାପିଙ୍କ ସହ ଭାରତୀୟ ରିଲେ ଦଳ ଅଙ୍କୁଲ, ରିହାନ ଚୌଧୁରୀ, ଅବିରାମ ପ୍ରମୋଦ ଓ ଜୟ କୁମାର ରହିଛନ୍ତି । ଭିସା ସମସ୍ୟା ପାଇଁ ସେ ଚଳିତ ବର୍ଷ ଦୁବାଇରେ ଆୟୋଜିତ ହୋଇଥିବା ୨୧ତମ ଏସୀୟ ୨୦ ବର୍ଷରୁ କମ୍ ଦୌଡ଼କୁଦ



ପ୍ରତିଯୋଗିତାରେ ଅଂଶଗ୍ରହଣ କରିପାରି ନଥିଲେ । ଡେଙ୍ଗୁ ଯୋଗୁଁ ବିଶ୍ୱ ପ୍ରତିଯୋଗିତାରୁ ବାଦ୍ ପଡ଼ିବା ପରେ ପୁଣି ସାମିଲ ହେବା ତାଙ୍କ ଖୁସିକୁ ଦ୍ୱିଗୁଣିତ କରିଛି ।


**ODISHA HYDRO POWER CORPORATION LTD.**
OHPC
CAD-934
OFFICE OF THE SENIOR GENERAL MANAGER (ELECTRICAL),
BALIMELA HYDRO ELECTRIC PROJECT,
AT/POST: BALIMELA, DIST. MALKANGIRI, PIN-764051(ODISHA)
PHONE Nos.- 06861 - 2325810) / 232641(R), FAX No. 06861 - 232541.
E-mail : unit.head_balimela@yahoo.com/ bhep.balimela@gmail.com

**'E'-PROCUREMENT NOTICE INVITING TENDER NO. BHEP/ 19 /2024-25 DATED 23.08.2024**

Invites percentage rate bids in **double cover** system i.e. Cover-I (Technical Bid) & Cover-II (Price bid) for the work through e-procurement as detailed in the table below. The bids should be submitted 'online' in https://tendersodisha.gov.in by eligible **'D' & 'C'** class Civil Contractors/ Constructions Firms registered with the state government and contractors of equivalent grade/class registered with central government/ railways having registration for execution of civil works can participate in the tender on production of definite proof from the appropriate authority. The bidders should have necessary portal enrolment with his/her own Digital Signature Certificate. The bidder may submit bid for the work as per the following table.

| Sl. No. | Name of Work | Estimated cost in Rs. | EMD in Rs. | Class of Contractor | Cost of bid documents in Rs. | Period of Completion |
|---|---|---|---|---|---|---|
| 01 | Repair and renovation of Administrative office main gate and Erector's hostel main gate with sign board at BHEP, Balimela | 13,41,905.00 | 13,500.00 | 'D' & 'C' | 6000/- + GST @ 18% = 7080/- | 90 days |

*Date & Time of availability of bid document in the portal:* **From 10:00 Hrs of 30.08.2024 to 10.09.2024 up to 17:00 Hrs**
*Last date & time of submission of bid:* **Up to 17:00 Hrs of 10.09.2024**
*The date & Time of opening of the bid:* **12:00 Hrs onwards of 11.09.2024** *(Only Technical bid)*
***Further details can be seen from the e-procurement portal https://tendersodisha.gov.in***

OIPR-04019/11/0025/2425 Sd/- Unit Head, B.H.E.P, Balimela



**OFFICE OF THE EXECUTIVE ENGINEER (AGRIL.), AGRIL ENGG.DIVISION, NAYAGARH**
L-51
E-mail ID – eeagril.nayargarh@gmail.com
**INVITATIONS FOR BIDS THROUGH e-Procurement**
**Bid Identification No/e - Procurement Notice No. 1108** /2024// Agril. **Date – 22/08/2024**
**E.E. (AGRIL.), NAYAGARH-02/2024-25**

The Executive Engineer (Agril.), Nayagarh Division, Nayagarh on behalf of Governor of Odisha invites **Percentage** Rate Bids in **Single cover** system for the works as detailed in table below.

| Sl. No. | Name of the work | Approximate Estimated cost put to Tender (Excluding G.S.T) (Rs.) | Cost of Bid Documents (in Rs.) | EMD (in Rs.) | Class of Contractor | Period of Completion |
|---|---|---|---|---|---|---|
| 1. | 2. | 3. | 4. | 5. | 6. | 7. |
| 1. | Construction of FCC at-Kulei, Block-Banapur, Dist-Khordha | 8,41,877.00 | 4,000.00 | 8500.00 | C & D | 04 (Four calendar month) |
| 2. | Construction of FCC at-Jayadev, Block-Balianta, Dist-Khordha | 8,43,696.00 | 4,000.00 | 8500.00 | C & D | 04 (Four calendar month) |
| 3. | Construction of FCC at-Dhauli, Block-Bhubaneswar, Dist-Khordha | 8,43,945.00 | 4,000.00 | 8500.00 | C & D | 04 (Four calendar month) |

The bidders have to participate in ONLINE bidding only. The web-site for "ONLINE BIDDING" is http://tendersodisha.gov.in. Bid documents will be available in above website from Dt. **28.08.2024** at **11.00 AM** to Dt.**06.09.2024** up to **5.00 P.M** for "ONLINE BIDDING". **Date of original bid documents submission from Dt. 28.08.2024** at **11.00 A.M.** to **09.09.2024** up to **5.00 P.M.** Bids shall be opened at 11.00 AM on Dt. **10.09.2024.**

The bidder must possess matching class compatible Digital Signature Certificate (DSC). Further details and other terms and conditions can be seen from DTCN in the e- Procurement web site **www.tendersodisha.gov.in.**

***N.B: Subsequent corrigendum / addendum if required shall be available in the website as indicated above***

Sd/- Executive Engineer (Agril.)
Nayagarh Division, Nayagarh
OIPR-01449/11/0002/2425


## ପିପିଲି ଓ ସତ୍ୟବାଦୀରେ ବାର୍ଡ-ଫ୍ଲୁ

# ସଂକ୍ରମିତ ଅଞ୍ଚଳରୁ ମରାଗଲା ୨୬ହଜାର କୁକୁଡ଼ା

**ପିପିଲି, ନ୍ୟୁଜ୍‌ବ୍ୟୁରୋ**

ବାର୍ଡ-ଫ୍ଲୁ ପ୍ରଭାବିତ ପୁରୀ ଜିଲ୍ଲାର ପିପିଲି ଓ ସତ୍ୟବାଦୀ ବ୍ଲକ୍ ଅଞ୍ଚଳରୁ ମୋଟ୍ ୨୬ ହଜାର ୩୭୧ଟି କୁକୁଡ଼ାଙ୍କୁ ମରାଯାଇ ମାଟିରେ ପୋତାଯାଇଛି । ଉଭୟ ବ୍ଲକ୍‌ରେ ସଂକ୍ରମିତ ଅଞ୍ଚଳର ଫାର୍ମରୁ କୁକୁଡ଼ା ମରା ଶେଷ ହୋଇଥିବାବେଳେ ମଙ୍ଗଳବାର ଠାରୁ ସଂକ୍ରମିତ ସ୍ଥାନର ୧ କିଲୋମିଟର ପରିସୀମା ଅଞ୍ଚଳର ବାରି ଅଗଣାରେ ଥିବା କୁକୁଡ଼ା, ବତକ ଆଦିଙ୍କୁ ମରାଯାଉଥିବା ସୂଚନା ମିଳିଛି । ଏଥିସହ ଉଭୟ ବ୍ଲକ୍‌ର ସଂକ୍ରମିତ ଅଞ୍ଚଳ ମଧ୍ୟରେ ରହିଥିବା ସମସ୍ତ କୁକୁଡ଼ା ଫାର୍ମକୁ ବିଶୋଧନ କାର୍ଯ୍ୟ ଚାଲୁରହିଛି । ଏହି କୁକୁଡ଼ା ମରା ଓ ଫାର୍ମ ବିଶୋଧନ ଅଭିଯାନରେ ପିପିଲି ବ୍ଲକ୍‌ରେ ୧୩ଟି ଓ ସତ୍ୟବାଦୀ ବ୍ଲକ୍‌ରେ ୮ଟି ରାପିଡ୍ ରେସ୍‌ପନ୍ସ ଟିମ୍‌ର ସଦସ୍ୟ ସାମିଲ ଅଛନ୍ତି । ପିପିଲି ଓ ସତ୍ୟବାଦୀ ଅଞ୍ଚଳର କେତେକ କୁକୁଡ଼ା ଫାର୍ମରେ କିଛିଦିନ ହେଲା କୁକୁଡ଼ା ମଡ଼କ ହୋଇଥିଲା । ଫୁଲନଖରାସ୍ଥିତ ପ୍ରାଣୀସମ୍ପଦ ରୋଗ ଅନୁସନ୍ଧାନ କେନ୍ଦ୍ରର ବିଶେଷଜ୍ଞମାନେ ତେଇଶିପୁର ପଞ୍ଚାୟତ ଅନ୍ତର୍ଗତ ଆବଲପୁର ଗ୍ରାମର ଓ ସତ୍ୟବାଦୀ ବ୍ଲକ୍ ରାୟଚକ୍ରଧରପୁର ନିକଟ ଧୋଳାମୁଣ୍ଡାଇ ଅଞ୍ଚଳରେ ଥିବା ଏକ କୁକୁଡ଼ା ଫାର୍ମରୁ ନମୁନା ସଂଗ୍ରହ କରି ପରୀକ୍ଷା ପାଇଁ ଭୋପାଳସ୍ଥିତ ନ୍ୟାସନାଲ ଇନ୍‌ଷ୍ଟିଚ୍ୟୁଟ ଫର ହାଇ ସିକ୍ୟୁରିଟି ଆନିମଲ ଡିଜିଜେସ୍‌କୁ ପଠାଇଥିଲେ । ୨୩ ତାରିଖରେ ପ୍ରକାଶିତ ରିପୋର୍ଟରେ ଏଚ୍‌୫ଏନ୍ ଏଭିଆନ୍ ଇନ୍‌ଫ୍ଲୁଏନଜା ଭୂତାଣୁ ଚିହ୍ନଟ ପରେ ଉଭୟ ଫାର୍ମର ୧ କିଲୋମିଟର ପରିସୀମା ମଧ୍ୟରେ ଥିବା ସମସ୍ତ ଫାର୍ମରୁ କୁକୁଡ଼ାଙ୍କୁ ମରାଯିବା ସହ ଫାର୍ମ ବିଶୋଧନ ପାଇଁ ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିଲା । ପିପିଲି ବ୍ଲକ୍ ତେଇଶିପୁର ପଞ୍ଚାୟତର ଆବଲପୁର ଓ ଏହାର ଆଖପାଖ ଅଞ୍ଚଳରେ ଥିବା ୫୪ଟି ଫାର୍ମରୁ ୨୦ହଜାର ୧ଶହ ଓ ସତ୍ୟବାଦୀ ବ୍ଲକ ଧୋଙ୍ଗାମୁଣ୍ଡାଇ ଓ ଏହାର ନିକଟବର୍ତ୍ତୀ ଅଞ୍ଚଳରେ ଥିବା ୧୦ଟି କୁକୁଡ଼ା ଫାର୍ମରୁ ୧୮ହଜାର ୨୫୦ କୁକୁଡ଼ାଙ୍କୁ ମରାଯିବା ପାଇଁ ପ୍ରାଣୀସମ୍ପଦ ବିଭାଗ ପକ୍ଷରୁ ୨୪ରୁ ଅଭିଯାନ ଆରମ୍ଭ ହୋଇଥିଲା । ତେବେ ଧୋଳାମୁଣ୍ଡାଇ ଓ ଏହାର ଆଖପାଖ ଅଞ୍ଚଳରେ ଥିବା ୩ଟି ଫାର୍ମରୁ କୁକୁଡ଼ା ଖାଲି ହୋଇଯାଇଥିବା ବେଳେ ଅବଶିଷ୍ଟ ୭ଟି ଫାର୍ମରୁ ୧୪୬୩୫ଟି କୁକୁଡ଼ାଙ୍କୁ ୨ଦିନ ମଧ୍ୟରେ ମରାଯାଇ ପୋତାଯାଇଥିବା ସତ୍ୟବାଦୀ ବ୍ଲକ୍ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ବାଣୀକାନ୍ତ ଖଟୁଆ ସୂଚନା ଦେଇଛନ୍ତି । ୩ ଦିନ ମଧ୍ୟରେ ଏହି ଅଞ୍ଚଳରୁ ମୋଟ ୧୧ହଜାର ୭୩୬ଟି କୁକୁଡ଼ାଙ୍କୁ ମରାଯାଇ ମାଟିରେ ପୋତାଯାଇଥିଲା ବା ସମ୍ପର୍କରେ ପ୍ରାଣୀସମ୍ପଦ ବିକାଶ ବିଭାଗ, କଟକର ଅତିରିକ୍ତ ନିର୍ଦ୍ଦେଶକ (ରୋଗ ନିୟନ୍ତ୍ରଣ) ଡା. ଜଗନ୍ନାଥ ନନ୍ଦ ସୂଚନା ଦେଇଛନ୍ତି । ତେବେ ପିପିଲିର ସଂକ୍ରମିତ ୫ଟି ଫାର୍ମରୁ କୁକୁଡ଼ାଙ୍କୁ ମରାଯାଇଥିବା ବେଳେ ଅବଶିଷ୍ଟ ୬ଟି



ଫାର୍ମରେ କୌଣସି କୁକୁଡ଼ା ନଥିବା ସମ୍ପର୍କରେ ପିପିଲି ବ୍ଲକ୍ ପ୍ରାଣୀ ଚିକିତ୍ସାଧାରୀ ଡା. ଆଲୋକ ମିଶ୍ର ସୂଚନା ଦେଇଛନ୍ତି । ପିପିଲିରେ କୁକୁଡ଼ାମରା ଓ କୁକୁଡ଼ା ଫାର୍ମ ବିଶୋଧନ କାର୍ଯ୍ୟରେ ନିୟୋଜିତ ରାପିଡ୍ ରେସ୍‌ପନ ଟିମ୍‌ର ସଦସ୍ୟଙ୍କ ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ ଓ ଚିକିତ୍ସା ପାଇଁ ପୂରା ସ୍ୱାସ୍ଥ୍ୟ ବିଭାଗର ମହାମାରୀ ବିଶେଷଜ୍ଞ ଡା. ଶିଳ୍ପୀ ଦାଶ ଦାୟିତ୍ୱରେ ରହିଥିବା ସୂଚନା ମିଳିଛି । ପିପିଲି, ଡେଲାଙ୍ଗ, କଣାସ, ସତ୍ୟବାଦୀ, ଚନ୍ଦନପୁର ଆଦି ଅଞ୍ଚଳର କ୍ଷତିଗ୍ରସ୍ତ କୁକୁଡ଼ା ଚାଷୀଙ୍କୁ ସରକାରଙ୍କ ପକ୍ଷରୁ ପର୍ଯ୍ୟାପ୍ତ ପରିମାଣରେ ସହାୟତା ରାଶି ପ୍ରଦାନ ଦାବି କରି ପୋଲ୍ଟ୍ରି ଫାର୍ମର୍ସ ଡେଭଲପମେଣ୍ଟ ଫୋରମ୍, ଓଡ଼ିଶାର ରାଜ୍ୟ ସମ୍ପାଦକ ପ୍ରଦ୍ୟୁମ୍ନ ପରିଡ଼ାଙ୍କ ନେତୃତ୍ୱରେ ଚାଷୀମାନେ ସୋମବାର ଅପରାହ୍ନରେ ମଙ୍ଗଳପୁରରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଏ ସମ୍ପର୍କରେ ଜିଲ୍ଲାପାଳଙ୍କ ମାଧ୍ୟମରେ ସରକାରଙ୍କୁ ଦାବିପତ୍ର ଦିଆଯିବ ବୋଲି ଶ୍ରୀ ପରିଡ଼ା କହିଛନ୍ତି । ପୁରୀ ଜିଲ୍ଲାର ଏହି ଦୁଇଟି ବ୍ଲକ ଅଞ୍ଚଳରେ ବାର୍ଡ-ଫ୍ଲୁ ଚିହ୍ନଟ ହେବା ପରେ ୱେଷ୍ଟବେଙ୍ଗଲ ପୋଲ୍ଟ୍ରି ଫେଡେରେସନ ପକ୍ଷରୁ ଓଡ଼ିଶାରୁ ପଶ୍ଚିମବଙ୍ଗକୁ କୁକୁଡ଼ା ଓ କୁକୁଡ଼ାଜାତ ଦ୍ରବ୍ୟର ଆମଦାନୀ ଉପରେ କଟକଣା ଲଗାଯାଇଛି ।

# ଭୟଭୀତ ନ ହେବାକୁ ବିଶେଷଜ୍ଞଙ୍କ ପରାମର୍ଶ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ରାଜ୍ୟରେ ପୁରୀ ଜିଲ୍ଲା ଅନ୍ତର୍ଗତ ପିପିଲି ଏବଂ ସତ୍ୟବାଦୀ ବ୍ଲକ୍‌ରେ ବାର୍ଡ ଫ୍ଲୁ ଚିହ୍ନଟ ପରେ ଏବେ ଭୟ ଘାରିଛି । ଏହି ଅଞ୍ଚଳରେ ଚିହ୍ନଟ କେନ୍ଦ୍ରଠାରୁ ୧ କିଲୋମିଟର ମଧ୍ୟରେ କୁକୁଡ଼ାମରା ଅଭିଯାନ ଜାରି ରହିଛି । ୧ରୁ ୧୦ କି.ମି ମଧ୍ୟରେ ସର୍ବେକ୍ଷଣ କରାଯାଉଛି । ଅନ୍ୟପକ୍ଷରେ କୁକୁଡ଼ା ମଲେ ତାହାକୁ ତୁରନ୍ତ ପୋତିଦେବା ସହିତ ସ୍ଥାନୀୟ ବ୍ଲକ୍ ପ୍ରାଣୀ ଚିକିତ୍ସା ଅଧିକାରୀ (ବିଭିଓ)ଙ୍କୁ ଜଣାଇବାକୁ କୁହାଯାଇଛି । ବାର୍ଡ ଫ୍ଲୁ ନେଇ ଭୟଭୀତ ହେବାର କୌଣସି ଆବଶ୍ୟକତା ନାହିଁ । ଅନ୍ୟାନ୍ୟ ଜିଲ୍ଲା ବା ଅଞ୍ଚଳରେ ପୂର୍ବରୁ ଯେଉଁଭଳି ଚାଷ କରୁଥିଲେ ସେଭଳି ଚାଷ କରିବା ସହିତ ବ୍ୟବସାୟ କରିବାକୁ ପ୍ରାଣୀ ରୋଗ ନିୟନ୍ତ୍ରଣ ଅତିରିକ୍ତ ନିର୍ଦ୍ଦେଶକ ଡା. ଜଗନ୍ନାଥ ନନ୍ଦ କହିଛନ୍ତି । ବାର୍ଡ ଫ୍ଲୁ ଚିହ୍ନଟ ହେବା ପରେ କିଛି ଅଞ୍ଚଳରେ ଥିବା କୁକୁଡ଼ା ଚାଷୀଙ୍କୁ ଚିଆଁ, ଖାଦ୍ୟ(ଦାନା) ଓ ଔଷଧ ଯୋଗାଉଥିବା ସଂସ୍ଥା ହଇରାଣ କରୁଛନ୍ତି । ଦାନା ଦେଉନଥିବାବେଳେ ଫୋନ କଲେ ସଂସ୍ଥା ଫୋନ ଧରୁନଥିବା ଅଭିଯୋଗ ହୋଇଛି । ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ବିଜୟ ମହାପାତ୍ର କହିଛନ୍ତି, ବାର୍ଡ ଫ୍ଲୁ ନେଇ ଜିଲ୍ଲାଗୁଡ଼ିକୁ ନିର୍ଦ୍ଦେଶନାମା ଜାରି କରାଯାଇଛି । ବର୍ତ୍ତମାନ ପିପିଲି ବାର୍ଡ ଫ୍ଲୁର ହଟ୍‌ସ୍ପଟ୍ ପାଲଟିଛି । ଏନେଇ ଉକ୍ତ ଅଞ୍ଚଳରେ ରାପିଡ୍ ରେସ୍‌ପନ୍ସ ଟିମ୍ (ଆରଆଇଟି) କାର୍ଯ୍ୟ କରୁଛି, ଯେଉଁ ଅଞ୍ଚଳରେ ବାର୍ଡ ଫ୍ଲୁ ଚିହ୍ନଟ ହୋଇଛି ତାହାକୁ ଆବଦ୍ଧାଞ୍ଚଳ କରାଯାଇଛି । ବାର୍ଡ ଫ୍ଲୁ ହେଲେ ତୁରନ୍ତ କୁକୁଡ଼ାକୁ ମାରି ପୋତିଦେବା ଆବଶ୍ୟକ । ବାର୍ଡ ଫ୍ଲୁ କୁକୁଡ଼ା ସଂସ୍ପର୍ଶରେ ମଣିଷ ଆସିବା ଉଚିତ ନୁହେଁ । ବିଶେଷକରି ଫାର୍ମରେ କାମ କରୁଥିବା ଲୋକ ସତର୍କତା ଅବଲମ୍ବନ କରିବା ଆବଶ୍ୟକ । ବାର୍ଡ ଫ୍ଲୁ ହେଲେ ପ୍ରଥମେ ଜ୍ୱର ହେବା ସହିତ ତଣ୍ଟି ଦରଜ ହେବ ଏବଂ ନିମୋନିଆ ହେବାର ଆଶଙ୍କା ରହିଛି । ଏଥିପାଇଁ ସର୍ବେକ୍ଷଣ ଜାରି ରହିଛି ଓ ରାଜ୍ୟସ୍ତରୀୟ ଏକ ଦଳ ମଧ୍ୟ କାର୍ଯ୍ୟ କରୁଛି । ଓୟୁଏଟି କୁକ୍କୁଟ ବିଭାଗ ବିଶେଷଜ୍ଞ ପ୍ରଫେସର ସୁଶାନ୍ତ କୁମାର ଦାସ କହିଛନ୍ତି ଏହା ଏକ ଭୂତାଣୁଜନିତ ରୋଗ । ସଂକ୍ରମଣ ବୃଦ୍ଧି ଆଶଙ୍କା ଯୋଗୁଁ ବାର୍ଡ ଫ୍ଲୁ ଚିହ୍ନଟ କେନ୍ଦ୍ରଠାରୁ ଏକ କି.ମି ବ୍ୟାସାର୍ଦ୍ଧ ମଧ୍ୟରେ ସମସ୍ତ ଫାର୍ମରୁ କୁକୁଡ଼ା ମାରିଦେବା ଆବଶ୍ୟକ । ଏଥିନେଇ ଭୟଭୀତ ହେବାର କୌଣସି ଆବଶ୍ୟକତା ନାହିଁ ।





# ବିଜେପି ଛାଡ଼ି ବିଜେଡ଼ିରେ ମିଶିଲେ ବରୀ ବ୍ଲକ ଅଧକ୍ଷ



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ଯାଜପୁର ଜିଲ୍ଲା ଅନ୍ତର୍ଗତ ବରୀ ନିର୍ବାଚନ ମଣ୍ଡଳୀର ବିଧାୟକ ବିଶ୍ୱରଞ୍ଜନ ମଲ୍ଲିକଙ୍କ ନେତୃତ୍ୱରେ ବରୀ ବ୍ଲକ ଅଧ୍ୟକ୍ଷ ଅଶୋକ କୁମାର ଗେଡିଙ୍କ ସହ ଅନେକ ସରପଞ୍ଚ ଓ ସମିତିସଭ୍ୟ ମଙ୍ଗଳବାର ଶଙ୍ଖଭବନ ଠାରେ ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ, ପୂର୍ବତନ ମନ୍ତ୍ରୀ ତଥା ବିରୋଧୀ ଦଳ ଉପ ମୁଖ୍ୟ ସଚେତକ ପ୍ରତାପ ଦେବ, ବିଜୁ ଜନତା ଦଳର ବରିଷ୍ଠ ନେତା ପ୍ରଣବ ପ୍ରକାଶ ଦାସ, ପୂର୍ବତନ ମନ୍ତ୍ରୀ ତଥା ରାଜ୍ୟ ବରିଷ୍ଠ ଗଣମାଧ୍ୟମ ସଂଯୋଜକ ପ୍ରତାପ ଜେନା ଓ ବରୀ ବିଧାୟକ ବିଶ୍ୱରଞ୍ଜନ ମଲ୍ଲିକଙ୍କ ଉପସ୍ଥିତିରେ ବିଜେଡିରେ ଯୋଗ ଦେଇଛନ୍ତି । ଦଳରେ ସାମିଲ୍ ହୋଇଥିବା ବରୀ ବ୍ଲକ ଅଧକ୍ଷ ଅଶୋକ କୁମାର ଗେଡିଙ୍କୁ ଶ୍ରୀମତୀ ମଲ୍ଲିକ, ଶ୍ରୀ ଦେବ, ଶ୍ରୀ ଜେନା ଓ ଶ୍ରୀ ମଲ୍ଲିକ ଉପଢୌକନ ଦେଇ ଦଳକୁ ସ୍ୱାଗତ କରିଥିଲେ ।

ଏହି ମିଶ୍ରଣ ପର୍ବରେ ବିଜୁ ଜନତା ଦଳର ବରିଷ୍ଠ ନେତା ପ୍ରଣବ ପ୍ରକାଶ ଦାସ କହିଛନ୍ତି ଯେ, ବିଜେପି ସାରା ଓଡ଼ିଶାରେ ପ୍ରଲୋଭନ ଦେଖାଇ ଓ କ୍ଷମତାର ଦୂରୁପଯୋଗ କରି ବିଜେଡିର ନିର୍ବାଚିତ ପ୍ରତିନିଧିମାନଙ୍କୁ ନେବାକୁ ଚେଷ୍ଟା କରୁଛି । ଆଜି ଅଶୋକ ଗେଡିଙ୍କ ଯୋଗଦାନ ଫଳରେ ବିଶେଷକରି ବରୀ ନିର୍ବାଚନ ମଣ୍ଡଳୀରେ ଦଳୀୟ ସଂଗଠନ ଆହୁରି ମଜଭୂତ ହେବ ବୋଲି ଶ୍ରୀମତୀ ମଲ୍ଲିକ, ଶ୍ରୀ ଦେବ, ଶ୍ରୀ ଜେନା ଓ ଶ୍ରୀ ମଲ୍ଲିକ କହିଥିଲେ । ଏହି ଅବସରରେ ବିଜେଡ଼ିରେ ସାମିଲ୍ ହୋଇଥିବା ବରୀ ବ୍ଲକ ଅଧକ୍ଷ ଅଶୋକ ଗେଡି ନିଜ ପ୍ରତିକ୍ରିୟାରେ କହିଥିଲେ ଯେ, ବରୀ ବ୍ଲକର ବିକାଶ ପାଇଁ ବିଜେପି ଯାଇଥିଲି । ଗତ ୧୧ ଦିନ ଭିତରେ ବିକାଶର କୌଣସି ବାସ୍ତବତା ଅନୁଭବ କରିପାରିଲି ନାହିଁ । ବିଜେପିରେ ଖାଲି ଭାଷଣବାଜି ଓ ମିଛ ପ୍ରତିଶ୍ରୁତି ଛଡ଼ା ଆଉ କିଛି ପାଇଲିନି । ତେଣୁ ମୁଁ ପୁଣିଥରେ ବିଜେଡିକୁ ଫେରିଆସିଲି । ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜେଡ଼ି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ଆଜି ବିଧିବଦ୍ଧ ଭାବେ ବିଜେଡିରେ ଯୋଗ ଦେଲି । ଦଳରେ ମୋତେ ଓ ମୋ ସହ ଯୋଗ ଦେଇଥିବା ସମସ୍ତ ସରପଞ୍ଚ ଓ ସମିତିସଭ୍ୟଙ୍କୁ ଗ୍ରହଣ କରିଥିବାରୁ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜେଡ଼ି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜ୍ଞାପନ କରୁଛି । ଏହି ମିଶ୍ରଣ ପର୍ବରେ ପୂର୍ବତନ ମନ୍ତ୍ରୀ ତଥା ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ କହିଛନ୍ତି ଯେ, ବିଜେପି କ୍ଷମତାର ଦୂରୁପଯୋଗ କରି ବିଜେଡିକୁ ଭାଙ୍ଗିବାକୁ ଚେଷ୍ଟା କରୁଛି । ବରୀ ବ୍ଲକ ଅଧକ୍ଷ ଅଶୋକ ଗେଡିଙ୍କୁ ବିଭିନ୍ନ ପ୍ରକାର ଚାପ ପ୍ରୟୋଗ କରି ପ୍ରଲୋଭନ ଦେଖାଇ ଓ ବିଭିନ୍ନ ପ୍ରକାର ଧମକ ଦେଇ ଦଳରେ ମିଶାଇ ବାହାବା ନେବାକୁ ଚେଷ୍ଟା କରିଥିଲା ବିଜେପି । ସେ କଥା ଆଜି ଫସର ଫାଟିଯାଇଛି । ବରୀ ବ୍ଲକ ବିକାଶ କଥା ଚିନ୍ତା ନ କରି ବିଜେପି କର୍ମୀ କିଭଳି ଫାଇଦା ପାଇବେ ସେନେଇ ଯୋଜନା କରିଥିଲା ବିଜେପି । ଅଶୋକ କୁମାର ଗେଡି ଏହା ଜାଣିପାରିବା ପରେ ପୁଣି ବିଜେଡି ଏବଂ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜେଡ଼ି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଉପରେ ଭରସା କରି ଦଳକୁ ଫେରିଆସିଛନ୍ତି ।

# ମାତ୍ର ୧୪୮ ଦିନରେ ୧୦୦ ନିୟୁତ ଟନ୍ ପଣ୍ୟ ବୋଝେଇ ଓ ପରିବହନ କଲା ପୂର୍ବତଟ ରେଳପଥ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁଷରା**
୨୦୨୪-୨୫ ଆର୍ଥିକ ବର୍ଷର ୨୬ ଅଗଷ୍ଟ ପର୍ଯ୍ୟନ୍ତ ମାତ୍ର ୧୪୮ ଦିନ ମଧ୍ୟରେ ପୂର୍ବତଟ ରେଳପଥ ପଣ୍ୟ ପରିବହନ କ୍ଷେତ୍ରରେ ୧୦୦.୫୭ ନିୟୁତ ଟନ୍ ପଣ୍ୟ ବୋଝେଇ କରି ଏକ ନୂତନ ମାନଦଣ୍ଡ ହାସଲ କରିବା ସହିତ ପଣ୍ୟ ପରିବହନରେ ଦ୍ରୁତତମ ବୋଝେଇ ହାସଲ କରିଛି । ୨୦୨୩-୨୪ ଆର୍ଥିକ ବର୍ଷର ସମାନ ସମୟ ଅବଧି ମଧ୍ୟରେ ଏହି ରେଳପଥ ୧୦୦ ନିୟୁତ ଟନ୍ ପଣ୍ୟ ପରିବହନ ପାଇଁ ୧୫୨ ଦିନ ସମୟ ନେଇଥିଲା । ଅଗଷ୍ଟ ୨୬, ୨୦୨୪ ସୁଦ୍ଧା, ପୂର୍ବତଟ ରେଳପଥ ପଣ୍ୟ ପରିବହନରେ ୩.୩୭% ବୃଦ୍ଧି ରେକର୍ଡ କରିଛି, ଯାହା ପୂର୍ବ ବର୍ଷର ସମାନ ସମୟ ତୁଳନାରେ ୩.୨୮୨ ନିୟୁତ ଟନ୍ ଅଧିକ ଅଟେ । ପୂର୍ବ ଆର୍ଥିକ ବର୍ଷର ସମାନ ସମୟ ଅବଧି ମଧ୍ୟରେ ପୂର୍ବତଟ ରେଳପଥ ୯୭.୨୮୮ ନିୟୁତ ଟନ୍ ପଣ୍ୟ ବୋଝେଇ କରିଥିଲା । ଏହି



ଅତୁଳନୀୟ ସଫଳତାକୁ ପୂର୍ବତଟ ରେଳପଥର ତିନୋଟି ରେଳ ମଣ୍ଡଳ ଯଥା ଖୋର୍ଦ୍ଧା ରୋଡ଼, ୱାଲଟିୟର ଓ ସମ୍ବଲପୁର ରେଳ ମଣ୍ଡଳର ଉଲ୍ଲେଖନୀୟ ପ୍ରଦର୍ଶନ ସହିତ ବିଭିନ୍ନ ପ୍ରକାର ପଣ୍ୟ ବୋଝେଇ ସଫଳତାରେ ଉଲ୍ଲେଖନୀୟ ଅବଦାନ ରଖିଛି । ପୂର୍ବତଟ ରେଳପଥ ମଧ୍ୟରେ ବିଭିନ୍ନ ପ୍ରକାର ପଣ୍ୟ ବୋଝେଇ ହେଲା : କୋଇଲା: ୬୦.୯୩ ନିୟୁତ ଟନ୍ (ଆମଦାନୀ ହୋଇଥିବା କୋଇଲା ୨୨.୪୪୯ ନିୟୁତ ଟନ୍ ସହିତ) ଇସ୍ପାତ କାରଖାନା ପାଇଁ କଞ୍ଚାମାଲ: ୩.୮୧୨ ନିୟୁତ ଟନ୍ । ଲୁହା ଏବଂ ଇସ୍ପାତ: ୮.୧୬୮ ନିୟୁତ ଟନ୍ , ଲୁହାପଥର: ୧୨.୧୫୩ ନିୟୁତ ଟନ୍, ସିମେଣ୍ଟ: ୩୨.୮୭୩ ନିୟୁତ ଟନ୍, ଖାଦ୍ୟ ଶସ୍ୟ: ୧.୦୭୬ ନିୟୁତ ଟନ୍, ସାର: ୨.୨୮୪ ନିୟୁତ ଟନ୍, ଖଣିଜ ତୈଳ (ପେଟ୍ରୋଲିୟମ, ତୈଳ) ଏବଂ ଲୁବ୍ରିକାଣ୍ଟ: ୧.୨୪ ନିୟୁତ ଟନ୍, କଂଟେନେରରେ ପଣ୍ୟ ପରିବହନ: ୨.୧୫୧ ନିୟୁତ ଟନ୍, ଅନ୍ୟ ପଣ୍ୟ ପରିବହନ: ୮.୪୧୯ ନିୟୁତ ଟନ୍। ଏହି ପଣ୍ୟ ବୋଝେଇ ଓ ପରିବହନ ମାଇଲଖୁଂଟରେ ପ୍ରମୁଖ ଯୋଗଦାନକାରୀମାନେ ପ୍ରମୁଖ ଶିଳ୍ପ ହବ୍ ଏବଂ ବନ୍ଦରଗୁଡିକ ଯେପରିକି ତାଳଚେର, ପାରାଦୀପ, ଧାମରା, ବିଶାଖାପାଟନମ୍, ଗଙ୍ଗାଭରମ, କେନ୍ଦୁଝର, କର୍ତ୍ତଭାଲାସ-କିରନ୍ଦୁଲ ଲାଇନ, ଇସ୍ପାତ କାରଖାନା ଏବଂ ପୂର୍ବତଟ ରେଳପଥ ଅଧୀନରେ ଥିବା ଆଲୁମିନିୟମ୍ ପ୍ଲାଂଟ ଅନ୍ତର୍ଭୁକ୍ତ ।

ଏହି ସମୟ ଅବଧି ମଧ୍ୟରେ ଖୋର୍ଦ୍ଧା ରୋଡ଼ ରେଳ ମଣ୍ଡଳ ୬୪.୩୨ ନିୟୁତ ଟନ୍ ପଣ୍ୟ ପରିବହନ କରିଥିବାବେଳେ ୱାଲଟିୟର ରେଳ ମଣ୍ଡଳ ୨୭.୬୭୫ ନିୟୁତ ଟନ୍ ଏବଂ ସମ୍ବଲପୁର ରେଳ ମଣ୍ଡଳ ୮.୫୭୫ ନିୟୁତ ଟନ୍ ପଣ୍ୟ ପରିବହନ କରି ଉପରୋକ୍ତ ସଫଳତା ଆଣି ପାରିଛନ୍ତି। ଏହି ସଫଳତା ସମଗ୍ର ଦେଶରେ ଅତ୍ୟାବଶ୍ୟକ ସାମଗ୍ରୀର ଦକ୍ଷ ଏବଂ ଠିକ ସମୟରେ ପରିବହନକୁ ସୁନିଶ୍ଚିତ କରି ଦେଶର ଅର୍ଥନୈତିକ ଅଭିବୃଦ୍ଧିକୁ ପ୍ରୋତ୍ସାହନ କରିବାକୁ ପୂର୍ବ ତଟ ରେଳପଥର ପ୍ରତିବଦ୍ଧତାକୁ ସୂଚିତ କରୁଛି । ଯେହେତୁ ପୂର୍ବତଟ ରେଳପଥ ଏହାର କାର୍ଯ୍ୟକୁ ଅନୁକୂଳ ପରିସ୍ଥିତିରେ ଜାରି ରଖିଛି, ଏହା ଭାରତୀୟ ରେଳବାଇ ମଧ୍ୟରେ ପଣ୍ୟ ବୋଝେଇ ଏବଂ ପରିବହନ ପାଇଁ ଏକ ନୂତନ ମାନକ ସ୍ଥିର କରୁଛି।

# ତୃତୀୟ ପୃଷ୍ଠାର ଅବଶିଷ୍ଟାଂଶ

## ପରିବାରର...

ସେହି ଅନୁସାରେ ପ୍ରତ୍ୟେକ ମହିଳା ଯେପରି ଯୋଜନାରେ ଉପକୃତ ହୋଇପାରିବେ ସେଥି ପ୍ରତି ଦୃଷ୍ଟି ଦେଇଛନ୍ତି। ସେ କହିଥିଲେ ଯେ, ସୁଭଦ୍ରା ଗାଇଡ୍ ଲାଇନ୍ ଅନୁସାରେ ରାଜ୍ୟରେ ୨୧ରୁ ୬୦ ବୟସ୍କ ମହିଳାଙ୍କ ସଂଖ୍ୟା ୨ କୋଟି ୨୫ ଲକ୍ଷ। ସ୍ୱଚ୍ଛଳ ବର୍ଗଙ୍କୁ ବାଦ୍‌ଦେଲେ ୨୧ରୁ ୬୦ ବର୍ଷର ମହିଳାଙ୍କ ସଂଖ୍ୟା ପାଖାପାଖି ୧ କୋଟି ୮ ଲକ୍ଷ। ଯଦି ଆଉ କିଛି ମହିଳା ଏହି ଯୋଜନାରେ ବାଦ୍ ପଡିଯାଉଥିବା ନେଇ ବିରୋଧୀ ଦଳ ଅନୁଭବ କରନ୍ତି ସେ ସମ୍ପର୍କରେ ଲିଖିତ ଭାବେ ଜଣାଇଲେ ସେମାନଙ୍କୁ ଯୋଜନାରେ ଅନ୍ତର୍ଭୁକ୍ତ କରିବା ପାଇଁ ଧ୍ୟାନ ଦିଆଯିବ ବୋଲି ଉପମୁଖ୍ୟମନ୍ତ୍ରୀ କହିଥିଲେ। ସେ କହିଥିଲେ ସୁଭଦ୍ରା ଯୋଜନାର ପାଇଁ ୭୪ ହଜାର ଅଙ୍ଗନବାଡି କେନ୍ଦ୍ରରେ ଆବେଦନ ପାଇଁ ଫର୍ମ ମିଳିବ। ସେହିପରି ମିଶନ ଶକ୍ତି ବିଭାଗରେ ସ୍ୱୟଂ ସହାୟକ ଗୋଷ୍ଠୀକୁ ବିଭିନ୍ନ ଯୋଜନାରେ ୧୧ ପ୍ରତିଶତ ସ୍କିମ୍‌ରେ କେନ୍ଦ୍ର ସରକାରଙ୍କ ୭ ପ୍ରତିଶତ ଭାଗିଦାରୀ ରହିଥିଲେ ମଧ୍ୟ ପୂର୍ବ ସରକାର ସମୟରେ ଏ ବିଷୟରେ କିଛି କୁହାଯାଇନଥିଲା। ମିଶନ ଶକ୍ତିର ମହିଳାଙ୍କୁ ବିଦେଶ ବୁଲାଇବା ପରେ କୌଣସି ସହାୟତା ନଦେଇ ଅଧାରେ ଛାଡି ଦିଆଗଲା। ସେହିପରି ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାଙ୍କୁ ନିର୍ଦ୍ଦିଷ୍ଟ ରଙ୍ଗର ଶାଢୀ ପିନ୍ଧାଇ ନିର୍ଦ୍ଦିଷ୍ଟ ରାଜନୈତିକ ଦଳ ପାଇଁ ପ୍ରଚାରରେ ନିୟୋଜିତ କରାଯାଇଥିଲା ଏବଂ ଏ ବାବଦରେ ବ୍ୟାପକ ଅର୍ଥ ଖର୍ଚ୍ଚ କରାଯାଇଥିଲା। ପର୍ଯ୍ୟଟନ ବିଭାଗର ଅର୍ଥକୁ ସିଏମ୍‌ଓର ଜଣେ ଅଧିକାରୀ ରାଜ୍ୟ ସାରା ବୁଲି ବିଭିନ୍ନ ମନ୍ଦିର ଓ ଐତିହ୍ୟ ସ୍ଥଳର ରୂପାନ୍ତରଣ ନାମରେ ଟଙ୍କା ବଣ୍ଟନ କରିବା ଘଟଣାର ଆବଶ୍ୟକ ପଡିଲେ ତଦନ୍ତ କରାଯିବ ଏବଂ ଏଥିପାଇଁ ଏକ ଟାସ୍କଫୋର୍ସ ଗଠନ କରାଯିବ ବୋଲି ଉପମୁଖ୍ୟମନ୍ତ୍ରୀ ଶ୍ରୀମତି ପରିଡା କହିଥିଲେ। ପର୍ଯ୍ୟଟନ ବିଭାଗ ସମ୍ପର୍କିତ ଆଲୋଚନାର ଉତ୍ତରରେ ସେ କହିଥିଲେ ଯେ, ରାଜ୍ୟରେ ୪୮୦ କିଲୋମିଟର ବେଳାଭୂମି ରହିଥିବା ବେଳେ ଏହାର ବିକାଶ ଲାଗି ଏକ ବିସ୍ତୃତ ଚିଠା ପ୍ରସ୍ତୁତ କରାଯାଉଛି। ଓଡ଼ିଶାରେ ପର୍ଯ୍ୟଟନ ଭିତ୍ତିଭୂମିର ବିକାଶ ପାଇଁ ବିପୁଳ ସମ୍ଭାବନା ରହିଥିବା ବେଳେ ଏହାକୁ ଠିକଣା ବାଟରେ କାର୍ଯ୍ୟକାରୀ କରିବା କ୍ଷେତ୍ରରେ କେନ୍ଦ୍ର ସରକାର ଆର୍ଥିକ ସହାୟତା ଯୋଗାଇ ଦେବା ବିଷୟରେ ଘୋଷଣା କରିଛନ୍ତି। ଏଥିପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଏହି ଦିଗ ପ୍ରତି ଗୁରୁତ୍ୱ ଦିଆଯାଉଛି।

## ଦିଲ୍ଲୀ ଅବକାରୀ...

ଦେଇଥିବା ପ୍ରମାଣ କବିତାଙ୍କ ସଂପୃକ୍ତିକୁ ଦର୍ଶାଉଛି ବୋଲି ସେ ଯୁକ୍ତି ରଖିଥିଲେ। ତେବେ କବିତାଙ୍କ ପାଇଁ ମାମଲା ଲଢୁଥିବା ବରିଷ୍ଠ ଆଇନଜୀବୀ ମୁକୁଲ ରୋହତଗୀ କହିଥିଲେ ଯେ ଅନେକ ଥର, ସମାନ ବ୍ୟକ୍ତିଙ୍କ ସମାନ ବିବୃତିକୁ ମାମଲା ସହ ଜଡ଼ିତ ପ୍ରମାଣ ଭାବେ ଦର୍ଶାଯାଉଛି । ବିଶେଷ କରି ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କ ଗିରଫଦାରୀ ବେଳେ ମଧ୍ୟ ସମାନ କଥା କୁହାଯାଇଥିଲା। କେତେବେଳେ କୁହାଯାଉଛି ଯେ କେଜ୍ରିୱାଲ କିଙ୍ଗପିନ କେତେବେଳେ କୁହାଯାଉଛି ମନୀଷ ସିସୋଦିଆ କିଙ୍ଗ ପିନ। ଏହାପରେ କୁହା ଗଲା କବିତା କିଙ୍ଗ ପିନ । ରାଜସାକ୍ଷୀ ବନିଥିବା ଲୋକଙ୍କ ବୟାନ ଛଡ଼ା ତଦନ୍ତକାରୀ ସଂସ୍ଥା ପାଖରେ କୌଣସି ପ୍ରମାଣ ନାହିଁ। ଏହି ସମୟରେ କୋର୍ଟ ହସ୍ତକ୍ଷେପ କରିଥିଲେ। ରାଜସାକ୍ଷୀଙ୍କ ବୟାନର ସତ ସେତେବେଳେ ପ୍ରମାଣିତ ହେବ ଯେତେବେଳେ ଏନେଇ ସିଧାସଳଖ ପ୍ରମାଣ ମିଳିବ। ଆପଣଙ୍କ ପାଖରେ କଣ ସବୁ ପ୍ରମାଣ ରହିଛି ? ଅପରାଧରେ କବିତା ସାମିଲ ଥିବା ଆପଣ କେମିତି ଜାଣିଲେ ? ପ୍ରମାଣ କେଉଁଠି ଅଛି ବୋଲି ଜଷ୍ଟିସ ଗବାଇ ଅତିରିକ୍ତ ସଲିସିଟର ଜେନେରାଲ ରାଜୁଙ୍କୁ ପ୍ରଶ୍ନ କରିଛନ୍ତି। କବିତା ମାମଲା ସହ ଜଡ଼ିତ ପ୍ରମାଣ ଫୋନରେ ରଖିଥିଲେ ଓ ଏହାକୁ ଫର୍ମାଟିଂ କରି ଡିଲିଟ କରି ଦେଇଥିବା ସରକାରୀ ଓକିଲ ସୁପ୍ରିମକୋର୍ଟଙ୍କୁ ଅବଗତ କରାଇଥିଲେ। ହେଲେ ଏହା ଅଗ୍ରାହ୍ୟ ହୋଇଛି। ଜଷ୍ଟିସ ବିଶ୍ୱନାଥନ କହିଛନ୍ତି, ଫୋନ ହେଉଛି ବ୍ୟକ୍ତିଗତ କଥା। ଲୋକମାନେ ସବୁ ବେଳେ ମେସେଜ ଡିଲିଟ କରନ୍ତି । ମୋର ମଧ୍ୟ ଗ୍ରୁପ ମେସେଜ ଡିଲିଟ କରିବାର ଅଭ୍ୟାସ ରହିଛି। ସ୍କୁଲ ଓ କଲେଜ ଗ୍ରୁପରେ ଅନେକ ମେସେଜ ପୋଷ୍ଟ କରନ୍ତି । ଏହା ଏକ ସ୍ୱାଭାବିକ ପ୍ରକ୍ରିୟା । କୋର୍ଟ ରୁମରେ ଥିବା ଯେକୌଣସି ଲୋକ ସମାନ କଥା କରୁଥିବେ। ଫୋନ ଫର୍ମାଟିଂକୁ କେବେ ହେଲେ କୋର୍ଟରେ ଯୁକ୍ତି ଭାବେ ଗ୍ରହଣ କରାଯାଇ ପାରିବ ନାହିଁ । ଏହା କୌଣସି ଅପରାଧିକ ଦିଗକୁ ଇଙ୍ଗିତ କରୁନାହିଁ। ଅପରାଧକୁ ପ୍ରମାଣ କରିବା ପାଇଁ ଆପଣଙ୍କ ପାଖରେ କିଛି ସ୍ୱାଧୀନ ଓ ନିରପେକ୍ଷ ତଥ୍ୟ ରହିଛି କି? କୋର୍ଟ ସିବିଆଇ ଓ ଇଡିକୁ ସମାଲୋଚନା ଏବଂ ପ୍ରଶ୍ନବାଣରେ ଘାଇଲା କରିବା ପରେ କୋର୍ଟ କେ କବିତାଙ୍କୁ ଜାମିନ ଦେଇଛନ୍ତି।

## ଆଜିଠୁ ବଢିବ...

୪ ଜିଲ୍ଲା କୋରାପୁଟ, ରାୟଗଡା, ମାଲକାନଗିରି ଏବଂ ନବରଙ୍ଗପୁରକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି । ଏହି ସବୁ ଜିଲ୍ଲାରେ ୭୦ ରୁ ୨୦୦ ମିଲିମିଟର ପର୍ଯ୍ୟନ୍ତ ପ୍ରବଳ ବର୍ଷା ହୋଇପାରେ। ୯ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, କନ୍ଧମାଳ, କଳାହାଣ୍ଡି, ବଲାଙ୍ଗୀର ଏବଂ ନୂଆପଡାକୁ ସତର୍କତା ଜାରି କରାଯାଇଛି । ଏହି ସବୁ ଜିଲ୍ଲାରେ ୭୦ ରୁ ୧୧୦ ମିଲିମିଟର ପର୍ଯ୍ୟନ୍ତ ବର୍ଷା ହେବାର ସମ୍ଭାବନା ରହିଛି । ଋଷିକୂଲ୍ୟା, ବଂଶଧାରା, ନାଗାବଳୀ ସହ ଲୋୟର ମହାନଦୀ ଅବବାହିକାରେ ଅଧିକ ବର୍ଷା ହେବା ଫଳରେ ନଦୀ ଫୁଲିବା ସହ ବନ୍ୟା ଆଶଙ୍କା ରହିଛି ।

## ସର୍ବଦଳୀୟ ବୈଠକ...

ତାରାପ୍ରସାଦ ବାହିନୀପତି ଓ ପରେ ବିଜେଡି ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀଙ୍କ ନେତୃତ୍ୱରେ ସେମାନଙ୍କ ଦଳର ବିଧାୟକମାନେ ବାଚସ୍ପତିଙ୍କ ପୋଡିୟମ ସମ୍ମୁଖରେ ଏକାଠି ହୋଇ ଜାତି ଭିତ୍ତିକ ଜନଗଣନା ଅନୁସାରେ ସଂରକ୍ଷଣ ଦାବିରେ ନାରାବାଜି ଜୋରଦାର କରିଥିଲେ। ଏପରିକି ସେମାନେ ବାଚସ୍ପତିଙ୍କ ପୋଡିୟମ ଉପରକୁ ମଧ୍ୟ ଚଢିବାକୁ ଉଦ୍ୟମ କରିଥିଲେ। ଅଚଳାବସ୍ଥାକୁ ଏଡାଇବା ପାଇଁ ବାଚସ୍ପତି ୧୧ଟା ୩୦ ପର୍ଯ୍ୟନ୍ତ ଗୃହକୁ ମୁଲତବୀ କରିଥିଲେ। ଏହା ପରେ ୧୦ ମିନିଟ୍, ୧୫ ମିନିଟ୍ ଯାଏଁ ଗୃହକୁ ମୁଲତବୀ ଘୋଷଣା କରାଯାଇଥିଲା। ଏହା ପରେ ବାଚସ୍ପତି ଗୃହକୁ ଆସି ପୁଣି ଥରେ ବିରୋଧୀ ଦଳ ବିଧାୟକମାନଙ୍କୁ ଗୃହ ପରିଚାଳନାରେ ସହଯୋଗ ପାଇଁ ନିବେଦନ କରିବା ସହ ତାଙ୍କ ଚ୍ୟାମ୍ବରରେ ବୈଠକ ପାଇଁ ଗୃହକୁ ୩୦ ମିନିଟ୍ ପାଇଁ ମୁଲତବୀ ଘୋଷଣା କରିଥିଲେ। ଏହାର ଅବ୍ୟବହିତ ପୂର୍ବରୁ ବାଚସ୍ପତି ଶ୍ରୀମତୀ ପାଢୀ ଗୃହର ସୁପରିଚାଳନା ନିମନ୍ତେ ବିରୋଧୀ ଦଳ ନେତା, ସଂସଦୀୟ ବ୍ୟାପାରମନ୍ତ୍ରୀ, ଆଇନ୍‌ମନ୍ତ୍ରୀ, ସରକାରୀ ଦଳ ମୁଖ୍ୟ ସଚେତକ। ବିଜେଡ଼ି ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ, ସିପିଏମ୍ ବିଧାୟକ ଲକ୍ଷ୍ମଣ ମୁଣ୍ଡା, ବିଜେପି ବିଧାୟକ ଜୟନାରାୟଣ ମିଶ୍ରଙ୍କୁ ବୈଠକରେ ଯୋଗଦେବା ପାଇଁ ତାଙ୍କ ଚ୍ୟାମ୍ବରକୁ ଡାକିଥିଲେ। ସର୍ବଦଳୀୟ ବୈଠକ ପରେ ଦ୍ୱିତୀୟାର୍ଦ୍ଧରେ ଗୃହ କାର୍ଯ୍ୟ ସ୍ୱାଭାବିକ ହୋଇଥିଲା।

## ୟୁକ୍ରେନରେ...

ଏହି ଅବସରରେ ଉଭୟ ନେତା ବାଂଲାଦେଶରେ ସୃଷ୍ଟି ହୋଇଥିବା ଅସ୍ଥିରତା ପ୍ରସଙ୍ଗରେ ମଧ୍ୟ ଆଲୋଚନା କରିଛନ୍ତି। ବାଂଲାଦେଶରେ ଆଇନ ଶୃଙ୍ଖଳା ପ୍ରତିଷ୍ଠା ସହ ସଂଖ୍ୟାଲଘୁଙ୍କ ସୁରକ୍ଷା ବିଶେଷ କରି ସେଠାରେ ରହୁଥିବା ହିନ୍ଦୁଙ୍କ ସୁରକ୍ଷା ନେଇ ଉଭୟ ମୋଦି ଏବଂ ବାଇଡେନ ଗୁରୁତ୍ୱାରୋପ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅଗଷ୍ଟ ୨୧ରେ ପୋଲାଣ୍ଡ ଯାଇଥିଲେ। ଏହାପରେ ଅଗଷ୍ଟ ୨୩ରେ ୟୁକ୍ରେନ ଯାଇଥିଲେ। ମୋଦି ପୋଲାଣ୍ଡରୁ ୧୦ ଘଣ୍ଟାର ଟ୍ରେନ ଯାତ୍ରା କରି ସେ କିଭ ଯାଇଥିଲେ । ରୁଷ-ୟୁକ୍ରେନ ଯୁଦ୍ଧ ଭିତରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କର ଏହା ପ୍ରଥମ ୟୁକ୍ରେନ ଗସ୍ତ ଥିଲା । ଏଠାରେ ୟୁକ୍ରେନ ରାଷ୍ଟ୍ରପତି ଭୋଲଡିମିର ଜେଲେନସ୍କିଙ୍କୁ ଭେଟିଥିଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । କିଭ୍‌ରେ ଏହି ଦୁଇ ନେତାଙ୍କ ଭେଟ୍‌ଘାଟ ହୋଇଥିଲା। ମୋଦିଙ୍କୁ ସ୍ୱାଗତ କରିଥିଲେ ଜେଲେନସ୍କି।

## ୩ ଶହ ୟୁନିଟ୍ ...

ଘରଗୁଡ଼ିକୁ ୩୦୦ ୟୁନିଟ ପର୍ଯ୍ୟନ୍ତ ବିଲ୍ ଦେବାକୁ ପଡିବ ନାହିଁ । ଏ ବାବଦରେ କେନ୍ଦ୍ର ସରକାର ୩ କିଲୋୱାଟ ପର୍ଯ୍ୟନ୍ତ ସୋଲାର ପ୍ରକଳ୍ପ ସ୍ଥାପନ ପାଇଁ ୭୮ ହଜାର ଟଙ୍କା ରିହାତି ପ୍ରଦାନ କରୁଛନ୍ତି । ଏହି ପ୍ରକଳ୍ପ ଦ୍ୱାରା ମାସିକ ୩୦୦ ୟୁନିଟ୍‌ରୁ ଅଧିକ ବିଜୁଳି ଉତ୍ପାଦିତ ହୋଇପାରିବ। ଏହାଦ୍ୱାରା ଉପଭୋକ୍ତା ଲାଭବାନ ହେବେ ବୋଲି ସେ କହିଛନ୍ତି । ବରଗଡ ଜିଲାରେ ମାଗଣା ବିଜୁଳି ଶକ୍ତି ଯୋଗାଣ ଆଧାରରେ ଉପଭୋକ୍ତା ବିଜୁଳି ମିଟର ବାହାର କରିଦେଉଥିବା ସମ୍ପର୍କରେ ଏଭଳି ମିଥ୍ୟାପ୍ରଚାରକୁ ବିଶ୍ୱାସ ନ କରିବାକୁ ସେ ପରାମର୍ଶ ଦେଇଛନ୍ତି । ସେ କହିଛନ୍ତି, ଅଣତାଲିମପ୍ରାପ୍ତ ଲୋକଙ୍କ ଦ୍ୱାରା କରାଯାଉଥିବା ଏଭଳି କାର୍ଯ୍ୟ ବିପଦ ସୃଷ୍ଟି କରିପାରେ । ଏହାଦ୍ୱାରା ସୃଷ୍ଟ ପରିସ୍ଥିତି ପାଇଁ ବିତରକ କମ୍ପାନୀ ଦାୟୀ ରହିବ ନାହିଁ ବୋଲି ମନ୍ତ୍ରୀ ସତର୍କ କରାଇଦେଇଛନ୍ତି । ମିଟର ବଦଳାଇବା ପାଇଁ ସ୍ୱୀକୃତିପ୍ରାପ୍ତ ବୈଷୟିକ କର୍ମଚାରୀଙ୍କର ସହାୟତା ନେବାକୁ ସେ କହିଛନ୍ତି । ତେବେ ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ମାଗଣା ବିଜୁଳି ଯୋଜନାର ସୁଯୋଗ ନେବାକୁ ସେ ଜନସାଧାରଣଙ୍କୁ ପରାମର୍ଶ ଦେଇଛନ୍ତି ।

## ଆସନ୍ତା ୮ରେ...

ସ୍ଥାନୀୟ ବ୍ରହ୍ମପୁରା ମନ୍ଦିରରେ ଅନୁଷ୍ଠିତ ବ୍ରହ୍ମ ପଣ୍ଡିତ ମହାସଭାର ପଣ୍ଡିତ ଓ ବିଦ୍ୱାନଙ୍କ ଏକ ବୈଠକରେ ବିଷ୍ଣୁସହସ୍ର ନାମ ପାଠ ପରେ ଆସନ୍ତା ସେପ୍ଟେମ୍ବର ୮ ଭାଦ୍ରବ ଶୁକ୍ଳପକ୍ଷ ପଞ୍ଚମୀ ତିଥି ରବିବାର ପୂର୍ବାହ୍ନ ୯ଟା ୧୨ ମିନିଟ ରୁ ୯ ଟା ୨୭ ମଧ୍ୟରେ ତୁଳା ଲଗ୍ନରେ ସମ୍ବଲପୁରର ଆରାଧ୍ୟା ଦେବୀ ମାଁ ସମଲେଶ୍ୱରୀଙ୍କ ନିକଟରେ ନବାନ୍ନ ଲାଗି ପାଇଁ ଦିନ ଓ ସମୟ ଧାର୍ଯ୍ୟ ହୋଇଛି। ବ୍ରହ୍ମପୁରା ମନ୍ଦିର ଟ୍ରଷ୍ଟବୋର୍ଡ ତରଫରୁ ନୂଆଖାଇ ଲଗ୍ନ ସମ୍ପର୍କରେ ସୂଚନା ଦିଆଯାଇଛି। ପରମ୍ପରାନୁଯାୟୀ ଜନ୍ମାଷ୍ଟମୀ ପରଦିନ ନନ୍ଦଉତ୍ସବ ଅବସରରେ ନୂଆଖାଇ ଲାଗି ଲଗ୍ନ ବାହାରିବା ପରେ ଲଗ୍ନ ପତ୍ରକୁ ବ୍ରହ୍ମପୁରା ମନ୍ଦିର ପୂଜକ ଓ ଟ୍ରଷ୍ଟ ସଭ୍ୟମାନେ ମାଁ ସମଲେଶ୍ୱରୀଙ୍କ ଠାରେ ଅର୍ପଣ କରିଛନ୍ତି। ନୂଆଖାଇ ଏକ ଗଣପର୍ବ । ଧାନ ଅମଳର ଖୁସିରେ ଚାଷୀମାନେ ଏହାକୁ ପାଳନ କରିଥାନ୍ତି । ବର୍ଷା ଶେଷ ହେବାପରେ ଶରତ ଋତୁ ଧରା ପୃଷ୍ଠରେ ଅବତରଣ କରେ । ଏହି ସମୟରେ ଚାଷୀ ଜମିରେ ବେଉଷଣ କାର୍ଯ୍ୟ ଆରମ୍ଭ କରିଥାଏ। ପରେ ସହଳ ଅମଳକ୍ଷମ ଧାନ ଗର୍ଭଧାରଣ କରି କେଣ୍ଡା ପକେଇବାର କାର୍ଯ୍ୟ କରିଥାଏ । ଚାଷୀ ପ୍ରଥମକରି ଅମଳକ୍ଷମ ଧାନକୁ ଇଷ୍ଟଦେବୀଙ୍କଠାରେ ସମର୍ପଣ କରିବା ହିଁ ନବାନ୍ନ ଭକ୍ଷଣ । ଏହାକୁ ପଶ୍ଚିମ ଓଡ଼ିଶାର ଆଞ୍ଚଳିକ ଭାଷାରେ ନୂଆଁଖାଇ କୁହାଯାଏ । ନୂଆଁଖାଇ ପାଳନ ନିମନ୍ତେ ଆଗରୁ ଲଗ୍ନ ବା ତିଥି ନିର୍ଣ୍ଣୟ କରି ପୂଜା ଆଦି ସହ ଆରିସା ପିଠା ଭୋଗ କରାଯାଇଥାଏ।

## ପୁଅ ଆଉ ଜନ୍ମ ...

ହ୍ରାସ ପାଉଛି ଏବଂ ଭବିଷ୍ୟତରେ ଏହା ସମ୍ପୂର୍ଣ୍ଣ ରୂପେ ଲୋପ ହୋଇପାରେ । ତଥାପି ଏହାକୁ ଶେଷ ହେବାକୁ ଲକ୍ଷ ଲକ୍ଷ ବର୍ଷ ଲାଗିବ । ଯଦି ମଣିଷ ୱାଇ କ୍ରୋମୋଜୋମର ବିକଳ୍ପ ଭାବରେ ଏକ ନୂତନ ଜିନ ବିକଶିତ କରିବାକୁ ସକ୍ଷମ ନ ହୁଏ ଏବଂ ୱାଇ କ୍ରୋମୋଜୋମର ଏଭଳି ଅବନତି ଜାରି ରୁହେ, ତେବେ ପୃଥିବୀରେ ମାନବ ଜୀବନ ଲୋପ ହୋଇପାରେ। ୨୦୨୨ ମସିହାରେ ପ୍ରୋସିଡିଙ୍ଗସ ଅଫ ନ୍ୟାସନାଲ ଏକାଡେମୀ ଅଫ ସାଇନ୍ସରେ ପ୍ରକାଶିତ ଏକ ଅନୁସନ୍ଧାନ ପେପର ଦ୍ୱାରା ଏକ ନୂତନ ଜିନ ବିକଶିତ ହେବାର ଆଶା ବଢିଛି। ଏହା ବର୍ଣ୍ଣନା କରେ ଯେ ସ୍ପାଇନ ମୂଷା କିପରି ଏକ ନୂତନ ପୁରୁଷ ନିର୍ଣ୍ଣୟକାରୀ ଜିନ ବିକଶିତ କରିଛି । ଏହା ଏକ ବିକଳ୍ପ ସମ୍ଭାବନା । ଯାହା ସୂଚାଇବା ସହ କହୁଛି ମଣିଷ ଏକ ନୂତନ ଲିଙ୍ଗ ନିର୍ଣ୍ଣୟକାରୀ ଜିନ ବିକଶିତ କରିପାରିବ । ତଥାପି, ଏହା ଅତ୍ୟନ୍ତ ସହଜ ନୁହେଁ । ଏହାର ବିକାଶରେ ମଧ୍ୟ ଅନେକ ବିପଦ ରହିଛି । ଏହାର ଅର୍ଥ ବର୍ତ୍ତମାନ ଏହାକୁ ଏକ ବିକଳ୍ପ ଭାବରେ ବିଚାର କରିବା କଷ୍ଟକର ହେବ । ମହିଳା ଏବଂ ପୁରୁଷଙ୍କର ଗୋଟିଏ ଏକ୍ସ ଏବଂ ଗୋଟିଏ ୱାଇ କ୍ରୋମୋଜୋମ ଥାଏ । ଏକ୍ସ ରେ ପ୍ରାୟ ୯୦୦ ଜିନ ଥିବାବେଳେ ୱାଇରେ ପ୍ରାୟ ୫୫ଟି ଜିନ ଏବଂ ଅନେକ ଅଣ-କୋଡିଂ ଡିଏନଏ ଅଛି। ୱାଇ କ୍ରୋମୋଜୋମ ଏକ ପିଚ ପ୍ୟାକ କରେ କାରଣ ଏଥିରେ ଏକ ଗୁରୁତ୍ୱପୂର୍ଣ୍ଣ ଜିନ ଥାଏ। ଯାହା ଭ୍ରୁଣରେ ପୁରୁଷ ବିକାଶ ଆରମ୍ଭ କରିଥାଏ । ଏହି ମାଷ୍ଟର ଜିନ ଗର୍ଭଧାରଣର ୧୨ ସପ୍ତାହ ପରେ ଅନ୍ୟ ଜିନ୍‌ରେ ପରିଣତ ହୋଇଥାଏ। ଏହା ଭ୍ରୁଣରେ ପୁରୁଷ ହରମୋନ ଉତ୍ପାଦନ କରେ ଯାହା ନିଶ୍ଚିତ କରେ ଯେ ଶିଶୁଟି ପୁଅ ଭାବରେ ବିକଶିତ ହେବ। ଅନୁସନ୍ଧାନରୁ ଜଣାପଡିଛି ଯେ ଦୁଇଟି କ୍ରୋମୋଜୋମ ମଧ୍ୟରେ ପାର୍ଥକ୍ୟ ବଢୁଛି । ବିଗତ ୧୬୬ ନିୟୁତ ବର୍ଷ ମଧ୍ୟରେ ୱାଇ କ୍ରୋମୋଜୋମ ୯୦୦-୫୫ ସକ୍ରିୟ ଜିନ ହରାଇଛି। ଏହା ସୂଚିତ କରୁଛି ପ୍ରତି ମିଲିୟନ ବର୍ଷରେ ପାଞ୍ଚଟି ଜିନ ନଷ୍ଟ ହେଉଛି। ଏହି ହାରରେ ୫୫ ଟି ଜିନ ୧୧ ନିୟୁତ ବର୍ଷରେ ନଷ୍ଟ ହୋଇଯିବ। ୱାଇ କ୍ରୋମୋଜୋମର ହ୍ରାସ ବୈଜ୍ଞାନିକମାନଙ୍କୁ ଚିନ୍ତାରେ ପକାଇଛି । ମାନବ ଲିଙ୍ଗ ନିର୍ଣ୍ଣୟ କରୁଥିବା କ୍ରୋମୋଜୋମ ଉପରେ ଗବେଷଣା ପୁରୁଷମାନଙ୍କ ପାଇଁ ଆବଶ୍ୟକ। ୱାଇ କ୍ରୋମୋଜୋମ ଶୀଘ୍ର ହ୍ରାସ ପାଉଛି । ଯଦି ଏହି କ୍ରୋମୋଜୋମ ଏଭଳି ହ୍ରାସ ପାଇବାକୁ ଲାଗେ, ତେବେ ଦୁନିଆରେ କୌଣସି ପୁରୁଷ ରହିବେ ନାହିଁ। ୱାଇ କ୍ରୋମୋଜୋମର ହ୍ରାସ ବିଷୟରେ ଚିନ୍ତା ମଧ୍ୟରେ ବୈଜ୍ଞାନିକମାନଙ୍କୁ ଦୁଇଟି ମୂଷା ବଂଶ ଦ୍ୱାରା ମିଳିଥିବା ଗବେଷଣାରୁ କିଛି ଆଶ୍ୱସ୍ତି ମିଳିଛି। ଯାହା ୱାଇ କ୍ରୋମୋଜୋମ ହରାଇବା ପରେ ମଧ୍ୟ ଜୀବନ୍ତ ରହିଛି। ପୂର୍ବ ୟୁରୋପ ଏବଂ ଜାପାନରେ ଏପରି ମୂଷା ପ୍ରଜାତି ଅଛନ୍ତି ଯେଉଁମାନଙ୍କର କ୍ରୋମୋଜୋମ ଏବଂ ଏସଆରୱାଇ ସମ୍ପୂର୍ଣ୍ଣ ଲୋପ ହୋଇଯାଇଛି। ଏହିପରି ପ୍ରଜାତିରେ ଏକ୍ସ କ୍ରୋମୋଜୋମ ଉଭୟ ଲିଙ୍ଗ ପାଇଁ କାର୍ଯ୍ୟକ୍ଷମ ହୋଇ ପାରିଛି । ତଥାପି, ଏହା ବିନା ଜିନ ଲିଙ୍ଗ କିପରି ନିର୍ଣ୍ଣୟ କରୁଛି ତାହା ସ୍ପଷ୍ଟ ହୋଇନାହିଁ। ଗବେଷକ ଦଳ କହିଛନ୍ତି ଯେ ମାନବ ୱାଇ କ୍ରୋମୋଜୋମର ଅଦୃଶ୍ୟତା। ଆମ ଭବିଷ୍ୟତ ବିଷୟରେ କଳ୍ପନା ଜଳ୍ପନାର କାରଣ ହୋଇଛି । ଏହା ମଧ୍ୟ ସମ୍ଭବ ଯେ ୧୧ ନିୟୁତ ବର୍ଷ ପରେ ପୃଥିବୀରେ କୌଣସି ମଣିଷ ରହିବେ ନାହିଁ । ଏହାର କାରଣ ହେଉଛି ପ୍ରଜନନ ପାଇଁ ଶୁକ୍ରାଣୁ ଆବଶ୍ୟକ। ଏହାର ଅର୍ଥ ପୁରୁଷମାନେ ଏଥିପାଇଁ ରହିବା ଆବଶ୍ୟକ । ଏହା ସ୍ପଷ୍ଟ ଯେ ୱାଇ କ୍ରୋମୋଜୋମର ସମାପ୍ତି ମାନବ ଜାତିର ବିଲୁପ୍ତ ହେବାର ଖବର ଦେଇପାରେ।

# ଶିକାର ପାଇଁ ବିଛା ଯାଇଥିବା ବମ୍ , ଯନ୍ତା ଖୋଜିବ ଡଗ୍ ସ୍କ୍ୱାଡ୍

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ବନ ବିଭାଗ ଆରମ୍ଭ କରିବ ସନ୍ଧାନୀ କୁକୁର ବା ଡଗ୍ ସ୍କ୍ୱାଡ୍ । ପିସିସିଏଫ୍ ସୁଶାନ୍ତ ନନ୍ଦ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ଡଗ୍ ସ୍କ୍ୱାଡ୍ କୁକୁର ବେଡ୍ ବମ୍ ବା ଶିକାର ପାଇଁ ପକାଯାଇଥିବା ବମ୍ ସନ୍ଧାନ କରିବ। ଶିକାର ପାଇଁ ବିଛା ଯାଇଥିବା ତାର ବା ଜନ୍ତା ବି ସନ୍ଧାନ କରିବ କୁକୁର। ପ୍ରଥମ ପର୍ଯ୍ୟାୟରେ ୧୦ କୁକୁରଙ୍କୁ ୫ଟି ଡିଭିଜନରେ ମୁତୟନ କରାଯିବ। ଏହି ଡିଭିଜନଗୁଡିକ ହେଲା ଶିମିଳିପାଳ, ସାତକୋଶିଆ, ଦେବ୍ରିଗଡ଼, ହିନ୍ଦୋଳ ଓ ଆଠଗଡ଼। ଅନ୍ୟପକ୍ଷରେ ହିଂସ୍ର ଓ ଅମାନିଆ ହାତୀଙ୍କ ବେକରେ ରେଡିଓ କଲାର ଲଗାଯିବ। ଉତ୍ପାତ କରୁଥିବା ବା ଜନବସତିକୁ ପଶି ଆସୁଥିବା ହାତୀଙ୍କଠାରେ ରେଡିଓ କଲାର ଲାଗିବ। ରେଡିଓ କଲାର ଦ୍ୱାରା ହାତୀଙ୍କ ଗତିବିଧି ଟ୍ରାକ୍ କରାଯାଇପାରିବ। ରେଡିଓ କଲାର ପ୍ରକ୍ରିୟା ସେପ୍ଟେମ୍ବରରୁ ଆରମ୍ଭ ହେବ ବୋଲି ପିସିସିଏଫ୍ କହିଛନ୍ତି।

# ପଣ୍ୟବାହୀ ଜାହାଜ ଆଇଟିଟି ପୁମା ବୁଡ଼ିଗଲା

ପାରାଦୀପ, ନ୍ୟୁଜ ବ୍ୟୁରୋ
ପଶ୍ଚିମବଙ୍ଗ ସାଗରଦୀପ ଠାରୁ ୯୦ ନଟିକାଲ ମାଇଲ (୧୬୭ କି.ମି.) ଦୂରରେ ରବିବାର ରାତିରେ ଏକ ପଣ୍ୟବାହୀ ଜାହାଜ ଏମ୍‌ଭି ଆଇଟିଟି ପୁମା କୌଣସି କାରଣବଶତଃ ସମୁଦ୍ରରେ ବୁଡ଼ି ଯାଇଛି। ଖବରପାଇ ଭାରତୀୟ ତଟରକ୍ଷୀ ବାହିନୀ (କୋଷ୍ଟଗାର୍ଡ) ପାଟ୍ରୋଲିଂ ଜାହାଜ ସାରଙ୍ଗ ଓ ଅମୋଘ ପହଞ୍ଚି ୧୧ ଜଣ ନାବିକଙ୍କୁ ଉଦ୍ଧାର କରିଛନ୍ତି। ସେମାନଙ୍କୁ ନେଇ ଅମୋଘ ଜାହାଜ ମଙ୍ଗଳବାର ମଧ୍ୟାହ୍ନରେ ପାରାଦୀପରେ ପହଞ୍ଚିଥିବା ଜଣାପଡିଛି। ଉକ୍ତ ଜାହାଜ କୋଲକାତା ବନ୍ଦରରୁ ପୋର୍ଟବ୍ଲେୟାର ଅଭିମୁଖେ ଯାଉଥିଲା। ସମୁଦ୍ରରେ ବୁଡ଼ିଯିବା ଫଳରେ ଜାହାଜର କ୍ୟାପଟେନ କୋଷ୍ଟଗାର୍ଡ ମୁଖ୍ୟାଳୟକୁ ସୂଚନା ଦେଇଥିଲେ। ଯେଉଁ ନାବିକମାନେ ସମୁଦ୍ର ପାଣିରେ ଭାସୁଥିଲେ, ସେମାନେ ନାଲି ରଙ୍ଗର ବାଣ ପାଣିରେ ପକାଇଥିଲେ। ଏହାକୁ କୋଷ୍ଟଗାର୍ଡ ଡୋନିୟର ଏୟାରକ୍ରାଫ୍ଟ ଠାବ କରିଥିଲା। ପରେ ଦୁଇ ପାଟ୍ରୋଲିଂ ଜାହାଜର ଯବାନମାନେ ପହଞ୍ଚି ଅକ୍ଲାନ୍ତ ପରିଶ୍ରମ କରି ରାତିରେ ୧୧ ଜଣଙ୍କୁ ଉଦ୍ଧାର କରିଛନ୍ତି। ସୂଚନାଥାଉକି, ୨୦୦୯ ସେପ୍ଟେମ୍ବର ୯ରେ ପାରାଦୀପ ବନ୍ଦରଠାରୁ ୫ କିଲୋମିଟର ଦୂରରେ ଭାରସାମ୍ୟ ହରାଇ ବୁଡ଼ିଯାଇଥିଲା ମାଲବାହୀ ଜାହାଜ ବ୍ଲାକ୍‌ରୋଜ। ଉକ୍ତ ଜାହାଜରେ ପ୍ରାୟ ୨୩,୫୦୦ ମେଟ୍ରିକ ଟନ୍ ଲୁହାପଥର ଏବଂ ୯୨୦ ମେଟ୍ରିକ୍ ଟନ୍ ଫର୍ନେସ ଅଏଲ ବୋଝେଇ ହୋଇଥିଲା। ଏହି ଦୁର୍ଘଟଣା ସମୟରେ ଜାହାଜରେ ୨୭ଜଣ ସଦସ୍ୟ ଥିଲେ। ସେମାନଙ୍କ ମଧ୍ୟରୁ ୨୬ଜଣ ଉଦ୍ଧାର ହୋଇଥିବାବେଳେ ଜଣେ ରୁଷୀୟ ଯନ୍ତ୍ରୀଙ୍କର ମୃତ୍ୟୁ ହୋଇଥିଲା। ଜାହାଜରେ ଭର୍ତ୍ତି କରାଯାଇଥିବା ସାମଗ୍ରୀକୁ କେହି ଦାବି କରି ନ ଥିଲେ, ଯାହାକୁ ନେଇ ବିଭିନ୍ନ ମହଲରେ ପ୍ରଶ୍ନ ଉଠିଥିଲା। ଏହାକୁ ନେଇ କେଳେଙ୍କାରୀ ଅଭିଯୋଗ ଉଠିଥିଲା। ଏପରିକି ଏହି ପ୍ରସଙ୍ଗକୁ ମଧ୍ୟ ବିଧାନସଭାରେ ଅନେକ ଥର ବିରୋଧୀ ଦଳ ଉତ୍‌ଥାପନ କରିଛନ୍ତି। ରାଜ୍ୟରେ ନୂଆ ସରକାର ଗଠନ ହେବା ପରେ ବ୍ଲାକ୍‌ରୋଜ ବୁଡ଼ି ଘଟଣା ତଦନ୍ତର ନୂଆଫର୍ଦ୍ଦ ଖୋଲିବ ବୋଲି ଚର୍ଚ୍ଚା ଜୋର ଧରିଛି।

# ବରିଷ୍ଠ ସାମ୍ବାଦିକଙ୍କ ବିୟୋଗ



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ବରିଷ୍ଠ ସାମ୍ବାଦିକ ବିଶ୍ୱଜିତ୍ ମିଶ୍ର (ରନି ବାବୁ)ଙ୍କର ହୃଦ୍‌ଘାତ ଯୋଗୁଁ ପରଲୋକ ହୋଇଯାଇଛି। ଦୁଇଦିନ ତଳେ ହୃଦ୍‌ଘାତ ଯୋଗୁଁ ତାଙ୍କୁ କିମ୍‌ସ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ମଙ୍ଗଳବାର ତାଙ୍କୁ ମୃତ ଘୋଷଣା କରାଯାଇଛି। ସେ ଦୈନିକ ସ୍ୱରାଜ୍ୟ, ଦିନଲିପି, ଅମୃତ ଦୁନିଆ ପ୍ରଭୃତି ବିଭିନ୍ନ ଖବର କାଗଜରେ ସମ୍ପାଦନା ଦାୟିତ୍ୱ ନିର୍ବାହ କରିଥିଲେ। ତାଙ୍କ ମର ଶରୀରକୁ ପୁରୀ ସ୍ୱର୍ଗଦ୍ୱାର ନିଆଯାଇ ସେଠାରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ସେ ଜଣେ ବନ୍ଧୁବତ୍ସଳ, ପରୋପକାରୀ ବ୍ୟକ୍ତିଭାବେ ବେଶ୍ ଜଣାଶୁଣା ଥିଲେ। ତାଙ୍କ ବିୟୋଗରେ ସାମ୍ବାଦିକ ମହଲରେ ଗଭୀର ଶୋକ ପ୍ରକାଶ ପାଇଛି।

# ସହିଦନଗର ଦୁର୍ଗାପୂଜା ସମିତି ପକ୍ଷରୁ ମା' ଦୁର୍ଗାଙ୍କ ମାଟି ଅନୁକୂଳ




**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ଭୁବନେଶ୍ୱରର ସବୁଠାରୁ ପୁରାତନ ଓ ପ୍ରସିଦ୍ଧ ଦୁର୍ଗା ପୂଜା ସମିତି, ସହିଦନଗର ପକ୍ଷରୁ ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ତିଥିରେ ଜଗତଜନନୀ ଦୁର୍ଗା ମା'ଙ୍କ ପ୍ରତିମୂର୍ତ୍ତି ନିର୍ମାଣ ଉଦ୍ଦେଶ୍ୟରେ ମାଟି ଅନୁକୂଳ ପାଇଁ ବିରାଟ ଶୋଭାଯାତ୍ରାରେ ଜାଇ କୁଆଖାଇ ପଠାରେ ଦିନ ୧୧ଘଟିକାରେ ପାରମ୍ପାରିକ ବିଧି ଓ ପୂଜାର୍ଚ୍ଚନା କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ସମିତିର ସମସ୍ତ ସଭ୍ୟ ଯୋଗ ଦେଇଥିଲେ। ଏହା ପରେ ସମସ୍ତ ସଭ୍ୟଙ୍କ ଉପସ୍ଥିତିରେ ମଣ୍ଡପରେ ତୋରଣ କାର୍ଯ୍ୟ ଆରମ୍ଭ କରାଯାଇଥିଲା।

ଏହି କାର୍ଯ୍ୟକ୍ରମରେ ସମିତିର ସଭାପତି ହେମନ୍ତ କୁମାର ପରିଡା, କାର୍ଯ୍ୟକାରୀ ସଭାପତି ସରୋଜ କୁମାର ପାତ୍ର, ସମ୍ପାଦକ ସଚ୍ଚିନନ୍ଦନ ନାୟକ, ମନୋରଞ୍ଜନ ଦାସ, ଅଚ୍ୟୁତ ପ୍ରସାଦ ବେହେରା, ବିଶ୍ୱ ପ୍ରସାଦ ମହାନ୍ତି, ବିଶ୍ୱରଂଜନ ରାୟ, ରାଜକିଶୋର ଦାସ, ସୁଦର୍ଶନ ସାହୁ, ମହେନ୍ଦ୍ର କୁମାର ତ୍ରିପାଠୀ, ରଞ୍ଜନ କୁମାର ମହାପାତ୍ର, ସ୍ମୃତି ରଞ୍ଜନ ଜେନା, ଗୋପାଳ କୃଷ୍ଣ ମହାନ୍ତି ଏବଂ ଆହୁରି ଅନେକ ଯୋଗ ଦେଇଥିଲେ।

# ସଚେତନତା ହିଁ ଅପରାଧରୁ ସୁରକ୍ଷା ଦେବ




**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ଆଜିକାଲି ସମାଜରେ ଅପରାଧ ବଢ଼ିବାରେ ଲାଗିଛି । ଅପରାଧର ସଜ୍ଞା ମଧ୍ୟ ବଦଳିବାରେ ଲାଗିଛି। କେହି କିଛି ବୁଝିବା ପୂର୍ବରୁ ଅପରାଧ ବା ଠକେଇର ଶିକାର ହୋଇଯାଉଛନ୍ତି । ତେଣୁ ପ୍ରତ୍ୟେକସ୍ତରରେ ସଚେତନ ରହିଲେ, ଅପରାଧରୁ ଆମେ ସବୁ ମୁକୁଳିପାରିବା ବୋଲି ବିଚାର ଭାରତୀ ଟ୍ରଷ୍ଟ ଏବଂ ପି.ଜେ କଲେଜ ଅଫ୍ ମ୍ୟାନେଜ୍ମେଣ୍ଟ ଆଣ୍ଡ ଟେକ୍ନୋଲୋଜି ମିଳିତ ଆନୁକୂଲ୍ୟରେ ସାଥୀ ସଚେତନତା କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ ମତବ୍ୟକ୍ତ କରିଛନ୍ତି । ମଙ୍ଗଳବାର ପିଜେ କଲେଜ ପରିସରରେ ଆୟୋଜିତ ସେ ନୋ ଟୁ ଟବାକୋ, ସେ ନୋ ଟୁ ଚାଇଲ୍ଡ ମ୍ୟାରେଜ୍, ଷ୍ଟପ୍ ରାଗିଂ, ସାଇବର କ୍ରାଇମ୍ ଆୱାରନେସ୍, ଜେଣ୍ଡର ଜଷ୍ଟିସ୍, ମେନ୍‌ଷ୍ଟ୍ରୁରାଲ୍ ହାଇଜେନିକ୍ ଏବଂ ମେଣ୍ଟାଲ ହେଲଥ ସଚେତନତା ସମ୍ପର୍କିତ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ଏସିପି ଅଞ୍ଜନା ଟୁଡୁ ଯୋଗ ଦେଇ ସାଇବର ଅପରାଧ ସମ୍ପର୍କରେ ପିଲାମାନଙ୍କୁ ସଚେତନ କରିଥିଲେ। କୌଣସି ସ୍ଥାନରେ ସାଇବର ଅପରାଧର ଶିକାର ହେଲେ ୧୯୩୦କୁ ଡାଏଲ୍ କରି ତୁରନ୍ତ ରିପୋର୍ଟ କରିବାକୁ କହିଥିଲେ। ମାନସିକ ସ୍ୱାସ୍ଥ୍ୟ ସଚେତନତା ସମ୍ପର୍କରେ ସମାଜସେବୀ ସ୍ୱପ୍ନା ତ୍ରିପାଠୀ ଆଲୋକପାତ କରିଥିଲେ। ଶିକ୍ଷାନୁଷ୍ଠାନରେ ସେ ନୋ ଟୁ ଟବାକୋ ଏବଂ ଜେଣ୍ଡର ଜଷ୍ଟିସ୍ ସମ୍ପର୍କରେ ସାମାଜିକ କର୍ମୀ ନମ୍ରତା ଚଢ଼ା ବିଶେଷ ଆଲୋଚନା କରିଥିଲେ । ସେହିପରି ମହିଳାଙ୍କ ସୁରକ୍ଷା ପାଇଁ କମିଶନରେଟ ପୋଲିସ ଦ୍ୱାରା ଆରମ୍ଭ କରାଯାଇଥିବା ହର୍ ବ୍ୟବସ୍ଥା ସମ୍ପର୍କରେ ଶୁଭଶ୍ରୀ ନାୟକ ଛାତ୍ରୀଛାତ୍ରଙ୍କ ସହ ଆଲୋଚନା କରିଥିଲେ। ବିଚାର ଭାରତୀ ଟ୍ରଷ୍ଟର ସମ୍ପାଦିକା ପ୍ରୀତି ଧଳ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେବା ସହ ଆଜିର ଛାତ୍ର ସମାଜ କିଭଳି ଭାବେ ନିଜକୁ ସୁରକ୍ଷିତ ରଖିପାରିବେ ସେନେଇ ନିଜର ବକ୍ତବ୍ୟ ରଖିଥିଲେ । ଟ୍ରଷ୍ଟର ସଂଗଠନ ସମ୍ପାଦକ ଲାଲା ସୁନିଲ କୁମାର ରଥ ଯୋଗଦେଇ ଶିକ୍ଷାନୁଷ୍ଠାନଗୁଡ଼ିକରେ କିପରି ଏକ ରାଗିଂ ମୁକ୍ତ ବାତାବରଣ ସୃଷ୍ଟି କରାଯାଇପାରିବ ସେ ସମ୍ପର୍କରେ ମତବ୍ୟକ୍ତ କରିଥିଲେ । ପ୍ରାରମ୍ଭରେ ପିଜେ କଲେଜର ଅଧ୍ୟକ୍ଷା ଇପ୍ସିତା ପାତ୍ର ସମସ୍ତଙ୍କୁ ସ୍ୱାଗତ କରିବା ସହ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ । କଲେଜର ନିର୍ଦ୍ଦେଶକ ସନ୍ତୋଷ ବିଶ୍ୱାଳ, ଜୁନିଅର କଲେଜର ଅଧ୍ୟକ୍ଷ ସଞ୍ଜୟ କୁମାର ଦାସ ଏବଂ ପ୍ରଫେସର ରାଜୀବ ପଣ୍ଡା ଆଲୋଚନରେ ଭାଗ ନେଇ ପିଲାମାନଙ୍କୁ କିପରି ଅପରାଧରୁ ଦୂରେଇ ରଖିହେବ ସେନେଇ ମତବ୍ୟକ୍ତ କରିଥିଲେ ।କାର୍ଯ୍ୟକ୍ରମରେ ୨୦୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଯୋଗ ଦେଇଥିଲେ ।ଶେଷରେ ବିଚାରଭାରତୀ ଟ୍ରଷ୍ଟର ଉପସଭାପତି ସଙ୍ଘମିତ୍ରା ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ।

ଭୁବନେଶ୍ୱର
୨୮ ଅଗଷ୍ଟ
ବୁଧବାର, ୨୦୨୪

RNI Regd. No. : 52640/94
Postal Regd. No. :
BN/60/22-24

# ଶ୍ରୀମନ୍ଦିରରେ ସରିଲା ନନ୍ଦୋତ୍ସବ : ଆଜିଠୁ ଶ୍ରୀକୃଷ୍ଣଙ୍କ ବାଲ୍ୟଲୀଳା ନୀତି

**ପୁରୀ, ୨୭/୮ ନ୍ୟୁଜ ବ୍ୟୁରୋ**

ପ୍ରଭୁ ଶ୍ରୀକୃଷ୍ଣଙ୍କ ଜନ୍ମ ପରେ ମଙ୍ଗଳବାର ଶ୍ରୀମନ୍ଦିରରେ ପାଳିତ ହୋଇଛି ନନ୍ଦୋତ୍ସବ। ମଙ୍ଗଳ ଆଳତି ବଢିବା ପରେ ମହାଜନ ସେବକ ରାମକୃଷ୍ଣଙ୍କୁ ଆଣି ଜଗମୋହନ ଦୋଳିରେ ବିଜେ କରାଇଥିଲେ। ଦକ୍ଷିଣୀଘରୁ ମଦନମୋହନ ଆସି ସେହି ଦୋଳିରେ ବିଜେ ହୋଇଥିଲେ। ମହାସ୍ନାନ ନୀତି ପରେ ପୁଷ୍ପାଳକ ସେବକମାନେ ମହାପ୍ରଭୁଙ୍କୁ ନୂଆ ଲୁଗା ଲାଗି କରାଇଥିଲେ। ଏହାପରେ ମହାପ୍ରଭୁଙ୍କ ସର୍ବାଙ୍ଗ ହୋଇ ୬ ମୂର୍ତ୍ତି ଅଳଙ୍କାର ଲାଗି କରାଯାଇଥିଲା। ଦେବୀ ସୁଭଦ୍ରାଙ୍କୁ ଆଜ୍ଞାମାଳ ଖଣ୍ଡେ ଏବଂ କର୍ପୁର ଲାଗି କରାଯାଇଥିଲା। ଦେବୀ ସୁଭଦ୍ରା ଏବଂ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବାଡ଼ରେ ଷଷ୍ଠୀ ମାର୍କଣ୍ଡୀ ପୂଜା ପରେ ପାଣିପଡ଼ି ଟେରା ବନ୍ଧା ହୋଇଥିଲା। ମଧ୍ୟାହ୍ନ ଧୂପ ନୀତି ବଢିବା ପରେ ଶୁଦ୍ଧସୁଆର ଦୁଇଟି ପିତଳ ବଟାରେ ମଙ୍ଗଳାର୍ପଣ ସାମଗ୍ରୀ ରଖିଥିଲେ। ପୂଜାପଣ୍ଡା, ପତିମହାପାତ୍ର ଏବଂ ମୁଦିରସ୍ତ ଶ୍ରୀଜଗନ୍ନାଥ ବାଡ଼ ଏବଂ ସୁଭଦ୍ରାଙ୍କ ବାଡ଼ରେ ମଙ୍ଗଳାର୍ପଣ କରି ତିନିବାଡ଼ରେ ବନ୍ଦାପନା କରିଥିଲେ। ପତିମହାପାତ୍ର ଭଣ୍ଡାରଘରୁ ରୁପାବଟାରେ ଦୁର୍ଗାଦେବୀଙ୍କୁ ବିଜେ କରାଇ ଆଣିଥିଲେ। ପୂଜାପଣ୍ଡା ସୁଭଦ୍ରାଙ୍କ ଶ୍ରୀଅଙ୍ଗରୁ ଆଜ୍ଞାମାଳ ଆଣି ପ୍ରଦାନ କରିଥିଲେ। ପତି ମହାପାତ୍ର ଦେବୀ ଦୁର୍ଗାଙ୍କୁ ଜଗମୋହନ ଦୋଳି ସମ୍ମୁଖ ଖଟୁଲି ଉପରେ ବିଜେ କରାଇଥିଲେ। ସେଠାରେ ମହାସ୍ନାନ ଓ ଶୀତଳଭୋଗ ନୀତି ସମ୍ପନ୍ନ ହୋଇଥିଲା। ଦେବୀ ଦୁର୍ଗାଙ୍କୁ ସାତପାହାଚ ଦ୍ୱାର ଡମ୍ବରୁ ଉପରକୁ ବିଜେ କରାଯାଇଥିଲା। ସେଠାରେ ବିଜୁଳି କନ୍ୟା ନୀତି ସମ୍ପନ୍ନ ପରେ ଦେବୀ ଭଣ୍ଡାରଘରକୁ ବାହୁଡ଼ା ବିଜେ କରିଥିଲେ। ଏହାପରେ ରାମ, କୃଷ୍ଣ ଓ ମଦନମୋହନ ଦୋଳିରୁ ଓହ୍ଲାଇ ଖଟ ଉପରକୁ ବିଜେ କରିଥିଲେ। ସେଠାରେ ମାଜଣା ଏବଂ ଫୁଲ ଲାଗି ହେବା ପରେ ସାତପାହାଚ ଦ୍ୱାରରେ ଥିବା ପାଲିଙ୍କିରେ ଯାଇ ଲକ୍ଷ୍ମୀମନ୍ଦିର ଜଗମୋହନରେ ପଡିଥିବା ଖଟ ଉପରେ ବିଜେ କରିଥିଲେ। ଭିତରଛ ମହାପାତ୍ର ନନ୍ଦ ରାଜା ଭାବେ ଶ୍ରୀନଅରକୁ ଯାଇ ଫେରିଆସି ସ୍ନାନ ମଣ୍ଡପରେ ବସିଥିଲେ। ଭରତିଆ ଗୌଡ଼ ପୁତ୍ର ଜନ୍ମ ହେବା ଖବର ଦେବା ସହିତ ନନ୍ଦରାଜାଙ୍କ ଲୁଗା ଫେରକୁ ଭିଡ଼ି ଭିଡ଼ି ଲକ୍ଷ୍ମୀ ମନ୍ଦିରକୁ ନେଇଥିଲେ। ସେଠାରେ ନନ୍ଦରାଜା ପୁତ୍ରଙ୍କୁ ଦୁଗ୍ଧ ସମର୍ପଣ କରିବା ସହିତ ବନ୍ଦାପନା କରିଥିଲେ। ପରେ ପୁଅମାନଙ୍କୁ (ରାମ, କୃଷ୍ଣ ଓ ମଦନମୋହନ) ଧରି ଜଗମୋହନ ଦୋଳିକୁ ବିଜେ କରିଥିଲେ। ଦୋଳିରୁ ଠାକୁରମାନେ ଦକ୍ଷିଣୀ ଘରକୁ ବିଜେ କରିଥିଲେ। ବୁଧବାରଠାରୁ ଶ୍ରୀମନ୍ଦିରରେ ଶ୍ରୀକୃଷ୍ଣଙ୍କ ବାଲ୍ୟଲୀଳା ନୀତି ଆରମ୍ଭ ହେବ। ପ୍ରଥମଦିନ ଠାକୁରଙ୍କ ବନଭୋଜି ବେଶ ଓ କୋଳିବିକା ନୀତି ଅନୁଷ୍ଠିତ ହେବ। ଶ୍ରୀକୃଷ୍ଣ ବକାସୁର ଏବଂ ଅର୍ଘାସୁରକୁ ବଧ କରିବାର କାର୍ଯ୍ୟକ୍ରମ ରହିଛି।



# ଦିନକରେ ୨ ଲକ୍ଷ କୋଟି ଯୋଡ଼ିଲେ ନିବେଶକ

**ନୂଆଦିଲ୍ଲୀ, ୨୭।୮**

ରାଜନୈତିକ ସମସ୍ୟା ଓ ଦର ବୃଦ୍ଧି ସମସ୍ୟା ମଧ୍ୟରେ ଭାରତୀୟ ନିବେଶ ବଜାର ବେଶ୍ ଉତ୍ସାହଜନକ ରହିଛି। ଏପରିକି ଘରୋଇ ଶେୟାର ବଜାରର ନିବେଶକ ଦିନକରେ ୨ଲକ୍ଷ କୋଟି ଟଙ୍କାରୁ ଅଧିକ ପୁଞ୍ଜି ବଜାରରେ ଯୋଡ଼ିଛନ୍ତି। ଉଲ୍ଲେଖଯୋଗ୍ୟ, ଶେୟାର ବଜାର କାରବାର ଶେଷ ପରେ ନିବେଶକ ପୁଞ୍ଜି ବଜାରରେ ୨ ଲକ୍ଷ କୋଟି ଟଙ୍କାରୁ ଅଧିକ ପୁଞ୍ଜି ଯୋଡ଼ିଛନ୍ତି। ଫଳରେ ପୁଞ୍ଜିବଜାରର ପରିମାଣ ୪୬୨.୪୦ ଲକ୍ଷ କୋଟିରେ ପହଞ୍ଚିଛି। ପୂର୍ବ କାର୍ଯ୍ୟଦିବସର ଫଳାଫଳ ପରେ ବଜାର ପରିମାଣ ପ୍ରାୟ ୪୬୦.୪୦ ଲକ୍ଷ କୋଟି ଟଙ୍କାରେ ଥିଲା। ସେହିଭଳି କ୍ରମାଗତ ଭାବେ ଘରୋଇ ଶେୟାର ବଜାର କାରବାରରେ ବୃଦ୍ଧି ହେଉଥିଲାବେଳେ ନିବେଶକମାନେ ମଧ୍ୟ ବେଶ୍ ଉତ୍ସାହିତ ଅଛନ୍ତି। ଚଳିତ ସପ୍ତାହର ପ୍ରଥମ କାର୍ଯ୍ୟଦିବସର ଫଳାଫଳ ଅନୁଯାୟୀ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ ବା ବିଏସ୍ଇ ସେନସେକ୍ସ ପ୍ରାୟ ୬୧୨ ପଏଣ୍ଟ ବଢି ୮୧,୬୯୮ ଅଙ୍କରେ ରହିଥିଲାବେଳେ ନ୍ୟାସନାଲ ଷ୍ଟକ୍ ଏକ୍ସଚେଞ୍ଜ ବା ଏନ୍ଏସ୍ଇ ନିଫ୍ଟି ୨୫,୦୦୦ ଅଙ୍କ ଉପରେ ରହିଛି। ଏପରିକି ଏନ୍ଏସ୍ଇ ନିଫ୍ଟି-୫୦ର କାରବାର ୦.୭୬% ବୃଦ୍ଧି ପାଇଁ ୨୫,୦୧୧ ଅଙ୍କରେ ପହଞ୍ଚିଛି। ଅପରପକ୍ଷରେ ୩୦ ଶେୟାର ବିଶିଷ୍ଟ ବିଏସ୍ଇ ସେନସେକ୍ସର ମିଡକ୍ୟାପର କାରବାର ୦.୫% ଏବଂ ସ୍ମଲକ୍ୟାପ ୦.୨% ବୃଦ୍ଧି ଘଟିଥିଲାବେଳେ ନିଫ୍ଟି ମିଡକ୍ୟାପ ୦୬୪% ବଢ଼ି ୫୮,୯୩୧.୧୫ଅଙ୍କରେ ରହିଛି। ସେହିଭଳି ନିଫ୍ଟି ସ୍ମଲକ୍ୟାପ ୦.୪୧% ବୃଦ୍ଧି ଘଟି ୯୦୬୮.୧୫ ଅଙ୍କରେ ଥିଲାବେଳେ ନିଫ୍ଟି ବ୍ୟାଙ୍କ ୦.୪୨% ବଢ଼ି ୫୧,୧୪୮.୧୦ ଅଙ୍କରେ ପହଞ୍ଚିଛି। ସେହିପରି ସେକ୍ଟରାଲଭିତ୍ତିରେ ଆଇଟି, ମେଟାଲ, ଅଏଲ ଆଣ୍ଡ ଗ୍ୟାସ ଏବଂ ପ୍ରପର୍ଟି ଆଦିରେ ନିବେଶକମାନେ ୧ରୁ ୨% ନିବେଶ ବୃଦ୍ଧି କରିଥିଲାବେଳେ ନିଫ୍ଟି କ୍ଷେତ୍ରରେ ହିଣ୍ଡୋଲ୍କୋ, ଏନ୍ଟିପିସି, ଏଚ୍ସିଏଲ୍ ଟେକ୍, ବଜାଜ ଫିନସର୍ଭ, ଓଏନ୍ଜିସି, ଆଦାନୀ ପୋର୍ଟ, ଆଇଚର ମୋଟର୍ସ ଏବଂ ନେସ୍‌ଲେ ଭଳି ନିବେଶକ ସର୍ବାଧିକ ଲାଭବାନ ହୋଇଛନ୍ତି।





ଭୁବନେଶ୍ୱର : ବିଧାନସଭା ପରିସରରେ ଥିବା ମୁଖ୍ୟମନ୍ତ୍ରୀଙ୍କ ପ୍ରକୋଷ୍ଠରେ ନବନିର୍ବାଚିତ ରାଜ୍ୟସଭା ସଦସ୍ୟା ଶ୍ରୀମତୀ ମମତା ମହନ୍ତଙ୍କୁ ଅଭିନନ୍ଦନ ଜଣାଉଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । (ଫଟୋ : ସମ୍ବାଦ କଳିକା)

## ଭୁବନେଶ୍ୱରରେ ଇଡ଼ି ନିର୍ଦ୍ଦେଶକ ରାହୁଲ ନବୀନ

**ଭୁବନେଶ୍ୱର, ୨୭/୮ ନ୍ୟୁଜ ବ୍ୟୁରୋ**

ଭୁବନେଶ୍ୱର ବିମାନ ବନ୍ଦରରେ ପହଞ୍ଚିଲେ ଇଡି ନିର୍ଦ୍ଦେଶକ ରାହୁଲ ନବୀନ । ୩ ଦିନିଆ ଓଡ଼ିଶା ଗସ୍ତରେ ଆସିଛନ୍ତି ଇଡି ନିର୍ଦ୍ଦେଶକ ରାହୁଲ ନବୀନଙ୍କ ସମେତ ସେଣ୍ଟ୍ରାଲ ବୋର୍ଡ ଅଫ ଡାଇରେକ୍ଟ ଟ୍ୟାକ୍ସର ଚେୟାରମ୍ୟାନ ରବି ଅଗ୍ରୱାଲ ଏବଂ ଭାରତର ଆଟର୍ଣ୍ଣୀ ଜେନେରାଲ ଆର୍ ଭେଙ୍କଟ ରମଣୀ । ମଙ୍ଗଳବାର ପୁରୀ ହୋଟେଲ ମେଫେୟାରରେ ରାତ୍ରୀ ଯାପନ କରିବା ପରେ ବୁଧବାର କଟକରେ ଏସଆଇଟି ବୈଠକରେ ଯୋଗଦେବେ । ଅପରାହ୍ନରେ ପୁରୀରେ ପହଞ୍ଚି ମହପ୍ରଭୁଙ୍କ ଦର୍ଶନ କରିଛନ୍ତି ଏବଂ ୨୯ ତାରିଖରେ ଭୁବନେଶ୍ୱର ଇଡି ଅଫିସରେ କାର୍ଯ୍ୟକ୍ରମ ସରିବା ପରେ ଦିଲ୍ଲୀ ଫେରିଯିବାର କାର୍ଯ୍ୟକ୍ରମ ରହିଛି।

### ଭିନ୍ନକ୍ଷମ ଛାତ୍ରଛାତ୍ରୀମାନଙ୍କ ଦକ୍ଷତା ବିକାଶ ଓ କମ୍ପ୍ୟୁଟର ଶିକ୍ଷା ନେଇ

# ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ବୁଝାମଣାପତ୍ର ସ୍ୱାକ୍ଷରିତ

**ଭୁବନେଶ୍ୱର, ୨୭/୦୮ ନ୍ୟୁଜ ବ୍ୟୁରୋ**

ରାଜ୍ୟରେ ଭିନ୍ନକ୍ଷମ ବିଦ୍ୟାର୍ଥୀମାନଙ୍କ ସଶକ୍ତିକରଣ ନିମନ୍ତେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ଦୁଇଟି ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଯାଇଛି । ବିଦ୍ୟାଳୟ ଓ ଗଣଶିକ୍ଷା, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟା ଲଘୁ ଓ ପଛୁଆବର୍ଗ କଲ୍ୟାଣ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଉପସ୍ଥିତିରେ ମହିଳା ଓ ଶିଶୁ ବିକାଶ ବିଭାଗ ସମ୍ମିଳନୀ କକ୍ଷରେ ସେଣ୍ଟର ଫର ଡେଭଲପ୍‌ମେଣ୍ଟ ଅଫ୍ ଆଡଭାନ୍ସଡ଼୍‌କମ୍ପ୍ୟୁଟିଂ (ସି-ଡାକ୍), କୋଲକାତା ଓ ସ୍କିଲ୍ କାଉନ୍ସିଲ୍ ଫର ପର୍ସନସ୍ ଉଇଥ୍ ଡିଜେବିଲିଟି ସହ ବିଭାଗ ପକ୍ଷରୁ ଏହି ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଥିଲା । ଏହି ଅବସରରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ ଉପସ୍ଥିତ ଥିଲେ । ପ୍ରଥମ ବୁଝାମଣା ପତ୍ର ଅନୁଯାୟୀ ସ୍କିଲ୍ କାଉନ୍ସିଲ୍ ଫର ପର୍ସନସ୍ ଉଇଥ୍ ଡିଜେବିଲିଟି ରାଜ୍ୟର ଭିନ୍ନକ୍ଷମ ଛାତ୍ରଛାତ୍ରୀମାନଙ୍କ ଦକ୍ଷତା ବିକାଶ ନିମନ୍ତେ ଏକ ବର୍ଷ ପର୍ଯ୍ୟନ୍ତ ପ୍ରଶିକ୍ଷଣ ହେବ । ଏହି ପ୍ରଶିକ୍ଷଣ ପରେ ଛାତ୍ରଛାତ୍ରୀମାନେ ଫେସନ ଡିଜାଇନିଂ, ଅଟୋମୋଟିଭ୍, ହୋଟେଲ ମ୍ୟାନେଜମେଣ୍ଟ, ପର୍ଯ୍ୟଟନ ଶିଳ୍ପ, ସିକ୍ୟୁରିଟି କମ୍ପାନୀ, ହସ୍‌ପିଟାଲ୍ ଓ ବିଭିନ୍ନ ଘରୋଇ କମ୍ପାନୀରେ ନିଯୁକ୍ତି ସୁଯୋଗ ପାଇପାରିବେ। ଏହି ବୁଝାମଣା ପତ୍ରରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ନିର୍ଦ୍ଦେଶକ ନିୟତି ପଟ୍ଟନାୟକ, ଅତିରିକ୍ତ ଶାସନ ସଚିବ ସନ୍ତୋଷ କୁମାର ପ୍ରଧାନ ଓ ଦୀପକ ରାଉତରାୟ ଏବଂ ସ୍କିଲ୍ କାଉନ୍ସିଲ୍ ଫର ପର୍ସନସ୍ ଉଇଥ୍ ଡିଜେବିଲିଟି ପକ୍ଷରୁ ମୁଖ୍ୟ ନିର୍ବାହୀ ଅଧିକାରୀ ରବିନ୍ଦ୍ର ସିଂହ ଓ ଅଧକ୍ଷ ଶାଳିନୀ ଖାନ୍ନା ସ୍ୱାକ୍ଷର କରିଥିଲେ । ସେହିପରି ଦ୍ୱିତୀୟ ବୁଝାମଣା ପତ୍ର ଅନୁଯାୟୀ 'ସାଇଟ୍ ବିୟଣ୍ଡ ସାଇଟ୍' ପ୍ରକଳ୍ପ ଅଧୀନରେ ସି-ଡାକ୍ ରାଜ୍ୟର ଦୃଷ୍ଟିବାଧିତ ଛାତ୍ରଛାତ୍ରୀଙ୍କୁ କମ୍ପ୍ୟୁଟର ବିଷୟକ ଶିକ୍ଷାଦାନ କରିବ । ପ୍ରଥମ ପର୍ଯ୍ୟାୟରେ ୧୮ ମାସ ମଧ୍ୟରେ ୫୦୦ ବିଦ୍ୟାର୍ଥୀ ଓ ଶିକ୍ଷକଙ୍କୁ ଏହି ଶିକ୍ଷା ଦିଆଯିବ । ସି-ଡାକ୍ ଭୁବନେଶ୍ୱର ଏହାର ଆଖପାଖ ଓ ଅନ୍ୟ ବିଦ୍ୟାଳୟଗୁଡ଼ିକରେ ଆବଶ୍ୟକୀୟ ସଫ୍ଟୱେୟାର ସହ ଡେସ୍କଟପ୍, ଲାପ୍‌ଟପ୍, ଡିଜିଟାଲ୍ ଭଏସ୍ ରେକର୍ଡର, ଟାବ୍‌ଲେଟ୍‌ଆଦି ଯୋଗାଇଦେବ । ଏମ୍‌ଏସ୍‌ଅଫିସ୍, ଇଣ୍ଟରନେଟ୍ ନାଭିଗେସନ୍, ଇମେଲ୍ ଭଳି ମୌଳିକ କମ୍ପ୍ୟୁଟର ବ୍ୟବହାର ସହ ବିଦ୍ୟାର୍ଥୀମାନଙ୍କୁ ବ୍ରେଲିରୁ ଟେକ୍ସଟ୍‌କନଭର୍ଟର, ଓଡ଼ିଆ ଲେଖାରୁ ବକ୍ତୃତା, ଓଡ଼ିଆ ଭାଷାରେ ଫୋନେଟିକ୍‌ଟକିଂ ଓ ଓଡ଼ିଆ ଅନୁବାଦର ଏକୀକରଣ, ଓଡ଼ିଆରେ ଅପ୍ଟିକାଲ ଅକ୍ଷର ଚିହ୍ନିବା ଆଦି ବିଷୟରେ ପ୍ରଶିକ୍ଷଣ ଦିଆଯିବ। ଏହି ବୁଝାମଣା ପତ୍ରରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ନିର୍ଦ୍ଦେଶକ ନିୟତି ପଟ୍ଟନାୟକ, ଅତିରିକ୍ତ ଶାସନ ସଚିବ ସନ୍ତୋଷ କୁମାର ପ୍ରଧାନ ଓ ଦୀପକ ରାଉତରାୟ ଏବଂ ସି-ଡାକ୍ ପକ୍ଷରୁ ବୈଜ୍ଞାନିକ (ଏଫ୍) ଓ ସହ-ନିର୍ଦ୍ଦେଶକ ରିତେଶ ମୁଖାର୍ଜୀ, ବୈଜ୍ଞାନିକ (ଇ) ଯୁଗ୍ମ ନିର୍ଦ୍ଦେଶକ କୁନାଲ ଚନ୍ଦ୍ର ଏବଂ ସୋମା ଖାନ୍ ସ୍ୱାକ୍ଷର କରିଥିଲେ ।



### ଭୟାବହ ଅଗ୍ନିକାଣ୍ଡ

## ଜଳିଗଲା ୩୦ ବଖରା : ୩ ଗାଈ ଜୀବନ୍ତ ଦଗ୍ଧ

**ପୁରୀ, ୨୭/୮ ନ୍ୟୁଜ ବ୍ୟୁରୋ**

ପୁରୀ ଜିଲ୍ଲା ସତ୍ୟବାଦୀ ବ୍ଲକ ଆଳିଶ ଗାଁରେ ଭୟାବହ ଅଗ୍ନିକାଣ୍ଡ ଘଟିଛି। ନିଆଁରେ ୩୦ ବଖରାରୁ ଅଧିକ ଘର ଜଳି ପୋଡ଼ି ପାଉଁଶ ହୋଇଯାଇଛି। ଏଥିସହ ନିଆଁରେ ୩ଟି ଗାଈ ଜୀବନ୍ତ ଦଗ୍ଧ ହୋଇଯାଇଥିବା ବେଳେ ଜଣେ ବ୍ୟକ୍ତି ଗୁରୁତର ଆହତ ହୋଇଛନ୍ତି। ସୋମବାର ବିଳମ୍ବିତ ରାତିରେ ଜଣେ ବ୍ୟକ୍ତିଙ୍କ ଘରେ ନିଆଁ ଲାଗିଯାଇଥିଲା। ସଙ୍ଗେ ସଙ୍ଗେ ନିଆଁ ଚାରିଆଡେ ବ୍ୟାପି ଯାଇଥିଲା। ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ସେତେବେଳକୁ ନିଆଁରେ ଘରର ଆସବାବପତ୍ର ଜଳିପୋଡ଼ି ପାଉଁଶ ହୋଇଯାଇଥିଲା। ତେବେ କିପରି ନିଆଁ ଲାଗିଲା ତାହା ଜଣାପଡ଼ିନାହିଁ। ସର୍ଟ ସର୍କିଟରୁ ଲାଗିଲା କି ଅନ୍ୟ କିଛି କାରଣ ରହିଛି ତାହା ଜଣାପଡ଼ି ନାହିଁ।

# ଡିଜିଟାଲ ଫସଲ ସର୍ବେକ୍ଷଣ କାର୍ଯ୍ୟକ୍ରମ ଶୁଭାରମ୍ଭ କଲେ ଉଚ୍ଚଶିକ୍ଷା ମନ୍ତ୍ରୀ



**ଭୁବନେଶ୍ୱର ୨୭।୮ ନ୍ୟୁଜ ବ୍ୟୁରୋ**

ଭଦ୍ରକ ଜିଲ୍ଲାରେ ଜିଲ୍ଲା ସ୍ତରୀୟ ଡିଜିଟାଲ ଫସଲ ସର୍ବେକ୍ଷଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି । ଏହି ଉପଲକ୍ଷେ ସ୍ଥାନୀୟ ସଂସ୍କୃତି ଭବନ ଠାରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଡିଜିଟାଲ ଫସଲ ସର୍ବେକ୍ଷଣ କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥି ଭାବେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଭର୍ଚ୍ୟୁଆଲ ମାଧ୍ୟମରେ ଉଦ୍‌ଘାଟନ କରିବା ସହ ଚାଷୀମାନେ ଡିଜିଟାଲେଶନ ମାଧ୍ୟମରେ ଉପକୃତ ହେଇପାରିବେ ବୋଲି ଚାଷୀମାନଙ୍କୁ ଭର୍ଚ୍ୟୁଆଲ ମାଧ୍ୟମରେ ବାର୍ତ୍ତା ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀ, ବାସୁଦେବପୁର ବିଧାୟକ ଅଶୋକ ଦାସ, ଜିଲ୍ଲା ପରିଷଦ ଚେୟାରମ୍ୟାନ ପ୍ରଫୁଲ୍ଲ ଜେନା, ଜିଲ୍ଲାପାଳ ଦିଲ୍ଲୀପ କୁମାର ରାଉତରାୟ, ଅତିରିକ୍ତ ଜିଲ୍ଲାପାଳ ଶାନ୍ତନୁ ମହାନ୍ତି ଓ ଜିଲ୍ଲା କୃଷି ଅଧିକାରୀଙ୍କ ସମେତ ଅନେକ ଅଧିକାରୀମାନେ ଯୋଗ ଦେଇଥିଲେ। ତେବେ ଏହି ଡିଜିଟାଲ ସର୍ବେକ୍ଷଣ ଦ୍ୱାରା ଚାଷ ଜମିର ସଠିକ ପ୍ଲଟର ଆକଳନ, ଶସ୍ୟ ସମ୍ପର୍କିତ ସୂଚନା, ସର୍ବୋପରି ଗୋଟିଏ ତଥ୍ୟଭିତ୍ତିକ ପଞ୍ଜିକା କରାଯିବ। ଯାହା ଦ୍ୱାରା ଚାଷୀମାନେ ଭବିଷ୍ୟତରେ ବିଭିନ୍ନ ବିଭାଗରୁ ସହଜରେ ସୁବିଧା ପାଇପାରିବେ । ଏହି ସର୍ବେକ୍ଷଣ ବୁଧବାରରୁ ଆରମ୍ଭ ହୋଇ ସେପ୍ଟେମ୍ବର ଶେଷ ପର୍ଯ୍ୟନ୍ତ ଚାଲିବ । ଏହି ସର୍ବେ କାର୍ଯ୍ୟକ୍ରମରେ ୯୦୬ ଜଣ ସର୍ବେକ୍ଷଣକାରୀ ନିୟୋଜିତ ହେବ ବୋଲି ପ୍ରଶାସନ ପକ୍ଷରୁ ସ୍ଥିର ହୋଇଛି । ତେବେ ପ୍ରଥମ ପର୍ଯ୍ୟାୟରେ ରାଜ୍ୟର ଭଦ୍ରକ, ଦେବଗଡ଼, ନୟାଗଡ ଓ ନୂଆପଡା ଜିଲ୍ଲାକୁ ପାଇଲଟ୍ ପ୍ରକଳ୍ପ ଭାବେ କାର୍ଯ୍ୟକ୍ରମ କରାଯିବାର ପ୍ରସ୍ତୁତି ଆରମ୍ଭ ହୋଇଥିବା ଜଣାଯାଇଛି । ଏହି କାର୍ଯ୍ୟକ୍ରମରେ କୃଷି ବିଭାଗ ଅଧିକାରୀଙ୍କ ସହିତ ଚାଷୀ ଓ ସର୍ବେକ୍ଷଣକାରୀମାନେ ଯୋଗ ଦେଇଥିଲେ ।

# ଗବେଷଣା କ୍ଷେତ୍ରରେ ସ୍ୱଚ୍ଛତାକୁ ଗୁରୁତ୍ୱ : ସ୍ପ୍ରିଞ୍ଜର ନେଚର ପକ୍ଷରୁ ରାଇଜ୍ କନ୍‌କ୍ଲେଭ

**ଭୁବନେଶ୍ୱର, ୨୭/୦୮ ନ୍ୟୁଜ ବ୍ୟୁରୋ**

ଗବେଷକମାନଙ୍କୁ ଗବେଷଣା ନିମନ୍ତେ ଉପଯୁକ୍ତ ବିଷୟବସ୍ତୁ, ସାହାଯ୍ୟ ଓ ମଞ୍ଚ ଯୋଗାଇବାରେ ସହାୟକ ହେଉଥିବା ବିଶ୍ୱସ୍ତରୀୟ ପ୍ରକାଶନ ସଂସ୍ଥା ସ୍ପ୍ରିଞ୍ଜର ନେଚର ଦ୍ୱାରା ଶିକ୍ଷା ଓ ଅନୁସନ୍ଧାନ (ସୋଆ)ରେ ମଙ୍ଗଳବାର 'ରିସର୍ଚ୍ଚ ଇନ୍‌ଟିଗ୍ରିଟି ଇନ୍ ସାଇନ୍ସ ଆଣ୍ଡ ଏଜୁକେସନ୍' (ରାଇଜ୍) କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ଏହି ପରିପ୍ରେକ୍ଷୀରେ 'ରାଇଜ୍ କନ୍‌କ୍ଲେଭ୍' ମଧ୍ୟ ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏଭଳି କାର୍ଯ୍ୟକ୍ରମ ଉଚ୍ଚଶିକ୍ଷା କ୍ଷେତ୍ରରେ ଗବେଷଣାକୁ ଆହୁରି ଉଚ୍ଚତର ସୋପାନକୁ ନେବ ବୋଲି କହିଛନ୍ତି। ସାରା ଦେଶରେ ଗବେଷଣା କ୍ଷେତ୍ରରେ ସଚ୍ଚୋଟତା ନିମନ୍ତେ ଗବେଷକମାନଙ୍କ କାର୍ଯ୍ୟକୁ ସୁଗମ ଓ ସଶକ୍ତ କରିବା ଉପରେ ଗୁରୁତ୍ୱାରୋପ କରି ଏଭଳି ପଦକ୍ଷେପ ନିଆଯାଇଛି। ଆସନ୍ତା ମାସଠାରୁ ସ୍ପ୍ରିଞ୍ଜର ନେଚର ଇଣ୍ଡିଆ ରିସର୍ଚ୍ଚ ଟୁର-୨୦୨୪ କାର୍ଯ୍ୟକ୍ରମ ଦ୍ୱାରା ଗବେଷକମାନଙ୍କ ନିମନ୍ତେ ସାରା ଦେଶରେ 'ରାଇଜ୍ ରୋଡ୍‌ଶୋ', କର୍ମଶାଳା ଏବଂ ବିଭିନ୍ନ ଜ୍ଞାନ ଭିତ୍ତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ଏହି ଅବସରରେ ଶ୍ରୀମତୀ ପରିଡ଼ା କହିଥିଲେ ଯେ ଏହି ସମ୍ମିଳନୀ କେବଳ ଏକ ଶୈକ୍ଷିକ କାର୍ଯ୍ୟକ୍ରମ ନୁହେଁ ବରଂ ଗବେଷଣା କ୍ଷେତ୍ରରେ ନୈତିକ ଉତ୍କର୍ଷତା ନିମନ୍ତେ ଆଲୋଚନା, ସହଯୋଗିତା ଓ ଉଦ୍‌ଭାବନର ଦ୍ୱାରକୁ ଉନ୍ମୁକ୍ତ କରିଛି। ଏଭଳି ପଦକ୍ଷେପ ଖୁବ୍ ଗୁରୁତ୍ୱପୂର୍ଣ୍ଣ କାରଣ ଏହାର ଉଦ୍ଦେଶ୍ୟ ଭାରତର ଜାତୀୟ ଶିକ୍ଷା ନୀତି ୨୦୨୦ ସହିତ ମେଳ ଖାଉଛି ବୋଲି ପ୍ରକାଶ କରି ଶ୍ରୀମତୀ ପରିଡ଼ା କହିଥିଲେ ଯେ ବର୍ତ୍ତମାନ ଦେଶରେ ବିଭିନ୍ନ ପ୍ରସଙ୍ଗର ସମାଧାନର ବାଟ ବାହାର କରିବା ନିମନ୍ତେ ଶିକ୍ଷାବିତ୍ ଏବଂ ଗବେଷକମାନଙ୍କୁ ଅଭିନବ ଢ଼ଙ୍ଗରେ ଚିନ୍ତା କରିବାର ଆବଶ୍ୟକତା ରହିଛି। ସ୍ପ୍ରିଞ୍ଜର ନେଚର, ଶିକ୍ଷା ମନ୍ତ୍ରଣାଳୟ ଅଧୀନସ୍ଥ ଇଣ୍ଡିଆନ୍ କାଉନ୍‌ସିଲ୍ ଅଫ୍ ସୋସିଆଲ୍ ସାଇନ୍ସ ରିସର୍ଚ୍ଚ (ଆଇସିଏସ୍‌ଏସ୍‌ଆର) ଏବଂ ସୋଆ ଦ୍ୱାରା ମିଳିତ ଭାବେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସାରା ଦେଶର ଅନେକ ଗବେଷକ ଏବଂ ଶିକ୍ଷାବିତମାନେ ଯୋଗ ଦେଇଥିଲେ। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଅଲ୍ ଇଣ୍ଡିଆ କାଉନ୍‌ସିଲ୍ ଫର୍ ଟେକ୍ନିକାଲ୍ ଏଜୁକେସନ୍ (ଏଆଇସିଟିଇ)ର ଅଧ୍ୟକ୍ଷ ପ୍ରଫେସର ଟି.ଜି. ସୀତାରାମ, ସ୍ପ୍ରିଞ୍ଜର ନେଚର ଗ୍ରୁପର ସଭାପତି (ଗବେଷଣା) ଷ୍ଟିଭେନ୍ ଇନ୍‌ଚକୁମ୍ବେ, ବିଟ୍‌ସ ପିଲାନୀର ନିର୍ଦ୍ଦେଶକ ପ୍ରଫେସର ସୁଧୀର କୁମାର ବରାଇ, ଆଇସିଏସ୍‌ଏସ୍‌ଆରର ମେମ୍ବର ସେକ୍ରେଟାରୀ ପ୍ରଫେସର ଧନଞ୍ଜୟ ସିଂ, ସୋଆର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ, ସ୍ପ୍ରିଞ୍ଜର ନେଚର ଇଣ୍ଡିଆର ପରିଚାଳନା ନିର୍ଦ୍ଦେଶକ ଭେଙ୍କଟେଶ ସର୍ବସିଦ୍ଧି, ସୋଆର ସେଣ୍ଟର ଫର୍ କ୍ୱାଣ୍ଟମ୍ ସାଇନ୍ସ ଆଣ୍ଡ କ୍ୱାଣ୍ଟମ୍ ଟେକ୍ନୋଲୋଜିର ନିର୍ଦ୍ଦେଶକ ପ୍ରଫେସର ପ୍ରଶାନ୍ତ କୁମାର ପାଣିଗ୍ରାହୀ ଏବଂ ସୋଆ ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନିକାଲ୍ ଏଜୁକେସନ୍ ଆଣ୍ଡ ରିସର୍ଚ୍ଚ (ଆଇଟିଇଆର)ର ନିର୍ଦ୍ଦେଶକ ପ୍ରଫେସର ମାନସ କୁମାର ମଲ୍ଲିକ ପ୍ରମୁଖ ବକ୍ତବ୍ୟ ରଖିଥିଲେ।




## ରାଜ୍ୟରେ ଚିହ୍ନଟ ହେଲେଣି ୨,୭୫୯ ଡେଙ୍ଗୁ ରୋଗୀ

**ଭୁବନେଶ୍ୱର, ୨୭/୮ ନ୍ୟୁଜ ବ୍ୟୁରୋ**

ଚଳିତ ବର୍ଷ ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ୭୦ ହଜାର ଲୋକଙ୍କ ଡେଙ୍ଗୁ ପରୀକ୍ଷା କରାଯାଇଛି । ଚିହ୍ନଟ ହେଲେଣି ୨ ହଜାର ୭୫୯ ଜଣ ଡେଙ୍ଗୁ ରୋଗୀ । ସୁନ୍ଦରଗଡ଼ରୁ ସର୍ବାଧିକ ୮୬୫ ଜଣ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଥିବା ବେଳେ ଏହାପଛକୁ ଖୋର୍ଦ୍ଧାରେ ୮୩୭ ଡେଙ୍ଗୁ ପଜିଟିଭ ଚିହ୍ନଟ ହୋଇଛନ୍ତି । ଖୋର୍ଦ୍ଧା ଜିଲ୍ଲାରୁ କେବଳ ଭୁବନେଶ୍ୱରରେ ୫୦୦ରୁ ଅଧିକ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଛନ୍ତି । ବର୍ଷା ଶୀଘ୍ର ଆସିଥିବାରୁ ଡେଙ୍ଗୁ କେଶ୍ ବଢିବାର ସମ୍ଭାବନା ରହିଥାଏ । କିନ୍ତୁ ଏଥର ଆଗୁଆ ପଦକ୍ଷେପ ମଧ୍ୟ ନିଆଯାଇଛି । ଚଳିତ ବର୍ଷ ଭୁବନେଶ୍ୱରରେ ବର୍ଷ ଆରମ୍ଭରୁ ବର୍ତ୍ତମାନ ପର୍ଯ୍ୟନ୍ତ ୯୯ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଥିଲେ । ବିଭିନ୍ନ ପ୍ରକାର ପଦକ୍ଷେପ ଅନୁସାରେ ଡେଙ୍ଗୁ ନ ବଢିବା ପାଇଁ ନିଆଯାଇଛି । ଘରକୁ ଘର ବୁଲି ସର୍ଭେ କରିବା ସହ ଟିମ୍ ବୁଲି ଯାଞ୍ଚ କରୁଛି । କେଉଁ ଘର ବାହାରେ ପାଣି ଜମିଛି କି ନାହିଁ, ଫଗିଂ କରାଯାଉଛି, ଶୀଘ୍ର ରୋଗ ଚିହ୍ନଟିକରଣ ପାଇଁ ଏଲିଶା ମେସିନ ଦିଆଯାଇଛି । ପ୍ରାଇଭେଟ୍‌ରେ ଟେଷ୍ଟ ନକରାଇ ସରକାରୀ ଜାଗାରେ ପରୀକ୍ଷା ପାଇଁ କୁହାଯାଇଛି । ଯେଉଁ ପରୀକ୍ଷା ପଦ୍ଧତି ଗ୍ରହଣୀୟ ସେଥିରେ ପରୀକ୍ଷା କରନ୍ତୁ । ଭୁବନେଶ୍ୱର ପରୀକ୍ଷା କେନ୍ଦ୍ର ବଢ଼ାଯାଇଛି । ଏହାସହ ରାଜ୍ୟର ବିଭିନ୍ନ ଜିଲ୍ଲାରେ ମଧ୍ୟ ଡେଙ୍ଗୁ ପରୀକ୍ଷା ନେଇ ବ୍ୟବସ୍ଥା କରାଯାଇଛି ।

## ରାଷ୍ଟ୍ରପତିଙ୍କ ଦ୍ୱାରା 'ଜାତୀୟ ଶିକ୍ଷକ ପୁରସ୍କାର' ପାଇବେ ଓଡ଼ିଶାର ଦୁଇ ଶିକ୍ଷକ

**ନୂଆଦିଲ୍ଲୀ, ୨୭/୮**

ସେପ୍ଟେମ୍ବର ୫ ଗୁରୁଦିବସ ଅବସରରେ ଜାତୀୟ ଶିକ୍ଷକ ପୁରସ୍କାର ପାଇଁ ଓଡ଼ିଶାର ଦୁଇଜଣ ଶିକ୍ଷକଙ୍କୁ ମନୋନୀତ କରାଯାଇଛି । ରାଷ୍ଟ୍ରପତି ଦୌପଦୀ ମୁର୍ମୁ ଏହି ଦୁଇ ଶିକ୍ଷକଙ୍କ ସମେତ ଦେଶର ମୋଟ ୫୦ଜଣ ଶିକ୍ଷକଙ୍କୁ ପୁରସ୍କୃତ କରିବାର କାର୍ଯ୍ୟକ୍ରମ ରହିଛି । ସୂଚନା ଅନୁସାରେ, କଳାହାଣ୍ଡି ଜିଲ୍ଲାର ନର୍ଲାସ୍ଥିତ ଜୟଦୁର୍ଗା ଉଚ୍ଚ ବିଦ୍ୟାଳୟର ଶିକ୍ଷକ ସନ୍ତୋଷ କୁମାର କର ଓ ରାୟଗଡ଼ା ଜିଲ୍ଲାର ବିଲେସୁସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ଦ୍ୱିତିଚନ୍ଦ୍ର ସାହୁଙ୍କୁ ଚଳିତବର୍ଷ 'ଜାତୀୟ ଶିକ୍ଷକ ପୁରସ୍କାର' ପ୍ରଦାନ କରାଯିବ । ସେପ୍ଟେମ୍ବର ୫ତାରିଖ ଗୁରୁଦିବସରେ ନୂଆଦିଲ୍ଲୀର ବିଜ୍ଞାନ ଭବନଠାରେ ଆୟୋଜିତ ପୁରସ୍କାର ପ୍ରଦାନ ସମାରୋହରେ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ଏହି ଶିକ୍ଷକମାନଙ୍କୁ ମେରିଟ୍ ସାର୍ଟିଫିକେଟ୍, ନଗଦ ୫୦ହଜାର ଟଙ୍କା ଓ ରୌପ୍ୟ ପଦକ ପ୍ରଦାନ କରିବେ । ମଙ୍ଗଳବାର ଏନେଇ ରାଜ୍ୟ ସ୍କୁଲ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।




## ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ରବିବାସରୀୟ କଳିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କସ୍ଥ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com

# ସମୁଦ୍ର କୂଳରେ ଖତ ଖାଉଛି ଲକ୍ଷ ଲକ୍ଷ ଟଙ୍କାର କିଓସ୍କ : ବେଳାଭୂମିରେ ବଢୁଛି ଅପରାଧ

**ପୁରୀ:୨୭/୮ ନ୍ୟୁଜ ବ୍ୟୁରୋ**

ସମୁଦ୍ର କୂଳରେ ଖତ ଖାଉଛି ଲକ୍ଷ ଲକ୍ଷ ଟଙ୍କାର କିଓସ୍କ। ଗୋଟିଏ ନୁହେଁ କି ଦୁଇଟି ନୁହେଁ ଏକାଥରକେ ୧୨୦ ଟି କିଓସ୍କ ଏବେ ସମୁଦ୍ର କୂଳରେ ପଡି ରହିଛି। ଯାହାକୁ ନେଇ ଉଠା ଦୋକାନୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ସମୁଦ୍ର କୂଳରେ ଏଣେ ତେଣେ ବସୁଥିବା ଉଠା ଦୋକାନୀଙ୍କୁ ବ୍ୟବସ୍ଥିତ ଢଙ୍ଗରେ ବସାଇବା ପାଇଁ ତତ୍କାଳିନ ବିଜେଡି ସରକାର ଏହି କିଓସ୍କ ବ୍ୟବସ୍ଥା କରିଥିଲେ। ଏଥିପାଇଁ ଓବିସିସିକୁ ଦାୟିତ୍ୱ ଦିଆଯାଇଥିଲା । ପ୍ରଥମ ପର୍ଯ୍ୟାୟରେ ୧୨୦ଟି କିଓସ୍କ ସମୁଦ୍ର କୂଳକୁ ଅଣାଯାଇଥିଲା। ପରବର୍ତ୍ତୀ ପର୍ଯ୍ୟାୟରେ ଅଧିକ କିଓସ୍କ ପକାଯିବାର ଯୋଜନା ମଧ୍ୟ କରାଯାଇଥିଲା । ଏହାକୁ ପାଇବା ଆଶାରେ ସମୁଦ୍ର କୂଳରେ ଉଠା ଦୋକାନୀ ଏବେ ନିରାଶ ହୋଇଥିବା ବେଳେ ଏଣେତେଣେ ବ୍ୟବସାୟ କରୁଛନ୍ତି। ଯାହା ଫଳରେ ବେଳାଭୂମିର ସୌନ୍ଦର୍ଯ୍ୟ ହାନି ହେବା ସହ ପର୍ଯ୍ୟଟକମାନେ ବୁଲାବୁଲି ସମୟରେ ନାକ ଟେକୁଛନ୍ତି। ଲକ୍ଷ ଲକ୍ଷ ଟଙ୍କାର କିଓସ୍କ ଏବେ ନଷ୍ଟ ହେବାକୁ ବସିଥିବା ବେଳେ ତୁରନ୍ତ ଉଠା ଦୋକାନୀଙ୍କୁ ଏହା ପ୍ରଦାନ କରିବାକୁ ଦାବି ହୋଇଛି। ବେଳାଭୂମିରେ ବ୍ୟବସାୟ କରୁଥିବା ଉଠା ଦୋକାନୀଙ୍କୁ ବ୍ୟବସ୍ଥିତ କରିବା ପାଇଁ ୬ ଶହରୁ ଅଧିକ କିଓସ୍କ ନିର୍ମାଣ ପାଇଁ ପୂର୍ବ ସରକାରର ଯୋଜନା ଥିଲା। ପ୍ରାରମ୍ଭିକ ପର୍ଯ୍ୟାୟରେ ପୁରୀ ଦିଗବାରେଣି ଛକ ନିକଟ ବେଳାଭୂମିରେ ୧୨୦ ଟି କିଓସ୍କ ପକା ଯାଇଥିଲା। ତେବେ ଇତି ମଧ୍ୟରେ ଦେଢ଼ ବର୍ଷରୁ ଉର୍ଦ୍ଧ୍ୱ ସମୟ ଅତିକ୍ରମ ହୋଇସାରିଥିଲା ବେଳେ ଏହା କୌଣସି କାର୍ଯ୍ୟରେ ଲାଗିପାରି ନଥିବାରୁ ଅଧିକାଂଶ କିଓସ୍କ ଭାଙ୍ଗି ଯାଇଛି । ସନ୍ଧ୍ୟା ହେଲେ ଅସାମାଜିକ ବ୍ୟକ୍ତିମାନେ ବିଭିନ୍ନ ଅସାମାଜିକ କାର୍ଯ୍ୟକଳାପରେ ଏଥିରେ ଲିପ୍ତ ରହୁଛନ୍ତି। ଯାହା ଫଳରେ ବେଳାଭୂମିରେ ବିଭିନ୍ନ ଅପରାଧ ବଢ଼ି ଚାଲିଛି। ପୁରୀ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ କହିଛନ୍ତି, "ପୁରୀ ବେଳାଭୂମିର ଉନ୍ନତୀକରଣ କାର୍ଯ୍ୟ ଚାଲିଛି। ପର୍ଯ୍ୟଟକମାନେ ବୁଲାବୁଲି କରିବା ପାଇଁ ବିଚ୍‌ରେ ପାଦଚଲା ରାସ୍ତା କରାଯାଇଛି। ଏହା ଉପରେ କୌଣସି ବ୍ୟବସାୟ ପାଇଁ ଅନୁମତି ଦିଆଯିବ ନାହିଁ। ବେଳାଭୂମିର ସୌନ୍ଦର୍ଯ୍ୟ ବୃଦ୍ଧି ପାଇଁ ଆଗାମୀ ଦିନରେ ଆହୁରି ପଦକ୍ଷେପ ନିଆଯିବ। ଏଣେ ତେଣେ ବସି ବ୍ୟବସାୟ କରିବାକୁ ଅନୁମତି ଦିଆଯିବନାହିଁ। ବେଳାଭୂମିରେ ପର୍ଯ୍ୟଟକଙ୍କ ମନୋରଞ୍ଜନ ପାଇଁ ବିଭିନ୍ନ ସ୍ଥାନରେ ବିଭିନ୍ନ କାର୍ଯ୍ୟକ୍ରମ ଆଗାମୀ ଦିନରେ କରାଯିବ। ବେଳାଭୂମିରେ ଅନେକ କଟକଣା ନିୟମ ରହିଛି। ତାକୁ ଦୃଷ୍ଟିରେ ରଖି ଲୋକଙ୍କ ଜୀବନ ଜୀବିକା ଯେଭଳି ପ୍ରଭାବିତ ନ ହୁଏ ସେ ଦିଗରେ ଧ୍ୟାନ ଦିଆଯିବ। ତେବେ କିଓସ୍କଗୁଡିକ କେଉଁ ସ୍ଥାନରେ ପଡ଼ିବ ସେ ନେଇ ଆଲୋଚନା ପରେ ଯାହା କିଛି ନିଷ୍ପତ୍ତି ନିଆଯିବ।



## ନ୍ୟାୟ ପାଇଁ ଡିସିପିଙ୍କ ଦ୍ୱାରସ୍ଥ ହେଲେ ମହିଳା

**ଭୁବନେଶ୍ୱର୨୭/୮ ନ୍ୟୁଜ ବ୍ୟୁରୋ**

ପୁଣି ଖାକିରେ ଦାଗ । ନିଜେ ମହିଳା ହୋଇ ଜଣେ ମହିଳାଙ୍କୁ ମାରିଲେ ମାଡ଼ । ମହିଳା ପୋଲିସ ଏସ୍‌ଆଇଙ୍କ ବିରୋଧରେ ଆସିଛି ସାଙ୍ଘାତିକ ଅଭିଯୋଗ । ଥାନାକୁ ଅଭିଯୋଗ କରିବାକୁ ଯାଇଥିବାବେଳେ ଜଣେ ମହିଳାଙ୍କୁ ମାଡ଼ ମାରିଲେ ମହିଳା ଏସ୍‌ଆଇ । ଥାନା ଭିତରେ ଲାଠିରେ ମାଡ଼ ମାରିଥିବା ଅଭିଯୋଗ ହୋଇଛି । ନ୍ୟାୟ ପାଇଁ ଡିସିପିଙ୍କ ଦ୍ୱାରସ୍ଥ ହେଲେ ଅଭିଯୋଗକାରିଣୀ । ଅଭିଯୋଗକାରିଣୀ ମହିଳା ଜଣକ ଖଣ୍ଡଗିରି ଅଞ୍ଚଳର ଲକ୍ଷ୍ମୀ ଡାକୁଆ । ଗାଡି ପାର୍କିଂକୁ କେନ୍ଦ୍ରକରି ପଡୋଶୀଙ୍କ ସହ ଝଗଡ଼ା ହୋଇଥିଲା । ଏନେଇ ଖଣ୍ଡଗିରି ଥାନାକୁ ଅଭିଯୋଗ କରିବାକୁ ଯାଇଥିଲେ ଲକ୍ଷ୍ମୀ ଡାକୁଆ । ସମାଧାନ ବଦଳରେ ପୋଲିସ୍ ମାଡ଼ ମାରି ବିଦା କରିଥିବା ଅଭିଯୋଗ ହୋଇଛି ।